
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୯ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 MAY 2025
Vol.No. 36 ■ No.141 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ସୀମାରେ ମକଡ୍ରିଲ କରିବ ଭାରତ



ନୂଆଦିଲ୍ଲୀ, ୨୮/୫ : ୪ଟି ରାଜ୍ୟରେ ପୁଣି ମକ୍‌ଡ୍ରିଲ୍ କରିବାକୁ ପ୍ରସ୍ତୁତ ହେଉଛି ସେନା । ମାର୍ଚ୍ଚ ୨୨ ତାରିଖରେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଗତ ମେ ୭ ତାରିଖରେ ପାକିସ୍ତାନ ସହ ସଂଲଗ୍ନ ୪ଟି ରାଜ୍ୟରେ ମକ୍‌ଡ୍ରିଲ୍ କରିବାକୁ ଯୋଜନା ରହିଥିଲା । ଏହି ସମୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି । ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଏବଂ ଜମ୍ମୁ ଓ କାଶ୍ମୀରରେ ଏହି ମକ୍‌ଡ୍ରିଲ୍ କରାଯିବ । ଯେଉଁ ଗାଁଗୁଡ଼ିକ ପାକିସ୍ତାନ ସୀମାକୁ ଲାଗିଛି ବିଶେଷ କରି ସେହି ସବୁ ଗାଁଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଛି । ଗତ ମେ ୭ ତାରିଖରେ ୪ଟି ରାଜ୍ୟରେ ଭାରତୀୟ ସଶସ୍ତ୍ର ସେନା ମକ୍‌ଡ୍ରିଲ୍ କରିବାକୁ ଯୋଜନା କରିଥିଲା । ପହଲଗାମ ଆତଙ୍କୀ ଆକ୍ରମଣ ପରେ ଏଭଳି ଘୋଷଣା କରିଥିଲେ ସରକାର । ଏହାପୂର୍ବରୁ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଆଡ୍ଡାସ୍ଥଳୀକୁ ଧ୍ୱଂସ କରି ଦେଇଥିଲା ଭାରତୀୟ ସେନା । ପାକିସ୍ତାନ ସହ ଭାରତର ଦୀର୍ଘ ୩୩୦୦ କିଲୋମିଟର ଧରି ସୀମା ରହିଛି । ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଏବଂ ଜମ୍ମୁ ଓ କାଶ୍ମୀର ଆଦି ରାଜ୍ୟ ପାକିସ୍ତାନ ସୀମାକୁ ଲାଗି ରହିଛି । ବିଶେଷ କରି ଯେଉଁ ସବୁ ଗାଁଗୁଡ଼ିକ ପାକିସ୍ତାନକୁ ଲାଗିଛି ସେଠାରେ ମକ୍‌ଡ୍ରିଲ୍ କରାଯିବ । ଏଣୁ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି । କାରଣ ଭାରତର ଏୟାରଷ୍ଟ୍ରାଇକ୍ ପରେ ଉପରୋକ୍ତ ରାଜ୍ୟର ସୀମାବର୍ତ୍ତୀ ଗାଁଗୁଡ଼ିକୁ ଟାର୍ଗେଟ୍ କରିଥିଲା ପାକିସ୍ତାନ । ଡ୍ରୋନ୍ ଆଟାକ୍ କରିବାକୁ ପ୍ରୟାସ କରିଥିଲା ପାକିସ୍ତାନ । ପ୍ରାୟ ୪୦୦ରୁ ୫୦୦ ଡ୍ରୋନ୍ ପାକିସ୍ତାନ ପଠାଇଥିବା ବେଳେ ଭାରତର ଏୟାରଡିଫେନ୍ସ ସିଷ୍ଟମ ଏହି ସବୁ ଡ୍ରୋନ୍‌ଗୁଡ଼ିକୁ ନଷ୍ଟ କରିଦେଇଥିଲା । ପାକିସ୍ତାନ ସୀମାକୁ ଲାଗିଥିବା ଗାଁଗୁଡ଼ିକରେ ବ୍ଲାକ୍‌ଆଉଟ୍ କରିବା ସହ ଯୁଦ୍ଧ ସାଇରନ ବଜାଇଥିଲା ସେନା । ଏହାର କାରଣ ଥିଲା ପାକିସ୍ତାନ ଡ୍ରୋନ୍ ଓ ମିସାଇଲ୍ । ପାଲଟା ଜବାବରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା ପାକିସ୍ତାନ । ପାକିସ୍ତାନର ନୁର ଖାନ୍ ଏୟାରବେସ୍ ଉପରେ ଆକ୍ରମଣ କରିଥିଲା ଭାରତ । ଏହାକୁ ସ୍ୱୀକାର କରିଥିଲେ ପାକିସ୍ତାନର ପ୍ରଧାନମନ୍ତ୍ରୀ। ଏକ ସମାରୋହରେ ଯୋଗ ଦେଇ ସ୍ୱୀକାରୋକ୍ତି କରିଥିଲେ ସେହବାଜ ସରିଫ । ଏବେ ପୁଣି ସୀମାରେ ଭାରତୀୟ ସେନା ମକ୍‌ଡ୍ରିଲ୍ କରିବାକୁ ଘୋଷଣା କରିଛି । ତେଣୁ ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଗାଁଗୁଡ଼ିକୁ ସତର୍କ ରହିବାକୁ କହିଛି ଭାରତୀୟ ସେନା।

## କମଲ ହାସନଙ୍କ କନ୍ନଡ ‘ତାମିଲରୁ ଜନ୍ମ’ ମନ୍ତବ୍ୟକୁ ନେଇ କର୍ଣ୍ଣାଟକରେ ଭାଷା ବିବାଦ



ନୂଆଦିଲ୍ଲୀ, ୨୮/୫ : ଅଭିନେତା-ରାଜନେତା କମଲ ହାସନଙ୍କ ନିକଟରେ ଏକ ଚଳଚ୍ଚିତ୍ର କାର୍ଯ୍ୟକ୍ରମରେ କନ୍ନଡ ଭାଷା ‘ତାମିଲରୁ ଜନ୍ମ’ ହୋଇଛି ବୋଲି ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି, ଯାହାକୁ କର୍ଣ୍ଣାଟକର କିଛି ଗୋଷ୍ଠୀ ପ୍ରଶ୍ନ କରିଛନ୍ତି ।ଚେନ୍ନାଇରେ ତାଙ୍କର ଆଗାମୀ ଚଳଚ୍ଚିତ୍ର ’ଠଗ୍ ଲାଇଫ୍’ର ଅଡିଓ ଲଞ୍ଚ୍ ଅବସରରେ ହାସନ ତାମିଲ୍ ସହିତ ତାଙ୍କର ଆଜୀବନ ସମ୍ପର୍କ ବିଷୟରେ କହିଥିଲେ ଏବଂ ତାଙ୍କ ମନ୍ତବ୍ୟ ଆରମ୍ଭ କରିଥିଲେ: ‘ଉୟିରେ ଉରାଭେ ତାମିଝେ (ମୋ ଜୀବନ ଏବଂ ମୋ ପରିବାର ତାମିଲ୍)’ । ତାଙ୍କ ସହିତ ମଞ୍ଚରେ ଉପସ୍ଥିତ ଥିବା କନ୍ନଡ ଅଭିନେତା ଶିବରାଜକୁମାରଙ୍କୁ ସମ୍ବୋଧିତ କରି ହାସନ କହିଥିଲେ,

▶▶ପୃଷ୍ଠା ୭

## ଏପ୍ରିଲରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ ଅଭିବୃଦ୍ଧି ୮ ମାସର ସର୍ବନିମ୍ନ ୨.୭%କୁ ହ୍ରାସ



ନୂଆଦିଲ୍ଲୀ, ୨୮/୫ : ଦେଶରେ ଶିଳ୍ପ କାର୍ଯ୍ୟକଳାପର ଅଭିବୃଦ୍ଧି ଏପ୍ରିଲ୍ ୨୦୨୫ରେ ଆଠ ମାସର ସର୍ବନିମ୍ନ ୨.୭%କୁ ହ୍ରାସ ପାଇଛି। ଖଣି ଓ ଖନନ, ବିଦ୍ୟୁତ୍, ପ୍ରାଥମିକ ସାମଗ୍ରୀ, ଭିତ୍ତିଭୂମି ଓ ନିର୍ମାଣ, ଏବଂ ଅଣ-ସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ କମ୍ କାର୍ଯ୍ୟକଳାପ ଯୋଗୁଁ ଏହା ହୋଇଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟରନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏପ୍ରିଲ୍ ୨୦୨୫ ପାଇଁ ଶିଳ୍ପ ଉତ୍ପାଦନ ସୂଚକାଙ୍କ ଅନୁଯାୟୀ, ଶିଳ୍ପ କାର୍ଯ୍ୟକଳାପରେ ଅଭିବୃଦ୍ଧି ଶେଷ ଥର ପାଇଁ ଅଗଷ୍ଟ ୨୦୨୪ରେ ଧୀମା ହୋଇଥିଲା, ଯେତେବେଳେ ଏହା ୦.୧% ସଙ୍କୁଚିତ ହୋଇଥିଲା। ଏହି ବର୍ଷ ଏପ୍ରିଲରେ, ଖଣି ଓ ଖନନ କ୍ଷେତ୍ର ୦.୨% ସଙ୍କୁଚିତ ହୋଇଛି, ଯାହା ଅଗଷ୍ଟ

▶▶ପୃଷ୍ଠା ୭

## ୧୫ ଦିନ ଆଗୁଆ ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୨୮/୫ (ନି.ପ୍ର): ୧୬ ବର୍ଷ ପରେ ମେ’ରେ ପୁଣି ଓଡ଼ିଶା ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ନିର୍ଦ୍ଧାରିତ ସମୟର ପାଖାପାଖି ୨ ସପ୍ତାହ ପୂର୍ବରୁ ରାଜ୍ୟରେ ପହଞ୍ଚି ଯାଇଛି ମନସୁନ୍। ଯାହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ସହିତ ରାଜ୍ୟର ଅନ୍ୟ ଅଂଚଳରେ ବି ବର୍ଷା ଲାଗି ରହିଛି। ସେପଟେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ, ମୌସୁମୀ ପ୍ରବାହକୁ ଅଧିକ ବଳ ଯୋଗାଇଛି। ଆସନ୍ତାକାଲି ପାଇଁ ୪ଟି ଜିଲ୍ଲାକୁ ଅରେଞ୍ଜ୍ ଓ ବାକି ୨୬ ଜିଲ୍ଲା ପାଇଁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ । ଚାଷୀ ଭାଇଙ୍କ ପାଇଁ ଖୁସି ଖବର। ଏଥର ଆଗୁଆ ଆସିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଠାରୁ ଢେର୍ ପୂର୍ବରୁ ଓଡ଼ିଶାକୁ ଭିଜାଇଛି ମୌସୁମୀ। ଦକ୍ଷିଣ ଓଡ଼ିଶା ଦେଇ ରାଜ୍ୟରେ ପ୍ରବେଶ କରିବା ସହିତ ଆଜି ସୁଦ୍ଧା ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ପୁରା କଭର୍ କରିଛି। ସେହିପରି ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲ୍ଲାକୁ ଆଂଶିକ ଭାବେ ଛୁଇଁଛି। ଯାହାର ପ୍ରଭାବରେ ଏସବୁ ଜିଲ୍ଲାଗୁଡ଼ିକରେ ବର୍ଷା ଲାଗି ରହିଛି।

## ରାଜ୍ୟରେ ପୁଣି ଡରାଇଲାଣି କରୋନା: ଭୁବନେଶ୍ୱର ପାଲଟିଛି କୋଭିଡ୍ ହଟ୍‌ସ୍ପଟ୍



ଭୁବନେଶ୍ୱର, ୨୮/୫ (ନି.ପ୍ର): ଓଡ଼ିଶାରେ ମାଡ଼ି ଚାଲିଛି କରୋନା ସଂକ୍ରମଣ । ସପ୍ତାହକରେ ଚିହ୍ନଟ ହେଲେଣି ୫ କୋଭିଡ୍ ପଜିଟିଭ୍, ତା ଭିତରୁ କେବଳ ଭୁବନେଶ୍ୱରରୁ ୪ । ତେବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ରାଜ୍ୟରେ ନିୟନ୍ତ୍ରଣରେ ଅଛି କୋଭିଡ୍ ସଂକ୍ରମଣ । କୌଣସି ଅସ୍ୱାଭାବିକ ବୃଦ୍ଧି ଦେଖିବାକୁ ମିଳିନି। ଏବେ ପୁରୁଣା ଗାଇଡ୍ ଲାଇନ୍ ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ସପ୍ତାହକ ତଳେ ମେ’ ୨୧ରେ ରାଜ୍ୟରେ ଚିହ୍ନଟ ହୋଇଥିଲା ଚଳିତ ବର୍ଷର ପ୍ରଥମ କୋଭିଡ୍ ପଜିଟିଭ । କରୋନାରେ ଆକ୍ରାନ୍ତ ହୋଇଥିଲେ ଭୁବନେଶ୍ୱରର ଜଣେ ୭୬ ବର୍ଷୀୟ ବୟସ୍କ। ସପ୍ତାହେ ନ ଛୁଉଁଣୁ ରାଜ୍ୟରେ ପୁଣି ଚିହ୍ନଟ ହେଲେଣି ଆଉ ୪ କରୋନା ଆକ୍ରାନ୍ତ। ଏମାନଙ୍କ ମଧ୍ୟରୁ ୩ ଜଣ ଭୁବନେଶ୍ୱରରୁ

▶▶ପୃଷ୍ଠା ୭

## ଶଶି ଥରୁରଙ୍କୁ ‘ବିଜେପିର ସୁପର ମୁଖପାତ୍ର’ କହିଲେ କଂଗ୍ରେସ ନେତା ଉଦିତ ରାଜ



ନୂଆଦିଲ୍ଲୀ, ୨୮/୫ : କଂଗ୍ରେସ ନେତା ଉଦିତ ରାଜ ବୁଧବାର ତାଙ୍କ ଦଳର ସହକର୍ମୀ ତଥା ଲୋକସଭା ସାଂସଦ ଶଶି ଥରୁରଙ୍କୁ ପାନାମାରେ ବହୁଦଳୀୟ ପ୍ରତିନିଧି ଦଳର ଅଂଶ ଭାବରେ ଦେଇଥିବା ବୟାନକୁ ନେଇ ସମାଲୋଚନା କରିଛନ୍ତି ଏବଂ ତାଙ୍କୁ “ବିଜେପିର ପ୍ରଚାର ଷ୍ଟଣ୍ଟର ମୁଖପାତ୍ର” ବୋଲି କହିଛନ୍ତି। ଶ୍ରୀ ରାଜ ଆହୁରି

▶▶ପୃଷ୍ଠା ୭

## ଟ୍ରମ୍ପଙ୍କ କାନାଡାକୁ ‘ଗୋଲଡେନ୍ ଡୋମ୍’ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ‘ମାଗଣାରେ’ ପ୍ରଦାନ କରିବାକୁ ପ୍ରସ୍ତାବ



ନୂଆଦିଲ୍ଲୀ, ୨୮/୫ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କାନାଡାକୁ ‘ଗୋଲଡେନ୍ ଡୋମ୍’ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ମାଗଣାରେ ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଟ୍ରମ୍ପ୍ ଏକ ସର୍ତ୍ତ ଯୋଡିଛନ୍ତି ଯେ ଯଦି ଓଟାୱା ଆମେରିକାର ୫୧ତମ ରାଜ୍ୟର ଅଂଶ ହୁଏ, ତେବେ ଏହା କୌଣସି ଶୁଳ୍କ ନଦେଇ ଏହାକୁ ପାଇପାରିବ। ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରସ୍ତାବିତ ‘ଗୋଲଡେନ୍ ଡୋମ୍’ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀକୁ ଉନ୍ମୋଚନ କରିଛନ୍ତି, ଯାହା ତାଙ୍କ କାର୍ଯ୍ୟକାଳ ଶେଷ ସୁଦ୍ଧା ପ୍ରସ୍ତୁତ ହୋଇଯିବ। ସେ ବିଶ୍ୱାସ କରନ୍ତି ଯେ ଏହା ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ସମେତ ଆମେରିକା ବିରୁଦ୍ଧରେ ‘ପରବର୍ତ୍ତୀ ପିଢ଼ିର’ ଆକାଶୀୟ ବିପଦର ମୁକାବିଲା କରିବାକୁ ସକ୍ଷମ ହେବ। ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟକ୍ରମର ମୂଲ୍ୟ ପ୍ରାୟ ୧୭୫ ବିଲିୟନ ଡଲାର୍ ହେବ। ଟ୍ରମ୍ପ୍ କହିଛନ୍ତି ଯେ ଯଦି କାନାଡା ଏକ ପୃଥକ, ସ୍ୱାଧୀନ ଦେଶ ଭାବରେ ରୁହେ, ତେବେ ‘ଗୋଲଡେନ୍ ଡୋମ୍’ ପାଇଁ ତାକୁ ୬୧ ବିଲିୟନ ଡଲାର୍ ଖର୍ଚ୍ଚ କରିବାକୁ ପଡିବ। ତେବେ, ଯଦି ଏହା ଆମେରିକାର ୫୧ତମ ରାଜ୍ୟ ଭାବରେ ଯୋଗଦିଏ, ତେବେ ଏହା ମାଗଣା ହେବ। ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ୍ କହିଛନ୍ତି, “ମୁଁ କାନାଡାକୁ କହିଛି, ଯାହା ଆମର ଚମତ୍କାର ଗୋଲଡେନ୍ ଡୋମ୍ ସିଷ୍ଟମର ଅଂଶ ହେବାକୁ ବହୁତ ଚାହୁଁଛି, ଯେ ଯଦି ସେମାନେ ଏକ ପୃଥକ, କିନ୍ତୁ ଅସମାନ, ରାଷ୍ଟ୍ର ଭାବରେ ରୁହନ୍ତି, ତେବେ ଏହାର ମୂଲ୍ୟ ୬୧ ବିଲିୟନ ଡଲାର୍ ହେବ, କିନ୍ତୁ ଯଦି ସେମାନେ ଆମର ପ୍ରିୟ ୫୧ତମ ରାଜ୍ୟ ହୁଅନ୍ତି, ତେବେ ଏହାର ମୂଲ୍ୟ ଶୂନ ଡଲାର୍ ହେବ।” ଟ୍ରମ୍ପ୍ ପୋଷ୍ଟରେ ଆହୁରି ଲେଖିଛନ୍ତି, “ସେମାନେ ଏହି ପ୍ରସ୍ତାବ ଉପରେ ବିଚାର କରୁଛନ୍ତି!” ଟ୍ରମ୍ପ୍ କାନାଡାର ସାର୍ବଭୌମତ୍ୱକୁ ଆମେରିକାର ଅଂଶ ହେବାକୁ ଅନୁରୋଧ କରି ବାରମ୍ବାର ଧମକ ଦେଇ ଆସୁଥିବାରୁ ଏହି ଖବର ଶିରୋନାମା ପାଲଟିଛି। କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମେରିକାରେ ଯୋଗଦେବା ପାଇଁ ଟ୍ରମ୍ପଙ୍କ ପ୍ରସ୍ତାବରୁ ଦୂରେଇ ରହିଥିଲେ ଏବଂ ଟ୍ରମ୍ପଙ୍କ ଶୁଳ୍କ ଓ ସାର୍ବଭୌମତ୍ୱ ଧମକର ମୁକାବିଲା ପାଇଁ ତାଙ୍କର

▶▶ପୃଷ୍ଠା ୭

## ଆଜୀବନ ଜେଲରେ ରହିବେ ପୁଞ୍ଜିଲାଲ୍

ପାଟଣାଗଡ଼ , ୨୮/୫ (ନି.ପ୍ର): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଆସିଛି ରାୟ । ୭ ବର୍ଷର ନ୍ୟାୟିକ ତଦନ୍ତ ପରେ ରାୟ ପ୍ରକାଶ ପାଇଛି । ମାମଲାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ପାଟଣାଗଡ଼ ଏଡିଜେ କୋର୍ଟ । ୬୨ ଜଣଙ୍କ ସାକ୍ଷ୍ୟଗ୍ରହଣ ସହ ପକ୍ଷ ଓ ପ୍ରତିପକ୍ଷଙ୍କ ଜୋରଦାର ଯୁକ୍ତିତର୍କ ପରେ ମେ ୧୪ରେ ଶୁଣାଣି ଶେଷ ହୋଇଥିଲା । ଆଉ ଆଜି(ବୁଧବାର) ଦୋଷୀ ସାବ୍ୟସ୍ତ ହୋଇଛି ପୁଞ୍ଜିଲାଲ । ରାୟ ଶୁଣାଣି ବେଳେ ପୁଞ୍ଜିଲାଲ କୋର୍ଟରେ ଉପସ୍ଥିତ ଥିଲା । ପୁଞ୍ଜିଲାଲ ମେହେରଙ୍କ ସ୍ତ୍ରୀ ଓ ପୁଅ, ମୃତ ସୌମ୍ୟଶେଖରଙ୍କ ବାପା ମାଆଙ୍କ ଉପସ୍ଥିତରେ ରାୟ ଶୁଣାଇଛନ୍ତି ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜର୍ଜ । ଆଜୀବନ ଦଣ୍ଡାଦେଶ ସହ ବିଭିନ୍ନ ଧାରାରେ ଲକ୍ଷେ ୪୦ ହଜାର ଟଙ୍କା ଜୋରିମାନା ଶୁଣାଇଛନ୍ତି କୋର୍ଟ । ବିବାହକୁ ମାତ୍ର ଦିନ ୪ଟା ପୂରି ନଥିବା ବେଳେ ଆଖି ସାମ୍ନାରେ ଉଜୁଡି ଯାଇଥିଲା ପାଟଣାଗଡର ସୁନାର ସଂସାର । ମୃତ ସୌମ୍ୟଶେଖରଙ୍କ ମାଆଙ୍କ ସହ ବିବାଦ ପରେ ବଲାଙ୍ଗୀର ଭଇଁସା କଲେଜର ଇଂରାଜି ଅଧ୍ୟାପକ

▶▶ପୃଷ୍ଠା ୭

## ଅଞ୍ଜଳି ପଣ୍ଡାଙ୍କ ଗଳ୍ପଗ୍ରନ୍ଥ ‘ସୁବର୍ଣ୍ଣା’ ଲୋକାର୍ପିତ




ବାଲେଶ୍ୱର,୨୭୫ (ନିପ୍ର): ବାଲେଶ୍ୱର,୨୭୫(ନିପ୍ର): ବିଶିଷ୍ଟ ଉଦ୍ୟୋଗୀ ତଥା ସମାଜସେବୀ ସୁଧାସିନ୍ଧୁ ପଣ୍ଡାଙ୍କ ୭୯ତମ ଜନ୍ମ ଦିବସ ଅବସରରେ ତାଙ୍କ ସହଧର୍ମିଣୀ କବୟିତ୍ରୀ ଅଞ୍ଜଳି ପଣ୍ଡାଙ୍କ ଗଳ୍ପଗ୍ରନ୍ଥ ‘ସୁବର୍ଣ୍ଣା’ ସ୍ଥାନୀୟ ହୋଟେଲ ଲକ୍ଷ୍ମୀ ଇଣ୍ଟରନ୍ୟାସନାଲ ପରିସରରେ ମଙ୍ଗଳବାର ଲୋକାର୍ପିତ ହୋଇଛି । ସଂଧାରେ ଅକ୍ଷାଂଶ ପ୍ରକାଶନୀ ଆନୁକୂଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ ତଥା ବିଶିଷ୍ଟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହିତ ଶ୍ରୀମତୀ ପଣ୍ଡାଙ୍କ ଲେଖନୀ ଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ । ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ

▶▶ପୃଷ୍ଠା ୭

## ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲି ଖାନ୍ ମହମୁଦାବାଦଙ୍କ ଉପରେ ଲଗାଯାଇଥିବା ଜାମିନ ସର୍ତ୍ତ କୋହଳ କରିବାକୁ ସୁପ୍ରିମକୋର୍ଟର ମନା

ନୂଆଦିଲ୍ଲୀ, ୨୮/୫ : ସୁପ୍ରିମକୋର୍ଟ ବୁଧବାର ଦିନ ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲି ଖାନ୍ ମହମୁଦାବାଦଙ୍କୁ ଅପରେସନ ସିନ୍ଦୂର ଉପରେ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଜାମିନ ପ୍ରଦାନ କରିବା ସମୟରେ ଲଗାଇଥିବା ସର୍ତ୍ତଗୁଡ଼ିକୁ କୋହଳ କରିବାକୁ ମନା କରିଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ କହିଛନ୍ତି ଯେ ପରବର୍ତ୍ତୀ ଶୁଣାଣି ସମୟରେ ସେ ଏହି ଅନୁରୋଧକୁ ଉଲ୍ଲେଖ କରିପାରିବେ। ଏହା ମଧ୍ୟ କହିଛି ଯେ ମହମୁଦାବାଦଙ୍କୁ ପ୍ରଦାନ କରାଯାଇଥିବା ଗିରଫଦାରୀରୁ ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜାରି ରହିବ। ମାମଲା ସମ୍ବନ୍ଧୀୟ ବିଷୟରେ ସୋସିଆଲ ମିଡିଆ ପୋଷ୍ଟ ଲେଖିବାରୁ ମହମୁଦାବାଦଙ୍କୁ ବାରଣ କରୁଥିବା ଜାମିନ ସର୍ତ୍ତ ଉପରେ ସିବଲ କହିଥିଲେ ଯେ ଏହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ। ଆଇନଜୀବୀ କହିଥିଲେ, “ଏମାନେ ପରିପକ୍ୱ ଲୋକ, ସେ ଜଣେ ଅକ୍ସଫୋର୍ଡ ସ୍ନାତକ।” ତେବେ, ଅଦାଲତ କହିଥିଲେ ଯେ ସେ ଆଉ କିଛି ସମୟ ଅପେକ୍ଷା କରିବା ଉଚିତ୍ ଏବଂ ପରବର୍ତ୍ତୀ ଶୁଣାଣି ତାରିଖରେ ଏହି ବିଷୟରେ ମନେ ପକାଇବା ଉଚିତ୍। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ହରିୟାଣା ପୋଲିସ ତିନିଜଣ ଆଇପିଏସ

▶▶ପୃଷ୍ଠା ୭

# ଜୁନ୍ ୫ ତାରିଖରେ ଖୋଲିବ ରବିମଣ୍ଡି

ଜୟପୁର, ୨୮/୫ (ନି.ପ୍ର): ଆସନ୍ତା ଜୁନ୍ ୫ ତାରିଖରେ ରବିମଣ୍ଡି ଖୋଲିବ ବୋଲି ଜିଲ୍ଲାପାଳ ପତ୍ର ମାଧ୍ୟମରେ ଜଣାଇଛନ୍ତି। ମେ ୨୫ ତାରିଖରେ ଜିଲ୍ଲା ପ୍ରକ୍ୟୁରମେଂଟ ବୈଠକରେ ଦିନ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଲଘୁଚାପଜନିତ ବର୍ଷା ଧାନଅମଳ ସମ୍ପର୍କରେ କୃଷି ବିଭାଗର ରିପୋର୍ଟକୁ ଦୃଷ୍ଟିରେ ରଖି ରବିମଣ୍ଡିକୁ ଜୁନ ୫ କୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲା ପ୍ରକ୍ୟୁରମେଂଟ ବୈଠକରେ ଆସନ୍ତା ୨୫ ତାରିଖରେ ରବିମଣ୍ଡି ଖୋଲିବା ଲାଗି ସ୍ଥିର କରାଯାଇଥିଲା। ଏହି ସମୟରେ କୁନ୍ଦୁରା ବ୍ଲକରେ ଧାନ ଅମଳ ହୋଇଥିବ ବୋଲି ଆକଳନ କରାଯାଉଥିଲା। ସେହି ଅନୁସାରେ କୁନ୍ଦୁରା ବ୍ଲକରେ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ଅଥଚ ସେହି ବ୍ଲକରେ ମାତ୍ର ୨୦ ପ୍ରତିଶତ ଧାନ ଅମଳ ହୋଇଥିବା ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଛି । ଅନ୍ୟପକ୍ଷରେ ଏବେ ବର୍ଷା ହେଉଛି। ଆସନ୍ତା ଦୁଇଦିନ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି । ଏସବୁକୁ ଦୃଷ୍ଟିରେ ରଖି ୨୫ ତାରିଖ ରବିମଣ୍ଡି ଆରମ୍ଭ କାର୍ଯ୍ୟକ୍ରମକୁ ଘୁଂଚାଇ ଦିଆଯାଇଥିଲା । ଦୁଇଦିନ ମଧ୍ୟରେ ଧାନ ଅମଳ ରିପୋର୍ଟକୁ ଦେଖି ଜୁନ ୫ ତାରିଖରେ ମଣ୍ଡି ଆରମ୍ଭ ହେବ।

ସୂଚନା ଥାଉକି, ଜିଲ୍ଲା ପ୍ରକ୍ୟୁରମେଂଟ ବୈଠକରେ ୨୫ ତାରିଖ ମଣ୍ଡି ଖୋଲିବା ଲାଗି ନିଷ୍ପତି ନିଆଯାଇଥିଲେ ହେଁ ମିଲରଙ୍କ ସହ ଯୋଗାଣ ବିଭାଗର ଚୁକ୍ତି ହୋଇନି। ଜିଲ୍ଲାର ମିଲର୍ସ ଭାଗ ନେବେ ନାହିଁ ବୋଲି ଜଣାଇବା ପରେ ବଲାଙ୍ଗିର ସହ ଅନ୍ୟ ଜିଲ୍ଲାର ମିଲର ଏଠାକାର ମଣ୍ଡିରୁ ଧାନ ଉଠାଇବେ। କେଉଁ କେଉଁ ମିଲର ଧାନ ଉଠାଇବେ, ତାହାର ତାଲିକା ପ୍ରସ୍ତୁତ ହୋଇନଥିବା ଜଣାପଡିଛି। ଏମିତିକି କେଉଁ ମିଲର ଏବଂ କ୍ରୟକାରୀ ସଂସ୍ଥା କେତେ ଧାନ ଉଠାଇବେ ତାହାର ଟାର୍ଗେଟ ମିଳିନି। ଅନ୍ୟପକ୍ଷରେ ଚାଷୀଙ୍କ ପାଖକୁ ଟୋକେନ ଆସିନି। ଏସବୁ କାରଣରୁ ମଣ୍ଡି ଘୁଂଚାଯାଇଥିବା ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

# ଗ୍ରାମୀଣ ପାଠାଗାର ଉଦ୍‌ଘାଟିତ

ଭଦ୍ରକ, ୨୮/୫ (ନି.ପ୍ର): ଏହି ଜିଲାର ଆଗରରପଡା ନିକଟସ୍ଥ ବଡବଛିକୟାଁ ଠାରେ ଆଜି ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ ଗ୍ରାମ୍ୟ ପାଠାଗାରକୁ ଉଦ୍‌ଘାଟନ କରିଛନ୍ତି । ସମାଜିକ କର୍ମୀ ବିଶ୍ୱଜିତ ପଣ୍ଡାଙ୍କ ତତ୍ୱାବଧାନରେ ସ୍ଥାନୀୟ ସରପଂଚ ପୁଷ୍ପାଞ୍ଜଳୀ ସ୍ୱାଇଁ, ପୂର୍ବତନ ସରପଂଚ ସୁରେନ୍ଦ୍ର ଜେନା, ଶିକ୍ଷାବିତ୍ ସନାତନ ପେଡି, ଆଦିକନ୍ଦ ପଣ୍ଡା, ଭାଗିରଥି ସେଠୀ, ମଣିଭଦ୍ର ବାରିକ, ରଘୁନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ତ ବ୍ଲକରେ ପ୍ରଥମ କରି ପାଠାଗାର ଖୋଲିବା ପରିକଳ୍ପନାକୁ ପ୍ରଶଂସା କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ସ୍ଥାନିୟ ମୁକ୍ତେଶ୍ୱର ମହାଦେବ ମନ୍ଦିର ପାର୍ଶ୍ୱରେ ଥିବା ଗୃହକୁ ଅତିଥି ମାନେ ଫିତା କାଟି ଉଦ୍‌ଘାଟନ କରିଥିଲେ । ଅମୃତଲାଲ୍ ମହାନ୍ତି, ଭଗବାନ ପୁରୀ, ସିଦ୍ଧାର୍ଥ ଶଙ୍କର ଜେନା, ଲମ୍ବୋଦର ତ୍ରିପାଠୀ, ସୁଶାନ୍ତ ପେଡି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରକାଶଥାଉକି ଏହି ପାଠାଗାର ମାଧ୍ୟମରେ ଛାତ୍ରଛାତ୍ରୀ ଓ ବରିଷ୍ଠଙ୍କୁ ପୁସ୍ତକ ପଢିବାର ସୁଯୋଗ ଦେବା ସଙ୍ଗେ ସଙ୍ଗେ ହଜି ହଜି ଯାଉଥିବା ପୌରାଣିକ ଜ୍ଞାନ ଆହରଣ ନେଇ ଲକ୍ଷ୍ୟ ରଖିଛନ୍ତି ସାମାଜିକ କର୍ମୀ ଶ୍ରୀ ପଣ୍ଡା ।

# ଗୋଲାମୁଣ୍ଡା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୨୮/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୮୯ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୫୨ ଗୋଟି ଓ ସାମୂହିକ ୩୪ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ମୂଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା । ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା,ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଉପ ଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚକମା, ପ୍ରବେଶନ ରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଅନିମେସ ପ୍ରଧାନ, ପଂଚାୟତ ସମିତି ଅଧକ୍ଷ, ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ତହସିଲଦାର, ଚନ୍ଦନ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ପି ଏ ଆଇ ଟି ଡି ଏ, ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜୀବୁନ ନିଶା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଖପ୍ରାଖୋଲ ବ୍ଲକ ଗ୍ରାମାଚଂଳରେ ପିଇବା ପାଣି ସମସ୍ୟା: ପାଣିର ସୁବିଧା ନ କଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନି

ବଲାଙ୍ଗିର, ୨୮/୫ (ନି.ପ୍ର): ସୂର୍ଯ୍ୟର ପ୍ରକୋପରେ ବଢ଼ି ଯାଉଛି ତାତି, ନଳକୂଅରୁ ଶୁଖି ଯାଉଛି ପାଣି। ସରକାର ଗ୍ରାମାଚଂଳର ଲୋକମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ବର୍ଷ ବର୍ଷ ଧରି ଡିଣ୍ଡିମ ପିଟି ଯୋଜନା ପରେ ଯୋଜନା କରି, ଠିକାଦାର ପୋଷା ନୀତି ଚଳେଇଥିବା ବେଳେ ଗାଁ ମାନଙ୍କରେ ସେହି ଯୋଜନା ସମ୍ପୂର୍ଣ୍ଣ ହୋଇନାହିଁ । ଡବଲ ଇଂଜିନ ସରକାର ସବୁ ଦେଖି ଚୁପ । ପ୍ରଶାସନ ନିଜ ଅକ୍ଷମତାକୁ ଲୁଚେଇବା ପାଇଁ କିଛି ପାଣି ଟାଙ୍କି ନିର୍ମାଣ କରି ନେତା ମନ୍ତ୍ରୀଙ୍କୁ ଡାକି ଉଦ୍‌ଘାଟନ କରୁଥିବା ନଜରକୁ ଆସୁଛି । କିନ୍ତୁ ପାଣି ପାଇଁ ହନ୍ତସନ୍ତ ଖପ୍ରାଖୋଲ ବ୍ଲକର ଜନସାଧାରଣ। ଖପ୍ରାଖୋଲ ବ୍ଲକର ଅଧିକାଂଶ ଗ୍ରାମର ଲୋକଙ୍କୁ ପିଇବା ପାଣି ସାତ ସପନ ହୋଇଯାଇଛି । ବିକାଶ ନାଁରେ ରାଜକୋଷରୁ ପିଇବାପାଣି, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ଓ ରୋଜଗାର ନାଁରେ କୋଟି କୋଟି ଟଙ୍କା ଯାଉଛି, ହେଲେ ସବୁ ଫସର ଫାଟି ଯାଉଛି । ନଳକୂଅ ପାଣି ତଳକୁ ଖସି ଯାଉଛି, ନଳକୂପରୁ ପାଣି ବାହାରୁନି, ଗାଁ ଲୋକ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି । ବିଶୁଦ୍ଧ ପାନୀୟ ଜଳ ହେଉ କି ଜଳ ଜୀବନ ମିଶନ ହେଉ ମନ୍ଥର ଗତିରେ ଚାଲିଛି କାମ । ସଦର ଖପ୍ରାଖୋଲ ଠାରେ ଘରକୁ ଘର ପାଣି ସଂଯୋଗ ପାଇଁ ଠିକାଦାର ରୋଡ୍ ଖୋଲି ଦେଇ କିଛି ଲୋକଙ୍କୁ ପାଇପ ସଂଯୋଗ କରି କୁଆଡେ ଗାୟବ ହୋଇଗଲେ । କିଛି ଦିନ ପରେ ମୌସୁମୀ ପହଂଚିଯିବ କିନ୍ତୁ ଠିକାଦାରଙ୍କ ଦେଖାନାହିଁ କି ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଶ୍ୟାମ କୁମାରଙ୍କ ଦର୍ଶନ ନାହିଁ ବୋଲି ଲୋକେ କହୁଛନ୍ତି । ଯୋଜନା ପରେ ଯୋଜନା, କେବଳ ଭାଙ୍ଗିବା, ଖୋଳିବା ପାଇଁ, କେବେ ସରିବ କାମ, ସରକାରୀ ବାବୁ ଓ ଠିକାଦାର ଭିତରେ ଚାଲିଛି ସଳା ସୁତୁରା, କାହା ଛତ୍ରଛାୟା ତଳେ ଠିକାଦାର ବାବୁ, କିଏ ଦେଉଛି ଆଶ୍ରୟ ବୋଲି ଗାଁ ଗହଳିରେ ଜୋରସୋର ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି । କାମ ସମ୍ପୂର୍ଣ୍ଣ ହୋଇନଥିଲେ ମଧ୍ୟ ସରକାରୀ ବାବୁମାନେ ଠିକାଦାରଙ୍କୁ ବିଲ ବନେଇବା ପାଇଁ ଚଂଚକତା କରୁଥିବା ଖବର ମିଳିଛି । ଲୋକଙ୍କ ପାଇଁ ପାଣିର ସୁବିଧା ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଖପ୍ରାଖୋଲ ତଳିପଡ଼ା ଗ୍ରାମବାସୀ ।

## ଜିଲ୍ଲା ଉପ କାରାଗାରରେ ଆରମ୍ଭ ହେଲା ଯୋଗ ସଂସ୍କାର ଶିବିର

ସୁବର୍ଣ୍ଣପୁର, ୨୮/୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ଉପ- କାରାଗାର ରେ ଏକ ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହୀ କାର୍ଯ୍ୟକ୍ରମ ରେ ଜିଲ୍ଲା ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ ପଣ୍ଡା ଯୋଗ ଦେଇ ସମସ୍ତ ବିଚାରଧୀନ କଏଦୀଙ୍କୁ ଯୋଗାଭ୍ୟାସ, ସୂର୍ଯ୍ୟ ନମସ୍କାର, ରୋଗ ଅନୁସାରେ ଯୋଗ ଓ ପ୍ରାଣାୟାମର ପ୍ରତିଦିନ ସକାଳ ଯୋଗ ଅଭ୍ୟାସ ଦ୍ୱାରା ରୋଗର ନିବାରକ ଓ ଜୀବନ ଶୈଳୀ ସୁନ୍ଦର ହୋଇ ପାରିବ ବୋଲି ନିଜର ବହୁମୂଲ୍ୟ ମତାମତ ପ୍ରକାଶ କରିଥିଲେ ।

କାରାପତି ଡିଲେଶ୍ୱର୍ ଜେନା, ସହକାରୀ କାରାପତି ସୁଖସାର ଦୁଧଖିମିଆ, ସହକାରୀ ଉପ କାରାପାଳ ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନା କରିଥିଲେ। ଯୋଗ ଶିକ୍ଷକ ସୁବାସ ପଣ୍ଡା ଓ ସଞ୍ଜୟ ବଡ ପଣ୍ଡା ଶିବିରାର୍ଥିଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଜେଲ ମହା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ପ୍ରତିଦିନ ଏହି ଶିବିର ଆୟୋଜନ କରାଯିବ ବୋଲି ଜେଲର ଶ୍ରୀ ଜେନା କହିଛନ୍ତି ।

# କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର: ମନମୋହନ ସାମଲ

ଭୁବନେଶ୍ୱର, ୨୮/୫ (ନି.ପ୍ର): ମୋଦି ସରକାରଙ୍କ ୧୧ ବର୍ଷର ଶାସନ ଭିତରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ କ୍ୱିଂଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଓ ଗ୍ରେଡ୍ ଏ ଧାନ ର ମୂଲ୍ୟ ୨୩୮୯ କରାଯିବା ନିଷ୍ପତି ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେହିପରି ଆଜି କେନ୍ଦ୍ରୀୟ କ୍ୟାବିନେଟ ବୈଠକରେ ଚାଷୀଙ୍କ ପାଇଁ ସୁଧ ରିହାତି ବଜାୟ ରଖିବା ପାଇଁ ନିଷ୍ପତି ନିଆଯାଇଛି। ଦେଶରେ ୭.୭୫ କୋଟିରୁ ଅଧିକ ଚାଷୀ କିଷାନ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ ଥିବାବେଳେ ସେମାନଙ୍କୁ ବିନା କୌଣସି ଗ୍ୟାରେଂଟିରେ ମାତ୍ର ୪ପ୍ରତିଶତ ସୁଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହା କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କ ପାଇଁ ଏକ ବଡ ଲାଭ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଆଜି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୭ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଛି। କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର। ଆଜିର ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶାର ପ୍ରମୁଖ ଫସଲ ଧାନ ହୋଇଥିବାରୁ ଏହାର ଫାଇଦା ଓଡ଼ିଶାର ଚାଷୀମାନେ ଭରପୁର ନେବେ। ଆଜିର ଏହି ନିଷ୍ପତି ଫଳରେ ଧାନର ଏମଏସପି ୬୯ଟଙ୍କା ବୃଦ୍ଧି କରାଯାଇ କ୍ୱିଂଟାଲ ପିଛା ୨୩୬୯ ଟଙ୍କା ଏବଂ "ଏ" ଗ୍ରେଡ ଧାନର ମୂଲ୍ୟ କ୍ୱିଂଟାଲ ପିଛା ୨୩୮୯ ଟଙ୍କା ହୋଇଛି। ସେହିପରି ହରଡ ଡାଲି କ୍ୱିଂଟାଲ ପିଛା ୪୫୦ ଟଙ୍କା ବୃଦ୍ଧି ହୋଇ ୮୦୦୦ ଟଙ୍କା, ମୁଗ କ୍ୱିଂଟାଲ ପିଛା ୮୬ ଟଙ୍କା ବୃଦ୍ଧି ୮୭୬୮ ଟଙ୍କା, ଚିନା ବାଦାମ କ୍ୱିଂଟାଲ ପିଛା ୪୮୦ ଟଙ୍କା ବୃଦ୍ଧି ୭୨୬୩ ଟଙ୍କା, ସୂର୍ଯ୍ୟମୁଖୀ ବୀଜ ଏମଏସପିରେ ୪୪୧ ଟଙ୍କା ବୃଦ୍ଧି କରାଯାଇ ୭୭୨୧ ଟଙ୍କା, ଜଓ୍ୱାର (ହାଇବ୍ରିଡ୍) କ୍ୱିଂଟାଲ ପିଛା ୩୨୮ ଟଙ୍କା ବୃଦ୍ଧି ହୋଇ ୩୬୯୯ ଟଙ୍କା, ଜଓ୍ୱାର (ମାଲଦାଣ୍ଡି) କ୍ୱିଂଟାଲ ପିଛା ୩୨୮ ଟଙ୍କା ବୃଦ୍ଧି ହୋଇ ୩୭୪୯ ଟଙ୍କା, ବାଜରା କ୍ୱିଂଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ୨୭୭୫ ଟଙ୍କା, ରାଗୀ କ୍ୱିଂଟାଲ ପିଛା ୫୯୬ ଟଙ୍କା ବୃଦ୍ଧି ୪୮୮୬ ଟଙ୍କା, ମକା କ୍ୱିଂଟାଲ ପିଛା ୧୭୫ ଟଙ୍କା ବୃଦ୍ଧି ୨୪୦୦ ଟଙ୍କା, ସୋୟାବିନ କ୍ଷେତ୍ରରେ ୪୩୬ ଟଙ୍କା ବୃଦ୍ଧି କରାଯାଇ ୫୩୨୮ ଟଙ୍କା, ରାଶି କ୍ଷେତ୍ରରେ ୫୭୯ ଟଙ୍କା ବୃଦ୍ଧି କରାଯାଇ ୯୮୪୬ ଟଙ୍କା, ନାଇଜରସିଡ କ୍ଷେତ୍ରରେ ୮୨୦ଟଙ୍କା ବୃଦ୍ଧି କରାଯାଇ ୯୫୩୭ ଟଙ୍କା, ମଧ୍ୟମ ଆକାର କପାର ଏମଏସପି ୫୮୯ ଟଙ୍କା ବୃଦ୍ଧି କରାଯାଇ ୭୭୧୦ ଏବଂ ଲମ୍ବା କପାର ଏମଏସପି ୫୮୯ ଟଙ୍କା ବୃଦ୍ଧି କରାଯାଇ ୮୧୧୦ ଟଙ୍କା କରାଯାଇଛି । ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ପାଇଁ ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

## ଜୟପୁର ପୌରସଂସ୍ଥାର ୨୮ଟି ୱାର୍ଡରେ ୧୮୨ଜଣଙ୍କୁ ମଧୁବାବୁ ପେନସନ ବଂଟନ

ଜୟପୁର, ୨୮/୫ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ୨୮ଟି ୱାର୍ଡରେ ବସବାସ କରୁଥିବା ନୂତନ ହିତାଧିକାରୀଙ୍କୁ ସରକାରଙ୍କ ପେନସନ ଯୋଜନାରେ ସାମିଲ କରାଯାଇ ବଂଟନ କରାଯାଇଛି। ସହରର ସମସ୍ତ ୨୮ଟି ୱାର୍ଡର ୧୮୨ଜଣ ହିତାଧିକାରୀଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇ ମାସିକ ଏକ ହଜାର ଏବଂ ଛତା ଓ ଯୋତା ବାବଦକୁ ୪ଟଙ୍କା ପ୍ରଦାନ କରାଯାଇଛି । ଏହି ୧୮୨ ଜଣ ନୂତନ ହିତାଧିକାରୀଙ୍କ ମଧ୍ୟରୁ ୨୧ଜଣ ଭିନ୍ନକ୍ଷମ, ୭୮ ଜଣ ବୃଦ୍ଧ ଓ ବୃଦ୍ଧା, ୮୨ଜଣ ବିଧବା, ଜଣେ କିନ୍ନର ରହିଛନ୍ତି । ଏହି ଅବସରରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାଉନସିଲର ଯଶପାଲ ସିଂ, ପାର୍ଥ ସାରଥୀ ମଲ୍ଲିକ, ପ୍ରଣବ କିଶୋର ନାୟକ, ଗୋପୀନାଥ ମହାନ୍ତି, ସିମାଞ୍ଚଳ ବିଶୋୟୀ, ବି. ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଅନିତା କୁମାରୀ ରାୟ, ଦେବଶ୍ରୀ ନାୟକ, ମଧୁସ୍ମିତା ଓରାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ । ରାଜ୍ୟସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି ଏହିପରି ଆଗାମୀ ଦିନରେ ଅନ୍ୟାନ୍ୟ ହିତାଧିକାରୀଙ୍କୁ ଅନ୍ୟାନ୍ୟ ପେନସନ ଯୋଜନାରେ ଚୟନ କରାଯାଇ ସାମିଲ କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପୌର ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଜଗନ୍ନାଥ ନାୟକ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ମାନେ ସହାୟତା କରିଥିଲେ ।

# ଜ୍ୟୋତି-ପ୍ରିୟଙ୍କା ଲିଙ୍କ ଘଟଣା- ତଦନ୍ତ ବିଳମ୍ବିତ

ପୁରୀ, ୨୮/୫ (ନି.ପ୍ର): ପାକିସ୍ଥାନ ପାଇଁ ଗୋଇନ୍ଦାଗିରି କରୁଥିବା ଅଭିଯୋଗରେ ଭାରତର ହରିଆଣା ହିସାର ଜିଲ୍ଲାର ଜ୍ୟୋତି ମାଲହୋତ୍ରାକୁ ପୋଲିସ ଗିରଫ କରି ରିମାଇଣ୍ଡର ଆଣି ପଚରାଉଚରା କରିବା ସହ ଅନେକ ତଥ୍ୟ ପୋଲିସ ସୁରାକ ପାଇଛି । ଜ୍ୟୋତି ସହ ଓଡ଼ିଶାର ପୁରୀ ଝିଅ ପ୍ରିୟଙ୍କା ସେନାପତି ଜ୍ୟୋତିଙ୍କୁ ବିଭିନ୍ନ ଆଡେ ବୁଲାଇବା ସହ ଭିଡିଓ ସୁଟିଂ କରିଥିଲେ । ଜ୍ୟୋତିଙ୍କ ଠାରୁ ହରିଆଣା ପୋଲିସ,ଏନଆଇଏ ତଥ୍ୟ ସଂଗ୍ରହ କରିବା ପରେ ହରିଆଣା ପୋଲିସ, ଏନଆଇଏ ଓ ପୁରୀ ପୋଲିସ ପ୍ରିୟଙ୍କା ସେନାପତିଙ୍କ ଠାରୁ ଠୋସ ତଥ୍ୟ ଜାଣିବା ପାଇଁ ମେ ୧୭ ତାରିଖରୁ ଆଜକୁ ୧୧ଦିନ ହେଲାଣି ଘନଘନ ଜେରା କରିବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି । ତଦନ୍ତ ବିଳମ୍ବ ଯୋଗୁ ଏତେ ବଡ ଜାତୀୟସ୍ତରର ସ୍ପର୍ଶକାତର ଘଟଣା ହାତୀ...ପା...ପା...ଫୁସ୍ ହୋଇଯିବନି ତ ବୋଲି ବଡଦାଣ୍ଡର ବିଭିନ୍ନ ସ୍ଥାନରେ ଲୋକମାନେ ଆଲୋଚନା କରୁଛନ୍ତି । ବିଶେଷକରି ଶ୍ରୀମନ୍ଦିର ଘଟଣା, ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇବା ଘଟଣାର ଭିଡିଓ କ୍ଲିପ ପାକିସ୍ତାନ ହାତରେ ପଡିଛି କି ନାହିଁ ସେ ସନ୍ଦେହରେ ସହରବାସୀ ସନ୍ଦିହାନ ଅବସ୍ଥାରେ ରହିଥିବା ଚର୍ଚ୍ଚା ହେଉଛି । ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇବା ଘଟଣାରେ ଜ୍ୟୋତି- ପ୍ରିୟଙ୍କା ଓ ତାଙ୍କର ସହଯୋଗି ଯୁବକଙ୍କୁ ସିଂହଦ୍ୱାର ପୋଲିସ ଅଟକ ରଖିବା ପରେ କାହିଁକି ଛାଡିଦେଲା ତାକୁ ନେଇ ଅନେକ ସନ୍ଦେହ ଜନତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଜ୍ୟୋତି ମୋବାଇଲରୁ ଡିଲିଟ କରିଥିବା ଅନେକ ତଥ୍ୟ ଏନଆଇଏ ହାସଲ କରିଥିବା ବେଳେ ପ୍ରିୟଙ୍କା ଡିଲିଟ କରିଥିବା ଭିଡିଓ ଫଟୋ ,ଅନେକ ସାଙ୍ଗଙ୍କୁ ଅନଫ୍ରେଣ୍ଡ କରିବା,ୟୁଟ୍ୟୁବ ଆକାଉଂଟକୁ ପ୍ରାଇଭେଟ କରିବା, ମୋବାଇଲ ଫୋନକୁ ସୁଇଚ ଅଫ ରଖିବା ଆଦି ଅନେକ ରହସ୍ୟମୟ ଘଟଣା ତଦନ୍ତକାରୀ ପୋଲିସକୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି । ସଂସ୍କୃତି ସମ୍ପନ୍ନ ପୁରୀ ସହରର ଝିଅ ହୋଇ ପୁରୀରୁ ପାକିସ୍ତାନ କାହିଁକି ଗଲେ, ସେଠାରେ କେଉଁଠି ରହିଲେ, ଜ୍ୟୋତି ଓ ପ୍ରିୟଙ୍କା ସେଠାରେ କଣ କରୁଥିଲେ, କେଉଁ କେଉଁ ସ୍ଥାନ ବୁଲିଲେ, ତାଙ୍କ ସୁରକ୍ଷାରେ କିଏ ରହିଥିଲେ, ସେଠାରେ ଗୋଇନ୍ଦାଗିରି ତାଲିମ ନେଇଥିଲେ କି ନାହିଁ ଏଭଳି ଅନେକ ପ୍ରଶ୍ନ ପୁରୀ ସହରବାସୀଙ୍କ ମନକୁ ଆନ୍ଦୋଳିତ କରିବାରେ ଲାଗିଛି । ତଦନ୍ତ ବିଳମ୍ବିତ ନକରି ଆଗକୁ ଆସୁଥିବା ରଥଯାତ୍ରା ପୂର୍ବରୁ ଜନତାଙ୍କୁ ସ୍ପଷ୍ଟ ଚିତ୍ର ଜଣେଇବା ପାଇଁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ଭବାନୀପାଟଣା ଟାଉନ ହଲଠାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା, ୨୮/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଚଳିତ ଶିକ୍ଷା ବର୍ଷରେ ଜିଲ୍ଲା ଶିକ୍ଷା ବିଭାଗ କଳାହାଣ୍ଡି ଦ୍ୱାରା ତଥା ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ, ମୁଣ୍ଡୁରାଗୁଡ଼ା ଓ ରୋଟାରୀ କ୍ଲବ୍ ଭବାନୀପାଟଣାଙ୍କ ମିଳିତ ସହଯୋଗ ରେ ସିବିଏସଇ, ଆଇସିଏସଇ ଓ ସିଏଚ୍‌ଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର କୃତି ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ୨୦୨୫ ଟାଉନ ହଲ ଭବାନୀପାଟଣା ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରୋଟାରି କ୍ଲବ୍ ଅଧକ୍ଷ ଜୟରାମ ସାହୁ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ମୁଖ୍ୟ ଅତିଥି ରୁପେ ଯୋଗଦାନ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ର କୁଳପତି ଡ. ନିବେଦିତା ନାଥ,ସରକାରୀ ପଲିଟେକନିକ ଭବାନୀପାଟଣା ଅଧକ୍ଷ ଅମୂଲ୍ୟ କୁମାର ପଣ୍ଡା, , ସହକାରୀ କମିଶନର, ଜିଏସଟି, ସ୍ମୃତିରେଖା ବାଗ, ବିଶିଷ୍ଟ ଶିକ୍ଷାବିତ୍ ଡ.ଉମେଶ କୁମାର ଶତପଥୀ,ସମାଜସେବୀ ଚିନ୍ମୟ ବେହେରା, ଓ ସଂଗଠନ ସଭାପତି ଗିରିଜା ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅନୁଷ୍ଠାନ ର ଏଭଳି ଆୟୋଜନ କୁ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମ କୁ ସୁସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିଲା ବେଳେ ସମାଜ ସେବୀ ହେମନ୍ତ କୁମାର ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ର ଦଶମ ଓ ଦ୍ୱାଦଶ ଶ୍ରେଣୀ ରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା କଳାହାଣ୍ଡି ଜିଲ୍ଲା ର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ,ଜବାହାର ନବୋଦୟ ବିଦ୍ୟାଳୟ ନର୍ଲା, କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପ୍ରଗତି ଶିକ୍ଷା ଅନୁଷ୍ଠାନ, ବିମଳା କନଭେଂଟ, ବିକାଶ ଶିକ୍ଷାନୁଷ୍ଠାନ ତଥା ଜିଲ୍ଲା ର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ବୋର୍ଡ ପରୀକ୍ଷା ରେ ଛାତ୍ର ଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ପ୍ରଗତି ଶିକ୍ଷା ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ, ମୁଖ୍ୟ ଶାଖା ଭବାନୀପାଟଣା, ବ୍ୟାଙ୍କ୍ ଅଫ ଇଣ୍ଡିଆ, ବନ୍ଧନ ବ୍ୟାଙ୍କ୍, ଲକ୍ଷ୍ମୀ ପ୍ରିୟା ଜ୍ୱେଲରସ୍ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ପୁରସ୍କାର ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ହୋଇଥିବା ପୁରସ୍କାର ବିତରଣି ସଭା କୁ ଡିପିଇଓ ରୂପ ସିଂ ରାଉତ, ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା,ମୋହନ ଚରଣ ବିଶି ଶିକ୍ଷକ ସୋମନାଥ ସାହୁ,ବିରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ,ଯୁବ ସଂଗଠକ ଲଳିତ କୁମାର ବିଶି, ବେଦ ପ୍ରକାଶ ପଣ୍ଡା ଓ ଦୁଷ୍ମନ୍ତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ ଓ ସଞ୍ଜୀବ କୁମାର ଠାକୁର ମାନପତ୍ର ପଠନ କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ କୃତୀ ଛାତ୍ର ଛାତ୍ରୀଙ୍କ ଅଭିଭାବକ ଅଭିଭାବିକା, ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ , ସ୍ୱେଚ୍ଛାସେବୀ ଓ ଗଣ ମାଧ୍ୟମ ପ୍ରତିନିଧି ମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ବିଭାଗ ତଥା ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ, ମୁଣ୍ଡୁରାଗୁଡ଼ା ଓ ରୋଟାରୀ କ୍ଲବ୍ ଭବାନୀପାଟଣାର ଏଭଳି ପଦକ୍ଷେପ କୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ନିର୍ଝରିଣୀ ତରଫରୁ ନିଆରା କାର୍ଯ୍ୟକ୍ରମ

ବଲାଙ୍ଗିର, ୨୮/୫ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ତରଫରୁ ନିଆରା ସମ୍ପର୍କ ଲୋଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବହୁମୁଖୀ ନିଆରା କାର୍ଯ୍ୟକ୍ରମ ଚଟୁଅନକାସ୍ଥିତ କମ୍ୟୁନିଟି ସେଂଟର ପରିସରରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ସନ୍ତୋଷ ନାଗ, ସମ୍ମାନିତ ଅତିଥି ଭାବରେ କାହ୍ନୁଚରଣ ମିଶ୍ର, ନରେନ୍ଦ୍ର ସୁନା, ନୀଳେନ୍ଦୁ ବେହେରା, ଥମିର ଛତ୍ରିଆ, ସସ୍ମିତା ମହାନନ୍ଦ, ଦେବାନନ୍ଦ ବଏ, କିଶୋର ବରିହା, ସହଦେବ ମାଝୀ, ରାଏସିଂ ପୁଟେଲ, ବାସନ୍ତୀ ସୁନାନୀ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବିରଂଚି ନାରାୟଣ ଦାଶ ଉଦ୍ଦେଶ୍ୟ ଜ୍ଞାନ ଓ ଉପସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ର୍ଅଣ କରିଥିଲେ । ପହେଲଗାମ ଆକ୍ରମଣରେ ମୃତ୍ୟୁବରଣ କରିଥିବା ମୃତକଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଭାରତର ବୀର ସୈନିକମାନଙ୍କୁ ଉତ୍ସାହ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଭାରତ ମାନଚିତ୍ର ଓ ଜାତୀୟ ପତାକା ଅଙ୍କନ କରିବାକୁ ଦିଆଯାଇଥିଲା । ଏଥିରେ ସତୁରୀରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ତାପରେ ବେଲୁନ ଫୁଙ୍କା, ବାଟି ଚାମଚ ଓ ଚିତ୍ରାଙ୍କନର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରୀଷ୍ମ ଅବକାଶରେ ମୋବାଇଲ ଛାଡି ପଠନ ପ୍ରବୃତ୍ତିକୁ ଆପଣେଇବା ସହିତ ଗ, କବିତା କିପରି ଲେଖିବେ ଓ ପଠନ ମନସ୍କ ହେବେତାହାରି ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତଙ୍କୁ ଦୁଇଶହରୁ ଅଧିକ ଶିଶୁ ପତ୍ରିକା ବଂଟନ କରାଯାଇଥିଲା । ଉପସ୍ଥିତ ଛାତ୍ରଛାତ୍ରୀ ତଥା ଜନ ସାଧାରଣଙ୍କୁ ସିନ୍ଦୂର ଅପରେସନ ବିଷୟରେ ପ୍ରଶ୍ନ ପଚାରି ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉପସ୍ଥିତ ଜନ ସାଧାରଣ ଭୂୟସୀ ପ୍ରଶଂସା କରିଥିଲେ ।

# ଦୁର୍ଘଟଣାଗ୍ରସ୍ତ କାରରୁ ଦେଶୀ ବନ୍ଧୁକ ମିଳିବା ଘଟଣାରେ ଏସପିଙ୍କ ତଦନ୍ତ ଆରମ୍ଭ

ସୁବର୍ଣ୍ଣପୁର, ୨୮/୫ (ନି.ପ୍ର): ଦୁର୍ଘଟଣାଗ୍ରସ୍ତ କାରରୁ ଦେଶୀ ବନ୍ଧୁକ ମିଳିବା ଘଟଣାକୁ ନେଇ ସୁବର୍ଣ୍ଣପୁର ଏସପିଙ୍କ ତଦନ୍ତ ଆରମ୍ଭ । ସୋନପୁର-ସମ୍ବଲପୁର ରାସ୍ତାର ମାଟିଖାଇ ନୂଆଁ ବସ୍ତି ନିକଟରେ ଗତ ୨୫ ତାରିଖ ରାତିରେ ଏକ ଫରଚୁନର ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯେଉଁଥିରେ ଜଣେ ନାବାଳକ ସମେତ ମୋଟ ତିନିଜଣ ଗୁରୁତର ହୋଇଥିଲେ । ଗୁରୁତରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଉଲୁଣ୍ଡା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଦୁର୍ଘଟଣାଗ୍ରସ୍ତ କାରରୁ ଏକ ଦେଶୀ ବନ୍ଧୁକ ସହ କିଛି ଜୀବନ୍ତ ଗୁଳି ଉଦ୍ଧାର ହୋଇଥିଲେ । ଉଦ୍ଧାର ଦେଶୀ ବନ୍ଧୁକ କେଉଁଠୁ ଆସିଥିଲା । କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ କାରରେ ଯାଉଥିବା ଲୋକମାନେ ଏହି ବନ୍ଧୁକକୁ ନେଇ ଯାଉଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରୟଣ ନାୟକ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପୋଲିସର ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ । ତେବେ ତଦନ୍ତ ଜାରୀ ରହିଥିବାରୁ ଏନେଇ ପୋଲିସ ପ୍ରତିକ୍ରୀୟା ମିଳିପାରିନାହିଁ ।

# ମାଁ ମାହେଶ୍ୱରୀ ସେନା ତରଫରୁ ବଲାଙ୍ଗିର ଜିଲ୍ଲା ଶ୍ରମିକ ଭବନଠାରେ ବୈଠକ

ବଲାଙ୍ଗିର, ୨୮/୫ (ନି.ପ୍ର): ମାଁ ମାହେଶ୍ୱରୀ ସେନା ତରଫରୁ ବଲାଙ୍ଗିର ଜିଲ୍ଲା ଶ୍ରମିକ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ମାଁ ମାହେଶ୍ୱରୀ ସେନା ଦ୍ୱାରା ବିଗତ ଦିନ ମାନଙ୍କରେ ହୋଇଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବା ସହ ନୂତନ ଭାବେ ଜିଲ୍ଲାସ୍ତରୀୟ କମିଟି ଗଠନ କରଯାଇଥିଲା । ମାଁ ମାହେଶ୍ୱରୀ ସେନାର କେନ୍ଦ୍ରୀୟ ସଦସ୍ୟ ଥବିର କର୍ମୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ସଭାପତି ଭାବେ ମନୋଜ କରନ, ସଂପାଦକ ରମାକାନ୍ତ ମେଶ୍ରା, ଉପ ସଭାପତି ମନୋଜ ଖମାରୀ, ସହ ସଂପାଦକ ଭାଗବତ ଦନ୍ତା, କୋଷାଧ୍ୟକ୍ଷ ଅରୁନ ଲତା, ସହ କୋଷାଧ୍ୟକ୍ଷ ବଳିଆର ବସ୍ତିଆ, ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ପାର୍ଥ କର୍ଣ୍ଣ ଓ ସୁରେଶ ଚନ୍ଦ୍ର କର୍ମ୍ମ ମନୋନୀତ ହୋଇଥିଲେ ।

# ଧାରାବାହିକ:

ଭାଗ-୧

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୧ମ ଅଧ୍ୟାୟ

### ॥ ଭଗବାନଙ୍କର ପୃଥିବୀକୁ ଆଶ୍ୱାସନା, ବସୁଦେବ ଦେବକୀଙ୍କ ବିବାହ ॥

ରାଜା ପରୀକ୍ଷିତ ଶ୍ରୀ ଶୁକଦେବଙ୍କୁ ପଚାରିଲେ ହେ ମୁନିଶ୍ରେଷ୍ଠ, ପାଣ୍ଡବ କୁଳର ମୋର ଜନ୍ମ, ଭଗବାନ ଶ୍ରୀକୃଷ୍ଣ ମାତୃଗର୍ଭରେ ମୋତେ ଅଶ୍ୱ ମା ବ୍ରହ୍ମାସ୍ତ୍ରରୁ ରକ୍ଷା କରିଥିଲେ । ଆପଣଙ୍କ କୃପାରୁ ମୁଁ ତାଙ୍କ ଲୀଳାମୃତ ପାନକରି ତରିଯିବି । ସେ କିପରି ଯଦୁବଂଶରେ ଦେବକୀ ଗର୍ଭରୁ ନୀଳଧବଳ ରୂପରେ ଜନ୍ମ ଗ୍ରହଣ କଲେ ଏବଂ ବଳରାମଙ୍କୁ କାହିଁକି ରୋହିଣୀ ସୁତ ବୋଲି କୁହାଯାଏ ? ସେମାନେ କାହିଁକି ବୃନ୍ଦାବନରେ ବାଲ୍ୟଲୀଳା କଲେ ଏବଂ ମଥୁରାରେ ନିଜର ସୋଦର ମାରି କାହିଁକି ଦ୍ୱାରିକାରେ ବାସକଲେ ଦୟା ପୂର୍ବକ କୁହନ୍ତୁ । ଶ୍ରୀ ଶୁକଦେବ କହିଲେ, ହେ ରାଜା, "ଗୋବିନ୍ଦ ପ୍ରସଙ୍ଗ ବିଧାନ, ହେଲେ ତାରଇ ତିନି ଜଣ । ଶ୍ରୋତା, ବକ୍ତା ଯେ ପଚାରି, ଏ ତିନି ଜଣ ଯାନ୍ତି ତରି ।"ଶ୍ରଦ୍ଧାବାନ ଶ୍ରୋତାର ମୁଖରେ ସତ୍ ପ୍ରଶ୍ନ, ବକ୍ତାକୁ ଉଲ୍ଲସିତ କରିଥାଏ । ପ୍ରଭୁ ଶ୍ରୀକୃଷ୍ଣଙ୍କର ଦିବ୍ୟ ମାଧୁର୍ଯ୍ୟ ମଣ୍ଡିତ ଲୀଳା ଚରିତ ଏବେ ଶ୍ରବଣ କର । ଅସୁରମାନଙ୍କ ପ୍ରଭାବରେ ପୃଥିବୀ କମ୍ପମାନ ହେବା ସହ ଧରଣୀ ଦେବୀଙ୍କର ମୁହଁରୁ ରୁଧିର ନିର୍ଗତ ହେଲା । ସେ ଭାରା ବହନ କରିବାକୁ ଅକ୍ଷମ ହୋଇ ଧେନୁ ରୂପରେ ଯାଇ ବ୍ରହ୍ମାଙ୍କ ଶରଣାପନ୍ନ ହେବାରୁ ବ୍ରହ୍ମା ଦେବଗଣଙ୍କ ସହ ମିଳିତ ହୋଇ କ୍ଷୀରସିନ୍ଧୁ ତୀରରେ ଭଗବାନଙ୍କୁ ସ୍ତୁତି କଲେ । ଭଗବାନଙ୍କ ସନ୍ଦେଶ ନ ଆସିବାରୁ ସେଠାରେ ଯୋଗ ଧ୍ୟାନରେ ବସିବାରୁ କିଛି କାଳାନ୍ତେ ଭଗବାନଙ୍କର ନିର୍ଦ୍ଦେଶ ପାଇଲେ । ଭଗବାନ କହିଲେ ତୁମେ ଚିନ୍ତା ଦୂରକର ମୁଁ ସମସ୍ତ ବିଷୟ ଅବଗତ ଅଛି । ଅଚିରେ ମୁଁ ଅସୁର ବିନାଶ ସହ ଧରଣୀର ଭାରା କମ କରିବାକୁ ଯଦୁବଂଶରେ ଜନ୍ମନେବି । ଏବେ ଦେବତାମାନେ ପୃଥିବୀରେ ଜନ୍ମଲାଭ କରି କଂସ ସହ ମିତ୍ରତା କରି ମୋ ଜନ୍ମକୁ ଅପେକ୍ଷା କରନ୍ତୁ । ବ୍ରହ୍ମା ଭଗବାନଙ୍କ ସନ୍ଦେଶ ସମସ୍ତଙ୍କୁ ଶୁଣାଇ ଦେବାରୁ ସମସ୍ତେ ଆନନ୍ଦିତ ହେଲେ । ବ୍ରହ୍ମା ଆହୁରି ମଧ୍ୟ କହିଲେ ଶ୍ରୀହରିଙ୍କ କଳା ଅନନ୍ତ । ଅନନ୍ତ ପ୍ରଥମେ ଦେବକୀ ଗର୍ଭଗତ ହୋଇ ପରେ ବିଷ୍ଣୁମାୟାରେ ରୋହିଣୀ ଗର୍ଭରେ ସ୍ଥାପିତ ହେବେ । ଏହାପରେ ସ୍ୱୟଂ ଭଗବାନ ଦେବକୀ ଗର୍ଭରୁ ଓ ମା ଜଗତଜନନୀ ଦୁର୍ଗା ଯଶୋଦାଙ୍କ ଗର୍ଭରୁ ଜାତ ହୋଇ ଜଗତ ଉଦ୍ଧାର କରିବେ । ହେ ଧରଣୀ ଦେବୀ, ତୁମେ ଧନ୍ୟ । ତୁମରି ପୃଷ୍ଠରେ ଭଗବାନ ମନୁଷ୍ୟ ରୂପରେ ଅବତାର ନେଇ ଦୁଷ୍ଟ ଦଳନ କରି ତୁମ ଭାରା ଲାଘବ କରିବେ । ଆମ୍ଭେମାନେ ଏହି ଲୀଳା ଦର୍ଶନ କରି ପବିତ୍ର ହେବୁ ।

### ୨ୟ ଅଧ୍ୟାୟ, କଂସ ଦ୍ୱାରା ଦେବକୀଙ୍କ ଷଡ ପୁତ୍ର ନାଶ

ଶ୍ରୀ ଶୁକଦେବ କହିଲେ ପୂର୍ବେ ଭୋଜ ବଂଶର ସୁରସେନ ନାମକ ଜଣେ ବିଷ୍ଣୁଭକ୍ତ ପ୍ରବଳ ପ୍ରତାପୀ ରାଜା ଥିଲେ ଯାହାଙ୍କ ରାଜଧାନୀ ଥିଲା ମଥୁରା । ତାଙ୍କର ପୁତ୍ର ଉଗ୍ରସେନଙ୍କର ଦେବକ ଓ ଦେବକୀ ନାମ୍ନି ପୁତ୍ର,କନ୍ୟା ଥିଲେ । ଦେବକୀଙ୍କ ବିବାହ ସୁର ବଂଶୀୟ ବସୁଦେବଙ୍କ ସହ ହୋଇଥିଲା ଏବଂ ବହୁ ଜାନି ଯୌତୁକ ସହ ବରକନ୍ୟାଙ୍କୁ ବିଦାକଲେ । ଭଗ୍ନୀ ସ୍ନେହ କାରଣରୁ ଉଗ୍ରେସନ ପୁତ୍ର କଂସ ସ୍ୱୟଂ ରଥ ଚାଳନା କରି ଛାଡିବାକୁ ଯାଉଥିବା ସମୟରେ ଆକାଶବାଣୀ ହେଲା "ରେ ମୂଢ କଂସ, ତୁ ଜାଣି ନାହୁଁ, ଯାହାକୁ ଏତେ ଆନନ୍ଦରେ ତୁ ଛାଡିବାକୁ ଯାଉଛୁ ତାହାର ଅଷ୍ଟମ ପୁତ୍ର ତୋତେ ବଧ କରିବ ।" କଂସ ଏହା ଶୁଣିବା ମାତ୍ରେ ରଥରୁ ଡେଇଁ ପଡିଲା ଏବଂ ଦେବକୀଙ୍କ କେଶ ଆକର୍ଷଣ କରି ନିଜର ଖଡ୍ଗ ସାହାଯ୍ୟରେ ମାରିଦେବାକୁ ଚାହିଁଲା । ପରମ ସାଧୁ, ମହାତ୍ମା ବସୁଦେବ ଧାଇଁଯାଇ କଂସର ହସ୍ତକୁ ଧରିପକାଇ କହିଲେ, ହେ ବୀର, ଦେବକୀକୁ ରକ୍ଷା କର । ତୁମେ ଜଣେ ପରମ ଧାର୍ମିକ ବୋଲି ସଂସାରରେ ଯଶ ଅର୍ଜନ କରିଛ ଅଥଚ ବିବାହବସରରେ ନିଜ ଭଉଣୀକୁ ହତ୍ୟା କରିବ ? ଏହାକୁ କି ଧର୍ମ ସହି ? ତୁମେ ବିଚାରି ଦେଖ ଜାତସ୍ୟ ଧ୍ରୁବ ମୃତ୍ୟୁ । ବାଳ,ବୃଦ୍ଧ ଓ ଯୁବକ ସମସ୍ତେ ମୃତ୍ୟୁର ଅଧୀନ । ଜଳରେ ଥିବା ଜୋକ ଯେପରି ତୃଣରୁ ତୃଣକୁ ଯିବା ପାଇଁ ପ୍ରଥମେ ଆଗ ଗୋଡ ବଢାଏ ଏବଂ ପରେ ଅନ୍ୟ ଗୋଡଟି ନେଇଯାଏ ସେହିପରି ମୃତ୍ୟୁକାଳ ଉପସ୍ଥିତ ହେଲେ ପ୍ରାଣୀ କର୍ମାନୁସାର ଅନାୟାସରେ ଦେହାନ୍ତର ପ୍ରାପ୍ତହୋଇ ପୂର୍ବ ଦେହକୁ ତ୍ୟାଗ କରେ । ଜୀବର କର୍ମ ହିଁ ଜନ୍ମ ମରଣର ହେତୁ । ମନୁଷ୍ୟ ଯେପରି ସ୍ୱପ୍ନ ଦେଖେ ଓ ନିଦ୍ରାଭଙ୍ଗ ପରେ ତାହାକୁ ଭୁଲିଯାଏ ସେହିପରି ବିଷ୍ଣୁମାୟାରେ ପ୍ରାଣୀ ପୂର୍ବ ଜନ୍ମକଥା ବିସ୍ମରି ଯାଏ । ସହସ୍ର ଜଳ କୁମ୍ଭରେ ଯେପରି ଏକଇ ସୂର୍ଯ୍ୟଙ୍କର ପ୍ରତିଫଳନ ଘଟି ସହସ୍ର ସୂର୍ଯ୍ୟର ଭ୍ରମ ତିଆରି କରେ ସେହିପରି ନିଶ୍ଚଳ, ଅକ୍ଷୟ ଓ ଅପରିବର୍ତ୍ତିତ ପରମାତ୍ମା ସକଳ ଘଟରେ ବିଜେ ଥାଇ ଶରୀରର ବିନାଶରେ ବିନାଶ ହୁଅନ୍ତି ନାହିଁ । ତେଣୁ ହେ କଂସ, ତୁମେ ତ ପରମ ଜ୍ଞାନୀ, ମହତ୍ ପୁରୁଷ । ଏହି ନିର୍ଦ୍ଦୋଶ, ନିଜର କନିଷ୍ଠା ଭଗିନୀକୁ ବିନାଶ ନ କରି ପ୍ରାଣ ଦାନ ଦିଅ । ସେ ତୁମର ଅନିଷ୍ଟ କଦାପି କରିବନି । ଏ ସମସ୍ତ ଉପଦେଶ କଂସର କାନରେ ପଶିଲାନି ବରଂ ସେ ଦେବକୀକୁ ମାରିବାକୁ ଅଗ୍ରସର ହୁଅନ୍ତେ ବସୁଦେବ ତାଙ୍କର ହସ୍ତ ଧାରଣ ପୂର୍ବକ କହିଲେ, ହେ ବୀର, ତୁମେ ଦୟାକର, ଦେବକୀର କେଶ ଛାଡ । ଏହାର ପୁତ୍ର ତୁମର ବୈରୀ, ଇଏତ ନୁହଁ ତା ଛଡା ଏହାର ପୁତ୍ର ହେବ କି ନାହିଁ କିଏ ଜାଣେ । ମୁଁ ସମସ୍ତ ଦିଗପାଳ, ଭଗବାନ ଓ ଉପସ୍ଥିତ ସମସ୍ତଙ୍କୁ ସାକ୍ଷୀରଖି ଶପଥ କରୁଛି କି ଏହାର ପୁତ୍ର ପ୍ରସବ ମାତ୍ରେ ତାହାକୁ ଆଣି ତୁମକୁ ଅର୍ପଣ କରିବି । ଏହା ମୋର ତ୍ରିବାର ସତ୍ୟ । ବାସୁଦେବଙ୍କ ଶପଥ ଶୁଣି କଂସ ମନରେ ପ୍ରତିକ୍ରିୟା ହେଲା ଓ ସେ କେଶ ଛାଡି ଦେବାରୁ ଦେବକୀ ଯେପରି ପୁନର୍ଜନ୍ମ ପାଇଲେ । ବସୁଦେବ ଓ ଦେବକୀ ଭଗବାନଙ୍କୁ ସ୍ମରଣ କରି ନିଜ ଗୃହକୁ ଗମନ କଲେ । କିଛି କାଳ ଅନ୍ତେ ଦେବକୀ ଏକ ସୁନ୍ଦର ପୁତ୍ରକୁ ଜନ୍ମ ଦେଲେ । ବସୁଦେବ ପ୍ରଥମେ ମାୟା ମୋହିତ ହୋଇଥିଲେ ହେଁ ସତ୍ୟବଦ୍ଧ ହୋଇଥିବାରୁ ସେହି ପୁତ୍ରକୁ ଧରି ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି କଂସ ରାଜ ସଭାରେ ଉପସ୍ଥିତ ହେଲେ । ସଭାସଦ୍‌ମାନେ ବିସ୍ମିତ ହେଲେ ହେଁ ସ୍ଥିର, ନିଶ୍ଚଳ ବସୁଦେବ ପୁତ୍ରକୁ କଂସ ହାତକୁ ବଢାଇ ଦେଲେ । କଂସ ଏପରି ସତ୍ୟ ନିଷ୍ଠା ବସୁଦେବଙ୍କର ଦେଖି କହିଲେ, ହେ ବସୁଦେବ ଏ ଶିଶୁ ତ ମୋର ବୈରୀ ନୁହେଁ ବରଂ ତୁମର ଅଷ୍ଟମ ସନ୍ତାନ ମୋର ବୈରୀ; ଏଣୁ ଏହାକୁ ନେଇଯାଅ । କଂସ କଥାକୁ ବିଶ୍ୱାସ କରିପାରୁ ନଥିଲେ ହେଁ ବସୁଦେବ ସନ୍ତାନକୁ ଧରି ଫେରିଆସି ଦେବକୀଙ୍କୁ ପ୍ରଦାନ କରିବାରୁ ଦୁହେଁ ଆନନ୍ଦରେ ଆତ୍ମହରା ହୋଇଗଲେ । ତେଣେ କଂସର ଧ୍ୱଂସ କାମନା କରି ଦେବର୍ଷି କଂସ ନିକଟକୁ ଆସି କହିଲେ, ହେ ବୀର କଂସ ମୁଁ ତୋର ମରଣ କଥା ଜାଣି ଅତ୍ୟନ୍ତ ଦୁଃଖରେ ତୋ ନିକଟକୁ ଆସିଛି । ଦେଖୁନୁ ମୋ ଆଖିରୁ କିପରି ଦୁଃଖରେ ଅଶ୍ରୁ ବହିଯାଉଛି । ବ୍ରହ୍ମାଦି ଦେବତାମାନେ ବସୁମାତାଙ୍କର ବିକଳ ଦେଖି କ୍ଷୀରସମୁଦ୍ରଶାୟୀ ବିଷ୍ଣୁଙ୍କୁ ଧ୍ୟାନ କରିବାରୁ ସେ ଦେବକୀଙ୍କ ଅଷ୍ଟମ ଗର୍ଭରେ ଜାତ ହୋଇ ସ୍ୱହସ୍ତରେ ତୋତେ ବଧ କରି ଧାରାର ଭାର ନିବାରଣ କରିବେ ବୋଲି କହିଛନ୍ତି । ଏପରି ଅବସ୍ଥାରେ ତୁ କିପରି ନିଶ୍ଚିନ୍ତ ହୋଇ ରହିଛୁ ? ବିଷ୍ଣୁ ଆଜ୍ଞାରେ ଦେବତାଗଣ ନନ୍ଦ, ଯଶୋଦା, ଦେବକୀ ଏବଂ ବିଭିନ୍ନ ରୂପରେ ଗୋପ ଓ ମଥୁରାରେ ଜନ୍ମ ନେଇ ସାରି ତୋ ମରଣକୁ ଅପେକ୍ଷା କରିଛନ୍ତି । ସେ ବିଷ୍ଣୁ ବଡ ମାୟାବୀ, ହସେଇ ଖେଳେଇ କେତେବେଳେ କାହାର ପ୍ରାଣ ନେବ କେହି କହିପାରିବେନି, ଏଣୁ ବେଳ ହୁଁ ସାବଧାନ । ଦେବର୍ଷିଙ୍କ ଏଭଳି ବଚନ ଶୁଣି କଂସ କ୍ରୋଧରେ ଅନ୍ଧ ହୋଇ ପରଦିନ ପ୍ରତ୍ୟୁଷରୁ ଦେବକୀ ନିକଟକୁ ଯାଇ ସେହି ପୁତ୍ରକୁ ଛଡାଇ ଆଣି ପଥର ଉପରେ କଚାଡି ତାର ପ୍ରାଣ ନେଇଗଲା ଏବଂ ଦେବକୀ ଓ ବସୁଦେବଙ୍କୁ ବହୁତ ମାଡ ମରାଇ ସାତ କବାଟ ବିଶିଷ୍ଟ କାରାଗାରରେ ଏକଶତ ପ୍ରହରୀଙ୍କୁ ଜଗାଇ ବନ୍ଦୀକଲା । ପ୍ରହରୀଙ୍କୁ ଆଦେଶ ଦେଲା ଯେ ପ୍ରସବ ସାଙ୍ଗେ ସାଙ୍ଗେ ତାକୁ ସମ୍ବାଦ ଦେବେ । ଏହାପରେ ପିତା ଉଗ୍ରସେନକୁ ମଧ୍ୟ ଧରି ଆଣି ମାଡ ମରାଇ ବନ୍ଦୀକଲା । ଏ ସମସ୍ତ ଆସୁରୀ ସ୍ୱଭାବ ସତ୍ତ୍ୱେ କଂସ ଯୋଗ ବଳରେ ଜାଣିଲା ଯେ ବାରମ୍ବାର ଦୈତ୍ୟ କୂଳରେ ଜନ୍ମ ନେଇ ମଧ୍ୟ ତାର ଅଦ୍ୟାବଧି ମୋକ୍ଷ ଲାଭ ସମ୍ଭବ ହେଲା ନାହିଁ । ଏଥର ଭଗବାନଙ୍କ ସ୍ୱ ହସ୍ତରେ ମୃତ୍ୟୁ ପ୍ରାପ୍ତ ହେଲେ ମୋକ୍ଷ ନିଶ୍ଚିତ ଏଣୁ ସେ ଯଦୁବଂଶୀମାନଙ୍କ ସହ ବିବାଦରେ ଲିପ୍ତ ହେଲା । ଶ୍ରୀ ଶୁକଦେବ କହିଲେ ମହାପରାକ୍ରମଶାଳୀ କଂସାସୁର, ଜରାସନ୍ଧ, ପ୍ରଳମ୍ବ, ବକ, ଚାଣୁର, ତୃଣାବର୍ତ୍ତ, ଅଘାସୁର, ମୁଷ୍ଟିକ, କେଶୀ ଓ ଧେନୁକାଦି ଦୁଷ୍ଟ ଅସୁରମାନଙ୍କୁ ଡାକି କହିଲା ନାରଦ ମୋତେ କହିଯାଇଛନ୍ତି ଯେ ଯଦୁବଂଶୀମାନଙ୍କୁ ବିଶ୍ୱାସ କରିବୁ ନାହିଁ କାରଣ ସେମାନେ ତୁମର ମୃତ୍ୟୁ ଚାହୁଁଛନ୍ତି; ଏଣୁ ତୁମେମାନେ ଯେଉଁଠି ଯାଦବମାନଙ୍କୁ ପାଇବ ତାଙ୍କୁ ଉତ୍ପୀଡନ କର । ଏହା ଦ୍ୱାରା ଯାଦବମାନେ ଅସୁରମାନଙ୍କ ଉତ୍ପୀଡନର ଶିକାର ହୋଇ ଦେଶାନ୍ତର ହେଲେ ଏବଂ ଯେଉଁମାନେ ଯାଇନପାରିଲେ ସେମାନେ କଂସର ଶରଣାପନ୍ନ ହୋଇ ସେବାକଲେ । ବର୍ଷକପରେ ଦେବକୀର ପୁତ୍ର ଜନ୍ମନେବା କଥା ପ୍ରହରୀମାନଙ୍କଠାରୁ ଶୁଣି କଂସ ତାକୁ ମାତୃକୋଳରୁ ଛଡାଇ ନେଇ ଶିଳାରେ ପିଟି ମାରିଦେଲା । ଛଅବର୍ଷରେ ଛଅଗୋଟି ସନ୍ତାନ ମାରିବା ପରେ ଭଗବାନ ଅନନ୍ତ ଦେବକୀଙ୍କ ଗର୍ଭରେ ପ୍ରବେଶ କଲେ । ବାରମ୍ବାର ଗର୍ଭଧାରଣର ଯନ୍ତ୍ରଣା ଏବଂ ସନ୍ତାନକୁ କୋଳରେ ଧରି ପାରୁନଥିବା କାରଣରୁ ଦେବକୀ ହତୋତ୍ସାହିତ ହୋଇପଡିଲେ । ଭକ୍ତର ଦୁଃଖ ଭଗବାନ ଆଉ ସହି ପାରିଲେ ନାହିଁ । ସେ ମହାମାୟାଙ୍କୁ ଡାକି ନିର୍ଦ୍ଦେଶ ଦେଲେ ଯେ କଂସ ଦ୍ୱାରା ବନ୍ଦୀ ଦେବକୀଙ୍କ ଗର୍ଭରୁ ତାଙ୍କ ସନ୍ତାନକୁ ଅପହରଣ କରି ବସୁଦେବଙ୍କ ଅନ୍ୟ ପତ୍ନୀ ନନ୍ଦାଶ୍ରିତ ରୋହିଣୀଙ୍କ ଗର୍ଭରେ ସ୍ଥାପନ କରିବାକୁ । ସେହି ସନ୍ତାନ ପରେ ମହା ପରାକ୍ରମୀ ସଙ୍କର୍ଷଣ ନାମରେ ନାମିତ ହେବ । ତୁମେ ନିଜେ ଯଶୋଦା ଗର୍ଭରେ ଅବତୀର୍ଣ୍ଣ ହେବ । ମୁଁ ସ୍ୱୟଂ ଦେବକୀଙ୍କ ଗର୍ଭରୁ ସମ୍ଭୁତ ହେବି । ପିତା ବସୁଦେବ ମୋତେ ରାତ୍ରିର ଅନ୍ଧକାର ମଧ୍ୟରେ ଦେବକୀଙ୍କ କୋଳରୁ ନେଇ ଯଶୋଦାଙ୍କ ନିକଟରେ ଛାଡି ତୁମକୁ ଧରି ପ୍ରତ୍ୟାବର୍ତ୍ତନ କରିବେ । ତୁମେ ହିଁ କଂସକୁ ତାର ମୃତ୍ୟୁର ବାର୍ତ୍ତା ଦେବ । ତୁମେ ସଂସାରରେ ଜୟା, ବିଜୟା, ଭଦ୍ରକାଳୀ ଆଦି ବହୁ ନାମରେ ନାମିତ ହୋଇ ପୂଜା ପାଇବା ସହ ଭକ୍ତ ପ୍ରତି ପ୍ରସନ୍ନ ହେବ । ମାତା ଦୁର୍ଗା ଭଗବାନଙ୍କ ଅନୁଜ୍ଞା ଲାଭ କରି କର୍ତ୍ତବ୍ୟ ସମ୍ପାଦନ କଲେ । ସିଂହମାସ ପୂର୍ଣ୍ଣିମା ତିଥିରେ ରୋହିଣୀ, ତୁଷାର ଧବଳ ଜ୍ୟୋତିର୍ମୟ ପୁତ୍ର ସନ୍ତାନଟିଏ ଜନ୍ମ କଲେ । ପୁତ୍ରର ଶିରରେ ସପ୍ତଫଣା ଶୋଭା ପାଉଥିଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ମାଆ କଣ ବୋଝ ହୋଇପାରେ



ଶ୍ୱେତା ରାଉତ୍

ଦୁଇ ପୁଅଙ୍କୁ ଖୁବ୍ ସ୍ନେହ ସରାଗରେ ବଡ କରିଥିଲା ନେତି ମାଉସୀ। ବଡ ଚାକିରି ପାଇ ଦୁଇ ପୁଅ ବାହାରକୁ ଚାଲିଗଲେ।ବଡ ପୁଅ ନିଜ ସ୍ତ୍ରୀ ପିଲାଙ୍କୁ ବି ସାଙ୍ଗରେ ନେଇ ଯାଇଥିଲା। ବୁଢ଼ା ବୁଢ଼ୀ ବୟସରେ ଗାଁ ମାଟି ଛାଡ଼ି ନେତି ମାଉସୀ ସହର ଯିବାକୁ ଚାହିଁଲାନି, ! ସହରରେ କେତେ ସେଇ ଗୋଟେ ଘରେ ପଶି ରହିବ ! ଗାଁ ଠାକୁରାଣୀ, ନଇ ବନ୍ଧ,ସାହି ପଡ଼ିଶାଙ୍କ ଗପସପ ସହରରେ କୋଉଠୁ ମିଳିଥାନ୍ତା ? ହାତେ ରାନ୍ଧି ଖାଇବାରେ ଅନେକ ଦିନ ଚାଲିଗଲା, ଧିରେ ଧିରେ ବୟସର ବଢିବା ସହିତ ନେତି ମାଉସୀ ଅକ୍ଷମ ହୋଇ ଯାଉଥିଲା। ସାହି ଲୋକେ ପୁଅ ପାଖକୁ ଚାଲି ଯିବାକୁ ନେତି ମାଉସୀକୁ ପରାମର୍ଶ ଦେଲେ। ବିଚାରି ମାଉସୀ ଗାଁ ମୋହ ଛାଡ଼ି ନପାରିଲେ ବି ଯିବାକୁ ରାଜି ହେଲା।

ବଡ ପୁଅ ଆସି ମାଆକୁ ସାଙ୍ଗରେ ନେଇଗଲା। ପ୍ରଥମ ଥର ଆକାଶରେ ଉଡି (ଏରପ୍ଲେନ୍) ଯିବାକୁ ଭୟ କରି ଏୟାରପୋର୍ଟରେ ଚିତ୍କାର କଲା ନେତି ମାଉସି। ପୁଅ ହାତକୁ ଭିଡ଼ି ଧରି ଆଖି ବୁଜି ବସି ରହିଲା। ପହଞ୍ଚିବା ପରେ ଦେଖିଲା ବୋହୂ ଆଉ ନାତି ତା ବାପ ଘରକୁ ଚାଲିଯାଇଛନ୍ତି, ପୁଅ ପହଞ୍ଚିବା କ୍ଷଣି ମାଆକୁ ଘରେ ଛାଡ଼ି ଅଫିସ ବାହାରିଗଲା। ନୂଆ ଜାଗା, ବିରାଟ ନୂଆ ଘର,ସବୁ ଆସବାବ ଖୁବ୍ ସୁନ୍ଦର ସଜାଇ ହୋଇ ରହିଛି, କିନ୍ତୁ ଘର ସାରା ଖାଁ ଖାଁ ଖାଇ ଗୋଡାଉଛି। ନେତି ନେତି ମାଉସୀ କେମିତି ନିଜେ ମୁଠେ ରାନ୍ଧି ଖାଇବ ଚିନ୍ତା କରି କିଛି କରି ପାରିଲାନି, ଉପାସରେ ଶୋଇ ପଡ଼ିଲା ପୁଅ ଫେରିବା ବାଟକୁ ଚାହିଁ। ସନ୍ଧ୍ୟା ଆଠଟା ପୁଅ ଫେରିଲା ଘରକୁ। ପୁଅକୁ ଦେଖି ନିଜ ଭୋକ ଭୁଲିଯାଇ ଖୁସିରେ ନେତି ମାଉସୀ ପାଣି ଗ୍ଲାସଟିଏ ପୁଅକୁ ଦେଇ କେତେ କଣ ଗପି ଚାଲିଲା। ପୁଅ ବିରକ୍ତ ହୋଇ କହିଲା ଓ ହୋଃ ମା କେତେ ବକର ବକର ହଉଛୁ,ଅଫିସରେ ଏତେ ଟେନସନ୍ ପୁଣି ଘରକୁ ଆସୁ ଆସୁ ତୋ ବେକାର କଥା,ବିରକ୍ତ ଲାଗିଲାଣି। ନେତି ମାଉସୀ ପୁଅ ମୁଣ୍ଡରେ ହାତ ବୁଲାଇ ହଉ ଟିକେ ଆରାମ କର କହି ଚାଲିଗଲା। ଏକା ଝରକା ପାଖରେ ବସି ଭାବିଲା ବିଦେଶୀ ଢାଞ୍ଚାରେ ଏ ଚୁଲି, ରୋଷେଇ ଘର, ମୁଁ ଏଥିରେ କେମିତି କଣ ରାନ୍ଧିକି ଖୁଆଇବି ପୁଅକୁ, ପଚାରିଲେ ପୁଅ ବିରକ୍ତ ହେବ, କଣ କରିବି ? ମନ ବୁଝିଲାନି, ପୁଣି ଗଲା ପୁଅ ପାଖକୁ ପଚାରିଲା 'ପୁଅ ତୁ ମତେ ଚୁଲିଟା ଲଗେଇବା ବତେଇ ଦେ ମୁଁ ଖାଇବା ତିଆରି କରିଦେବି। ଫୋନ୍‌ରେ ବ୍ୟସ୍ତ ଥିବା ପୁଅ ହାତରେ ଇଶାରା କରି ରହ ଟିକେ କହି ଗପିବାରେ ବ୍ୟସ୍ତ ରହିଲା। ନେତି ମାଉସୀ ଫେରି ଆସି ଶୋଇ ପଡ଼ିଲା, ଆଖିରେ ଜକେଇ ଆସୁଥିଲା କହି ହେଉନଥିବା ବେଦନା। ରାତି ୧୦ ଟାରେ ପୁଅ ମାଆକୁ ଡାକି ଡାକି ଖାଇବା ପାଇଁ ରୋଷେଇ ଘରକୁ ଗଲା, ଦେଖିଲା କିଛି ରୋଷେଇ ହେଇନି। ପାଖ ରୁମ୍‌ରେ ମାଆ ଶୋଇ ପଡ଼ିଛି, ବୋଧେ ମା ଫ୍ରିଜରୁ କଣ ଖାଇ ଦେଇ ଶୋଇ ପଡ଼ିଥିବ, ଗାଁ ଲୋକ ତ ! ମାଆକୁ ଉଠାଇ ପଚାରିଲା ନାହିଁ ଖାଇଛୁ କି ନାହିଁ। ନିଜ ରୁମ୍‌କୁ ଫେରି ଆସି ଅନ ଲାଇନ୍‌ରେ ଖାଇବା ଅର୍ଡର କରି ଖାଇ ପିଇ ଶୋଇଲା।

ପରଦିନ ସକାଳୁ କିଛି ଟିଫିନ୍ ମଗାଇ ନିଜେ ଖାଇଦେଇ, ମା ତୁ ଖାଇଦବୁ, ମୋର ମିଟିଂ ଅଛି, ଆସିବା ଡେରି ହବ କହି ଅଫିସ ବାହାରିଗଲା ପୁଅ ।ନେତି ମାଉସି ଟେବୁଲ୍ ଉପରେ ଥିବା ଢୋକଲାକୁ ଏପଟ ସେପଟ କରି ଦେଖି ଖଣ୍ଡେ ପାଟିରେ ପୁରାଇ କାଢି ପକାଇଲା 'ଏ...ହେଃ ଆମ୍ବିଳା ହେଇଥିବା ଜିନିଷ ଖାଇ ମୋ ପୁଅ ଅଫିସ ଗଲା,ସେଇଥି ପାଇଁ ତା ଦେହ ଖରାପ ହଉଛି। ନେତି ମାଉସୀ କେବେ ଆଗରୁ ଖାଇନଥିବା ଢୋକଲାର ସ୍ୱାଦ ଜାଣିଥାନ୍ତା ବା କେମିତି ! ଦୁଇ ଦିନ ଭୋକରେ ଥିବା ନେତି ମାଉସୀ ଏବେ ବି ଖାଇ ପାରିଲା ନାହିଁ। ଝରକା କଡ଼ରେ ବସି ଖୁବ୍ ଝୁରି ହେଉଥିଲା ତା ଗାଁ'କୁ। ଭାବିଥିଲା ବିଦେଶ ଯାଇ ପୁଅ ପାଖରେ ରହି ବଡ ଡାକ୍ତର ଦେଖାଇ ତା ଦେହ ଭଲ କରିବ ଓ ପୁଣି ଗାଁ'କୁ ଫେରି ଆସିବ, କିନ୍ତୁ ପୁଅ ପାଖରେ ସମୟ କାଇଁ ମାଆକୁ ଡାକ୍ତର ଦେଖାଇବାକୁ......କ୍ରମଶଃ

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଅତି ସହଜରେ ଘରେ ପ୍ରସ୍ତୁତ କରନ୍ତୁ ମ୍ୟାଙ୍ଗୋ କୁଲ୍‌ଫି; ଜାଣନ୍ତୁ ପ୍ରସ୍ତୁତି ପ୍ରଣାଳୀ..

**ଖରାଦିନ ଆସିଲେ ଥଣ୍ଡା ଖାଇବାକୁ ମନ ବଳିଥାଏ। ସେ ଆଇସକ୍ରିମ ହେଉ ଅବା ଲସି ଘରେ ଘରେ ଏହାର ଚାହିଦା ବଢ଼ିଯାଇଥାଏ। ହେଲେ ଆଜିର ସମୟରେ ଲୋକେ ବାହାରେ ଖାଇବାଠାରୁ ଘରେ ପ୍ରସ୍ତୁତ କରି ଖାଇବାକୁ ପସନ୍ଦ କରୁଛନ୍ତି। ଏମିତିରେ ଆପଣ ମଧ୍ୟ ଅତି ସହଜରେ ଆମ୍ବର କୁଲ୍‌ଫି ପ୍ରସ୍ତୁତ କରି ଘର ଲୋକଙ୍କୁ ଖୁଆଇପାରିବେ। ଆସନ୍ତୁ ଜାଣିବା ଏଥିଲାଗି ଆବଶ୍ୟକୀୟ ସାମଗ୍ରୀ ଏବଂ ପ୍ରସ୍ତୁତି ପ୍ରଣାଳୀ କ'ଣ ରହିଛି...**

ଆବଶ୍ୟକ ସାମଗ୍ରୀ: ପାଚିଲା ଆମ୍ବ-୨ଟି, କ୍ଷୀର- ୧ ଲିଟର, ଚିନି- ଅଧା କପ୍, କଷ୍ଟାଡ୍ ମିଲ୍କ- ଅଧା କପ୍, କାଜୁ ଓ ପିସ୍ତା ବାଦାମ- ୪ ବଡ଼ ଚାମଚ, ଗୁଜୁରାତି ଗୁଣ୍ଡ- ୧ଛୋଟ ଚାମଚ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆମ୍ବରୁ ରସ ବାହାରକରି ଗ୍ରାଇଣ୍ଡିଂକରି ରଖନ୍ତୁ। ଏହାପରେ କ୍ଷୀରକୁ ଚୁଲିରେ ବସାଇ ସିଝାନ୍ତୁ। କୁଲ୍‌ଫି ତିଆରି ପାଇଁ ସବୁବେଳେ କ୍ଷୀରକୁ ଅଧିକ ସମୟ ସିଝାଇ ଗାଢ଼ା କରିବେ। ସିଝିବାବେଳେ କ୍ଷୀର ଯେତେବେଳେ ଅଧା ହୋଇଆସିବ ସେଥିରେ ଚିନି ଓ କଷ୍ଟାଡ୍ ମିଲ୍କ ମିଶାନ୍ତୁ। ଏହାକୁ ଲଗାତର କିଛି ସମୟ ଗୋଳାନ୍ତୁ। ବହଳିଆ ହୋଇ ଆସିଲେ ସେଥିରେ ଗ୍ରାଇଣ୍ଡିଂ ହୋଇଥିବା ଆମ୍ବରସ ମିଶାନ୍ତୁ। ଏହା ପରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଶେଷରେ ଏଥିରେ କାଜୁ ଓ ପିସ୍ତା ବାଦାମକୁ ଛୋଟ ଛୋଟ କରି କାଟି ପକାନ୍ତୁ। କିଛି ସମୟ ଗୋଳାଇବା ପରେ ଗ୍ୟାସ୍ ବନ୍ଦ କରିଦେଇ ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ କୁଲ୍‌ଫି ମୋଲ୍‌ଡ କିମ୍ବା ଛୋଟ ପାତ୍ରରେ ଭର୍ତ୍ତିକରି ଫ୍ରିଜରରେ ରଖିଦିଅନ୍ତୁ। ପ୍ରାୟ ୮-୯ ଘଣ୍ଟା ପରେ ଏହା ବରଫ ହୋଇଯାଇଥିବ। ତେଣୁ ଫ୍ରିଜରରୁ ବାହାରକରି ଖାଇବାକୁ ଦିଅନ୍ତୁ ପ୍ରସ୍ତୁତ ହୋଇଥିବା କୁଲ୍‌ଫି। ଖରାଦିନେ ଏହା ବେଶ୍ ସ୍ୱାଦିଷ୍ଟ ଲାଗିବ।



# ନିୟମିତ ଯୋଗ କରୁଥିଲେ...

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବାରେ ବ୍ୟାୟାମ ସହ ଯୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ନିଜ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାର ସମୟ ଆସିଛି। କାରଣ ଦିନକୁ ଦିନ ବିଭିନ୍ନ ରୋଗର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ ହେଉଛି- ଏକଥା ସତ, ହେଲେ ସେପଟେ କେତେକ ରୋଗ ସେମାନଙ୍କର କାୟା ବିସ୍ତାର କରିଚାଲିଛନ୍ତି। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ନିୟମିତ ଯୋଗ କଲେ ଭଲ ନିଦ ହୁଏ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହାର ଭୂମିକା ରହିଛି। ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଶାନ୍ତ ମନରେ ଯୋଗ କରନ୍ତୁ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ମଇ ୨୦୨୫, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମୁକ୍ତ ବାଣିଜ୍ୟ ଚୁକ୍ତି ଏବଂ ଭାରତୀୟ କୃଷି ବାଣିଜ୍ୟର ଭବିଷ୍ୟତ (୨)

କପା ଏକ ଦୁଃଖଦ କାହାଣୀ, ଯେଉଁଠାରେ ଭାରତର ରପ୍ତାନୀ ୨୦୧୧-୧୨ ରେ ୪.୩ ବିଲିୟନ ଡଲାର ଏବଂ ୨୦୧୨-୧୩ ରେ ୩.୭ ବିଲିୟନ ଡଲାର ଅତିକ୍ରମ କରିଥିଲା। ବର୍ତ୍ତମାନ ରପ୍ତାନୀ କେବଳ ହ୍ରାସ ପାଇନାହିଁ, ବରଂ ଦେଶ ପ୍ରାକୃତିକ ଫାଇବରର ଏକ ନେଟ୍ ଆମଦାନୀକାରୀରେ ପରିଣତ ହୋଇଛି। ଆମଦାନୀ କ୍ଷେତ୍ରରେ, ବଡ଼ ଆଇଟମ୍ ଗୁଡ଼ିକ ହେଉଛି ଖାଇବା ତେଲ ଏବଂ ଡାଲି। ଧାନ ଓ ଗହମ ତୁଳନାରେ ଏକର ପିଛା କମ୍ ଉତ୍ପାଦନ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଭିତ୍ତିକ ସରକାରୀ କ୍ରୟ ବ୍ୟବସ୍ଥାର ଅଭାବ ଯୋଗୁଁ ଭାରତୀୟ ଚାଷୀଙ୍କ ପାଇଁ ତୈଳବୀଜ ଏବଂ ଡାଲି ଉତ୍ପାଦନ ବୃଦ୍ଧି କରିବା କମ୍ ଲାଭଦାୟକ ହୋଇଛି। ଫଳସ୍ୱରୂପ, ଆମଦାନୀ ବିଲ୍ ଆକାଶଛୁଆଁ ହୋଇଛି। ୨୦୨୪-୨୫ ରେ ଡାଲି ଆମଦାନୀ ୫.୫ ବିଲିୟନ ଡଲାରରେ ପହଞ୍ଚି ପ୍ରଥମ ଥର ପାଇଁ ୫ ବିଲିୟନ ଡଲାର ମାର୍କ ଅତିକ୍ରମ କରିଛି।

କେବଳ ଖାଇବା ତେଲ ଏବଂ ଡାଲି ନୁହେଁ, ସ୍ଥିର କିମ୍ବା ହ୍ରାସ ପାଉଥିବା ଘରୋଇ ଉତ୍ପାଦନ ମଧ୍ୟ କପା ଏବଂ ପ୍ରାକୃତିକ ରବରର ବର୍ଦ୍ଧିତ ଆମଦାନୀର କାରଣ ହେଉଛି। ଏଗ ଇଷ୍ଟ ହାଇବ୍ରିଡ୍ ପରେ ଉତ୍ପାଦନ ବୃଦ୍ଧି କରୁଥିବା କୌଣସି ପ୍ରଯୁକ୍ତିବିଦ୍ୟା ନଥିବାରୁ, ଭାରତର କପା ଉତ୍ପାଦନ ୨୦୧୩-୧୪ ରେ ୩୯୮ ଲକ୍ଷ ବେଲରୁ ୨୦୨୪-୨୫ ରେ ୨୯୧ ଲକ୍ଷ ବେଲକୁ ହ୍ରାସ ପାଇଛି। ରବର ଉତ୍ପାଦନ ମଧ୍ୟ ଗତ ତିନି ବର୍ଷରେ ହାରାହାରି ୮.୫ ଲକ୍ଷ ଟନ୍ ରହିଛି, ଯାହା ୨୦୧୨-୧୩ ପର୍ଯ୍ୟନ୍ତ ୯-୯.୧ ଲକ୍ଷ ଟନ୍ ଥିଲା। ଏହା ଏପରି ଏକ ସମୟରେ ଘଟୁଛି ଯେତେବେଳେ ଘରୋଇ ବ୍ୟବହାର ଗତ ଦଶନ୍ଧିରେ ୧୦ ଲକ୍ଷ ଟନରୁ ୧୫ ଲକ୍ଷ ଟନକୁ ବୃଦ୍ଧି ପାଇଛି।

ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କୃଷିଜାତ ଆମଦାନୀ ଦ୍ରବ୍ୟ ହେଉଛି ଫଳ (ବାଦାମ, ପିସ୍ତା, ଅଖରୋଟ, ସେଓ, ଖଜୁରୀ, ଡିମ୍ବିରି ଏବଂ କିସମିସ୍ ସମେତ), ମସଲା (ମୁଖ୍ୟତଃ ଗୋଲମରିଚ ଏବଂ ଅଳେଇଚ) ଏବଂ ମଦ୍ୟପାନୀୟ ପାନୀୟ। ଯୁକ୍ତରାଷ୍ଟ୍ର, ୟୁରୋପୀୟ ସଂଘ ଏବଂ ଯୁକ୍ତରାଜ୍ୟ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବା ପରେ, ଶୁଖିଲା ଫଳ, ୱାଇନ୍ ଏବଂ ସ୍ପିରିଟ୍ସର ଅଧିକ ଆମଦାନୀ ଆଶା କରାଯାଇପାରେ। ଏହା ବ୍ୟତୀତ, ଟ୍ରମ୍ପ ପ୍ରଶାସନ ମକା, ସୋୟାବିନ୍ ଏବଂ କପା ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବା ଏବଂ ଅଣ-ଶୁଳ୍କ ବାଧା (ବିଶେଷ କରି ଏଗ ଫସଲ ସମ୍ବନ୍ଧୀୟ) କୋହଳ କରିବାକୁ ଚାପ ପକାଇବାର ସମ୍ଭାବନା ରହିଛି।

ଏହି ଜଟିଳ ପରିସ୍ଥିତିରେ, ଭାରତକୁ ଏକ ସୁସନ୍ତୁଳିତ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ଆପଣାଇବାକୁ ପଡ଼ିବ। ପ୍ରଥମତଃ, ଘରୋଇ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଅତ୍ୟନ୍ତ ଜରୁରୀ। ଏଥିରେ କୃଷି ଭିତ୍ତିଭୂମିର ବିକାଶ (ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ୟୁନିଟ୍, ପରିବହନ ବ୍ୟବସ୍ଥା), ଗୁଣବତ୍ତା ନିୟନ୍ତ୍ରଣ ଏବଂ ମାନକୀକରଣରେ ଉନ୍ନତି, ଏବଂ କୃଷକମାନଙ୍କୁ ଆଧୁନିକ କୃଷି ପଦ୍ଧତି ଉପରେ ତାଲିମ ପ୍ରଦାନ କରିବା ସାମିଲ। ଦ୍ୱିତୀୟତଃ, ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆମଦାନୀ ଶୁଳ୍କରେ ଯଥେଷ୍ଟ ସୁରକ୍ଷା ପ୍ରାବଧାନ (tariff lines) ରଖିବାକୁ ପଡ଼ିବ। ତୃତୀୟତଃ, ବିବାଦ ସମାଧାନ ପ୍ରଣାଳୀଗୁଡ଼ିକ ଯେପରି ନିରପେକ୍ଷ ଏବଂ ସ୍ୱଚ୍ଛ ହେବ, ତାହା ସୁନିଶ୍ଚିତ କରିବା ଆବଶ୍ୟକ। ଶେଷରେ, ଭାରତକୁ କେବଳ କଞ୍ଚାମାଲ ରପ୍ତାନୀ ଉପରେ ନିର୍ଭର ନକରି, ମୂଲ୍ୟଯୁକ୍ତ (value-added) କୃଷିଜାତ ଦ୍ରବ୍ୟର ଉତ୍ପାଦନ ଏବଂ ରପ୍ତାନୀ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ସଂକ୍ଷେପରେ, ଅନ୍ୟ ଦେଶଗୁଡିକ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଭାରତୀୟ କୃଷି ବାଣିଜ୍ୟ ପାଇଁ ଦୁଇଧାର ବିଶିଷ୍ଟ ଖଣ୍ଡା ସଦୃଶ। ଏହା ଏକ ପଟେ ଅପାର ସୁଯୋଗ ଆଣିପାରେ, କିନ୍ତୁ ଅନ୍ୟ ପଟେ ଏହା ଘରୋଇ କୃଷକମାନଙ୍କ ପାଇଁ ଗୁରୁତର ଆହ୍ୱାନ ସୃଷ୍ଟି କରିପାରେ। ଏହି ଚୁକ୍ତିଗୁଡ଼ିକର ସଫଳତା ଭାରତ ସରକାର କିପରି ସତର୍କତା ଏବଂ ରଣନୀତିକ ଦୃଷ୍ଟିକୋଣ ସହିତ ଆଲୋଚନା କରୁଛନ୍ତି, ତାହା ଉପରେ ନିର୍ଭର କରିବ। ଆମର କୃଷକମାନଙ୍କର ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଇ, ଆମକୁ ଏକ ସନ୍ତୁଳିତ ପଥ ବାଛିବାକୁ ପଡ଼ିବ ଯାହା ବିଶ୍ୱ ବଜାରର ଲାଭ ଉଠାଇବା ସହିତ ଆମର ଘରୋଇ କୃଷି କ୍ଷେତ୍ରକୁ ସୁରକ୍ଷା ଦେବ। ଏହା କେବଳ ଆର୍ଥିକ ବିକାଶ ନୁହେଁ, ବରଂ ଲକ୍ଷ ଲକ୍ଷ କୃଷକ ପରିବାରର ସାମାଜିକ ସୁରକ୍ଷା ଏବଂ ଜୀବିକାର ପ୍ରଶ୍ନ। ଭାରତର କୃଷି ବାଣିଜ୍ୟ ବଳକା ଆହୁରି ହ୍ରାସ ପାଇବ କି ନାହିଁ, ତାହା ଏହି ଚୁକ୍ତିଗୁଡ଼ିକର ସର୍ତ୍ତାବଳୀ ଉପରେ ନିର୍ଭର କରିବ। ଏକ ସୁଦୃଢ଼ ଏବଂ ସୁରକ୍ଷିତ କୃଷି କ୍ଷେତ୍ର ହିଁ ଏକ ସମୃଦ୍ଧ ଭାରତର ମୂଳଦୁଆ।

# ଓଡ଼ିଶାର ଜଗନ୍ନାଥ କୈନ୍ଦ୍ରିକ ଭାଗବତ ଧର୍ମ



## ସୌର ଚନ୍ଦ୍ର ମହାପାତ୍ର

'ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ।'

ଜଗନ୍ନାଥଙ୍କ ସହିତ ସଂପୃକ୍ତ ଅଜସ୍ର ଉପାଦାନ ମଧ୍ୟରେ ପାଖୁଡ଼ା ପାଖୁଡ଼ା ଉନ୍ମୋଚିତ ହୋଇଯାଇଛି 'ଜଗନ୍ନାଥ ଚେତନା'। ଜଗନ୍ନାଥ ଚେତନାରେ ଜଣେ ଉଦବୃଦ୍ଧ ହେଲେ 'ଏକ' ସତ୍ତାରୁ 'ଅନେକ' ସତ୍ତା ଓ ଶେଷରେ 'ଅନନ୍ୟ' ସତ୍ତାରେ ବ୍ୟାପିଯାଇ 'ଅତିମାନସ' ସତ୍ତାରେ ଉପନୀତ ହୋଇପାରିବ। ସେଠି ସଂକୀର୍ଣ୍ଣତା ନଥିବ; ଏକ ମହାପ୍ରଶସ୍ତ, ସର୍ବବ୍ୟାପୀ, ସର୍ବଜନ-ସର୍ବମନ-ସ୍ପର୍ଶୀ 'ଭାବ'ରେ ହେବ ମନ୍ମୟ, ତନ୍ମୟ ଓ ଚିନ୍ମୟ। ଅସତ୍‌ରୁ ସତ୍‌ରେ, ତମସାରୁ ଜ୍ୟୋତିରେ, ମୃତ୍ୟୁରୁ ଅମୃତରେ ପହଞ୍ଚିବା ପାଇଁ ସେ ପାହାଚ ପରେ ପାହଚ ଉତ୍ତରୋତ୍ତର ଉତ୍ତୀର୍ଣ୍ଣ ହୋଇଯିବ।

ଭାଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଗ୍ରନ୍ଥ। ଏହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରି ପାରିଛି। ଓଡ଼ିଆ ଜାତି ପ୍ରାଣରେ ସ୍ପନ୍ଦନ ଜଗାଇ ପାରିଛି। ଓଡ଼ିଶା ବାହାରେ ଥିବା ଓଡ଼ିଆ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ମୋହ ସୃଷ୍ଟି କରିପାରିଛି। ସେଥିପାଇଁ ଜନସମାଜରେ ଭାଗବତରେ ଜନପ୍ରିୟତା ସମ୍ବନ୍ଧରେ ବିଶିଷ୍ଟ ପ୍ରାବନ୍ଧିକ ଜଗବନ୍ଧୁ ସିଂହ ତାହାଙ୍କର ପ୍ରାଚୀନ ଉତ୍କଳ ପୁସ୍ତକରେ ଲେଖିଛନ୍ତି :- ଚାହାଳୀରେ ପିଲାମାନଙ୍କର ଭାଗବତ ପ୍ରାଧାନ୍ୟ ପାଠ୍ୟ ପୁସ୍ତକ ଥିଲା। ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାହାର ବିଦ୍ୟା ଶେଷ ହେଉଥିଲା। ଲୋକର ଆସନ୍ନ ମୃତ୍ୟୁବେଳେ ତାହାର ପୁତ୍ର-ପୌତ୍ରାଦି ଆତ୍ମୀୟ ସ୍ୱଜନ ତାହା କାନରେ ଅଧ୍ୟାୟେ ଭାଗବତ ଶୁଣାଉଥିଲେ। ଗ୍ରାମରେ ବିସୂଚିକା, ମହାମାରୀ, ପ୍ରଭୃତି ଉପଦ୍ରବ ହେଲେ ଭାଗବତ ପାଠ, ହରିହାଟ, ସପ୍ତାଙ୍ଗ ଭାଗବତ ପ୍ରଭୃତି ହେଉଥିଲା। ଭାଗବତ ପାଠ କଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା। ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା।

ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣେ। କର୍ମେନ୍ଦ୍ରିୟ ଦ୍ୱାରା କର୍ମ କରେ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିଏ ବସ୍ତୁ ଅଛନ୍ତି, ଯେଉଁଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟକତା ଦରକାର ପଡ଼େ। ଉଲ୍ଲେଖଯୋଗ୍ୟ ଯେ ଭଗବାନଙ୍କୁ ଜାଣିବା ପାଇଁ ଏମାନେ (ଇନ୍ଦ୍ରିୟ, ମନ ଓ ବୁଦ୍ଧି) ସିଧାସଳଖ କିଛି ସାହାଯ୍ୟ କିମ୍ବା ସହଯୋଗ କରିପାରନ୍ତି ନାହିଁ। ଭଗବାନଙ୍କୁ ଜାଣିବା ପାଇଁ ଯେଉଁ ପ୍ରକ୍ରିୟାଟି ଆବଶ୍ୟକ ତାହାକୁ କହନ୍ତି ସ୍ୱାନୁଭବ ବା ସ୍ୱାନୁଭବ ନିମନ୍ତେ ଭକ୍ତି ଆବଶ୍ୟକ। ଠିକ ଏତିକିବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ୍ୟ ଧର୍ମକୁ ଭାଗବତ ଧର୍ମ କୁହାଯାଏ।

ଶ୍ରୀମଦ୍ ଭାଗବତରେ ଅଣାକାର ପୁଣି ସାକାର ଏବଂ ଦିବ୍ୟ ଅଦିବ୍ୟର ପ୍ରତିମୂର୍ତ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ତାଙ୍କ ଲୋମ କୂପରେ କୋଟି କୋଟି ବ୍ରହ୍ମାଣ୍ଡ ଝୁଲୁଥିବାର ଭକ୍ତକବି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଯା ଲୋମ କୂପେ ଦୋହଲାଇ।' ସ୍ୱୟଂ ଭକ୍ତକବି ଭାଗବତର ଭଗବାନ ଏକ ସର୍ବବ୍ୟାପକ ଶକ୍ତି, ସେ ସକଳ ଘଟରେ ବିଦ୍ୟମାନ। 'ସକାଳ ଘଟେ ନାରାୟଣ, ବସଇ ଅନାଦି କାରଣ।' ଗୀତାର 'ଅହମାତ୍ମା ଗୁଡ଼ାକେଶ ସର୍ବଭୂତଶୟସ୍ଥିତ' ପରି ଭକ୍ତକବି ଜଗନ୍ନାଥଙ୍କ ଭଗବାନ ସକଳ ପ୍ରାଣୀଙ୍କର ମଙ୍ଗଳକାରକ, ସକଳ ଘଟର କ୍ରିୟାଶକ୍ତି। ପ୍ରଥମରୁ ଏକାଦଶ ସ୍କନ୍ଦ ପର୍ଯ୍ୟନ୍ତ ସମଗ୍ର ଭାଗବତଟି ନୀତିଶିକ୍ଷା, ସଂସାରିକ ଜୀବନ ଯାପନ କରିବା ପାଇଁ ମାର୍ଗ ନିଦର୍ଶନ ଏବଂ ଭକ୍ତି ଭାବନାରେ ପରିପୂର୍ଣ୍ଣ। ତହିଁରୁ କେତୋଟି ପଂକ୍ତି ଉଲ୍ଲେଖ କଲେ ଏହା ପରିଷ୍କାର ରୂପେ ବୁଝାପଡ଼ିବ - 'ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର। ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେପରି ମିଳଇ। ଦଣ୍ଡିବା ଶକ୍ତି ସାର ଥାଇ, ସେ ପୁଣି କ୍ଷମା ଆଚରାଇ। ଧନ୍ୟ ଜୀବନ ଏ ଜଗତେ, ଯେ ପ୍ରାଣଧରେ ପରହିତେ। ସକଳ ଘଟେ ନାରାୟଣ, ବସଇ ଅନାଦି କାରଣ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ। ଦୁଃଖେ ସଞ୍ଚିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।'

ଏକ ବିରାଟ ଭାଗବତ ଗ୍ରନ୍ଥରେ ଯୋଗ, ଧର୍ମ, ନୀତି, ଆଚାର, ବିଚାର ସହିତ ଭଗବାନଙ୍କର ଅବତାର ବର୍ଣ୍ଣନା ପାଠକ ପ୍ରାଣରେ ଅପୂର୍ବ ଭାବମୂର୍ତ୍ତି ସୃଷ୍ଟି କରେ। ମଣିଷର ମଙ୍ଗଳ କ'ଣ? ଶାସ୍ତ୍ରର ସାର କ'ଣ ଶ୍ରୀକୃଷ୍ଣ କାହିଁକି ଜନ୍ମ ଗ୍ରହଣ କଲେ। ଭଗବାନ ଶ୍ରୀକୃଷ୍ଣ କି କାର୍ଯ୍ୟ କରିଥିଲେ ଏବଂ ଶେଷରେ ଧର୍ମ କିପରି ରକ୍ଷିତ ହେଲା ଇତ୍ୟାଦି ମୁଖ୍ୟ ଛଅଗୋଟି ବିଷୟ ଭାଗବତ ଗ୍ରନ୍ଥରେ ବର୍ଣ୍ଣିତ। ସେଥିପାଇଁ ଭାଗବତ ଗ୍ରନ୍ଥର ପ୍ରଥମରେ ଉଲ୍ଲେଖ ରହିଛି - 'କିସ ମଙ୍ଗଳ ପୁରୁଷର, ସାର କି ସକଳ ଶାସ୍ତ୍ରର। ଦେବକୀ ଗର୍ଭେ ଯଦୁସାଇଁ, ଜନ୍ମ ଲଭିଲେ କାହିଁ ପାଇଁ। କି କାର୍ଯ୍ୟ କଲେ ଭଗବାନ, ହେଲେ କି ଅବତାର ମାନ। ସେ ପ୍ରଭୁ ହୋନ୍ତେ ଅନ୍ତର୍ହିତ, ଧର୍ମ ବା ହେଲା କାହାଶ୍ରିତ।' ଯେଉଁଠି ସକଳ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଯେ ଭଗବାନଙ୍କ ଠାରେ ଐକାନ୍ତିକ ଭାବରେ ନିଜକୁ ସମର୍ପିତ କରିଥାଏ ଏବଂ ଭଗବାନ କୃପା ପ୍ରଦର୍ଶନ କରି ତାହାକୁ ଗ୍ରହଣ କରିଥାନ୍ତି ସେହିଠାରେ ଭାଗବତ ଧର୍ମର ଅବତାରଣା ହୋଇଥାଏ। ମହାଭାରତ ଓ ଭଗବତ ଗୀତାରେ ଏହାର ଉତ୍ସ ଅଛି।

ଭଗବାନଙ୍କ ଠାରେ ଲୀନ ହେବା ଅପେକ୍ଷା ଭଗବତ ସାନ୍ନିଧ ଲାଭ ଅଧିକ ଶ୍ରେୟସ୍କର ହୋଇଥିବାରୁ ସାଯୁଜ୍ୟ ମୁକ୍ତି ଅପେକ୍ଷା ଭକ୍ତିବାଦରେ ସାଲୋକ୍ୟ ମୁକ୍ତିର ପ୍ରାଧାନ୍ୟକୁ ଅଙ୍ଗୀକାର କରାଯାଇଛି। ସାଲୋକ୍ୟ ମୁକ୍ତିଲାଭ କରିଥିବା ଭକ୍ତ ଭଗବାନଙ୍କ ସହିତ ଏକ ସ୍ଥାନରେ ଅବସ୍ଥାନ କରେ। ଜଗନ୍ନାଥଙ୍କୁ ପରମ ପ୍ରେମମୟ ଭଗବାନ ଦୃଷ୍ଟିରେ ଗ୍ରହଣ କରି ତାଙ୍କ ସହିତ ଏକତ୍ର ନିବାସ କରି ରହିବା ପ୍ରତ୍ୟେକ ଜଗନ୍ନାଥ ପ୍ରେମୀମାନଙ୍କର ପରମ ଅଭିଳାଷ। ଭଗବାନ ଯେଉଁଠି ନିତ୍ୟ-ନିରନ୍ତର ଅବସ୍ଥାନ କରନ୍ତି ସେ ସ୍ଥାନଟି ଗୋଲକଧାମ ବା ବୈକୁଣ୍ଠଧାମ। ଭଗବାନ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ପୁରୁଷୋତ୍ତମ ଧାମକୁ ଏହି ପରିପ୍ରେକ୍ଷୀରେ 'ମର୍ତ୍ତ୍ୟ ବୈକୁଣ୍ଠ' ଭାବରେ ଗ୍ରହଣ କରାଯାଇଛି। ଏଠାରେ ଅବସ୍ଥାନ କରି ରହିବା ନିମନ୍ତେ ଭକ୍ତ ଜଗନ୍ନାଥଙ୍କ କୃପା ଉପରେ ନିର୍ଭର କରିଥାଏ। ତେଣୁ କୁହାଯାଏ ଜଗନ୍ନାଥ ଇଛା ନକଲେ ପୁରୀରେ ଖଣ୍ଡିଏ ବାସ ମିଳେନାହିଁ। ମର୍ତ୍ତ୍ୟ ବୈକୁଣ୍ଠ ରୂପକ ପୁରୁଷୋତ୍ତମ ଧାମରେ ଅବସ୍ଥାନ କରିବାର ଅର୍ଥ ସାଲୋକ୍ୟ ମୁକ୍ତି ଲାଭ କରିବା। ଏହି ଅଭିଳାଷରେ ପୁରୀରେ ଦେହ ତ୍ୟାଗ କରିବା କେତେ ପୁଣ୍ୟ ଫଳ ବୋଲି ଗଣ୍ୟ କରାଯାଏ। ଏହି ଆଶା ନେଇ କେତେ ଦୂର ଦୂରାନ୍ତରେ ଦେହତ୍ୟାଗ କରିଥିଲେ ମଧ୍ୟ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟି ସଂସ୍କାର କରିବା ପାଇଁ ଲୋକେ ଧାଇଁ ଆସନ୍ତି। କାରଣ ଏହିଠାରେ ଦେହ ତ୍ୟାଗ ଓ ଶବଦାହ ଦ୍ୱାରା ଜୀବର ସାଲୋକ୍ୟମୁକ୍ତି ହୁଏ। ଓଡ଼ିଶାରେ ଭାଗବତ ଧର୍ମର ପରମ ପ୍ରତୀକ ଭକ୍ତ ଜଗନ୍ନାଥଙ୍କ ଶରଣାଗତ ହୋଇ ଗାଇଛନ୍ତି - 'ଜଗନ୍ନାଥ ! କିଛି ମାଗୁ ନାହିଁ ତୋତେ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।' ଓଡ଼ିଶାରେ ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମର ଏହା ଏକ ସଫଳ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ।

ଷୋଡ଼ଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ କବି ଶ୍ରୀଜଗନ୍ନାଥ ଦାସ ଭାଗବତ ରଚନା କରି ଯେଉଁ ଗୌରବ ଅର୍ଜନ କରିଯାଇଛନ୍ତି ତାହା କ୍ୱଚିତ କବିଙ୍କ ଭାଗ୍ୟରେ ମିଳିପାରିଥାଏ। ସେ ଧର୍ମ ସାହିତ୍ୟକୁ ସଂସ୍କୃତର ନିଗଡ଼ ବନ୍ଧନରୁ ମୁକ୍ତ ରି ଯେ କୌଣସି ଓଡ଼ିଆ ଲେଖିପଢ଼ି ଜାଣିଥିବା ବ୍ୟକ୍ତିଙ୍କୁ ପଠନର ଅଧିକାର ଦେଇ ଯାଇଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ କିନ୍ତୁ ଜଗନ୍ନାଥଙ୍କୁ ଅବତାର ରୂପେ ମାନିଛନ୍ତି। ସେ ସେଥିପାଇଁ ଲେଖିଛନ୍ତି :- 'ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ। ହୋଇଲୁ ଦଶ ଅବତାର, ନାଶିଲୁ ଅବନୀର ଭାର। ନମସ୍ତେ ପ୍ରଭୁ ଜଗନ୍ନାଥ, ଯାର ଶଣୀର ଏ ଜଗତ, ତୁ ବିଶ୍ୱନାଥ ଜଗତ ପତି, ମହାପୁରୁଷ ସର୍ବରାତି।'

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭
ମୋ: ୯୪୩୭୦୦୪୪୬୬

# ବ୍ରାହ୍ମଣ, ବ୍ରହ୍ମ ପଇତା ଏବଂ ଏହାର ଗୁରୁତ୍ୱ



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବୈଦିକ ଯୁଗରୁ ବ୍ରତୋପନୟନ ବା ବ୍ରତଘର ନାମକ ସଂସ୍କାରରେ ପିନ୍ଧାଯାଉଥିବା ଏକ ସୂତ୍ର ହିସାବରେ ପଇତାକୁ ବ୍ୟବହାର କରାଯାଉଛି । ଭାରତୀୟ ହିନ୍ଦୁ ସମାଜରେ ଏହାକୁ ଅତ୍ୟନ୍ତ ପବିତ୍ର ସୂତ୍ର ଭାବେ ବିବେଚନା କରାଯାଇଥାଏ । ଆପଣମାନେ ନିଶ୍ଚୟ ଦେଖିଥିବେ ଯେ ବ୍ରାହ୍ମଣ ଓ ବିବାହିତ ଲୋକେ କେତେଖିଅ ସୂତାକୁ ବାମ କାନ୍ଧ ଉପରୁ ଡାହାଣ ହାତ ତଳ ପର୍ଯ୍ୟନ୍ତ ଓହଳାଇ ରଖିଥାନ୍ତି। ଏହି ସୂତ୍ରକୁ ପଇତା କୁହାଯାଏ । ଏହାକୁ ହିନ୍ଦିରେ ଜନେଉ ଓ ଇଂରାଜୀରେ ସାକ୍ରେଡ଼ ଥ୍ରେଡ୍ ମଧ୍ୟ କୁହାଯାଏ। ପଇତାକୁ ସଂସ୍କୃତ ଭାଷାରେ 'ଯଜ୍ଞ-ଉପ୍ୱିତ' କୁହାଯାଏ । ଏହା ମୁଖ୍ୟତ ହେଉଛି ତିନୋଟି ସୂତା ବିଶିଷ୍ଟ। ଏହାକୁ ଧାରଣ ପୂର୍ବରୁ ଅଭିମନ୍ତ୍ରୀତ କରି ପବିତ୍ର କରାଯାଇଥାଏ। ପଇତା ମୁଖ୍ୟ ତିନୋଟି ସୂତ୍ର ଦେବଋଣ, ପିତୃଋଣ ଏବଂ ଋଷିଋଣକୁ ମନେ ପକାଇ ଦେଇଥାଏ। ୧ - ଦେବଋଣ :- ଆମେ ଜୀବନ ଧାରଣ ପାଇଁ ପୃଥିବୀରେ ପରିଶ୍ରମ କରୁ କିନ୍ତୁ ଆଲୋକ ଉତ୍ତାପ ବାୟୁ ଜଳ ପ୍ରଭୃତି ଦେବଦତ୍ତ। ତେଣୁ ଆମେ ଦେବତାଙ୍କ ଋଣୀ। ୨ - ପିତୃଋଣ :- ଆମେ ପିତା- ମାତାଙ୍କ ପାଇଁ ପୃଥିବୀକୁ ଆସିଛନ୍ତି। ଏହା ଆମ ଉପରେ ଏକ ଋଣ ଓ ଏହାକୁ ସୁଝିବାକୁ ହେଲେ ଆମକୁ ମଧ୍ୟ ପିତା ମାତା ହେବାକୁ ପଡ଼ିବ। ୩ - ଋଷିଋଣ :- ଋଷି ମାନେ ଆମର ଜ୍ଞାନ ଦାତା। ସେମାନଙ୍କ ଠାରୁ ଆମର ଗୋତ୍ରର ଆରମ୍ଭ। ତେଣୁ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ଆମର କର୍ତ୍ତବ୍ୟ। ବ୍ରାହ୍ମଣ ପରିବାରରେ ଯଜ୍ଞୋପବିତ ଧାରଣ କରି ନ ଥିବା ପୁତ୍ର ପାଇଁ ନିଜ ପିତା-ମାତାଙ୍କୁ ମୁଖାଗ୍ନି ଦେବା ମଧ୍ୟ ନିଷିଦ୍ଧ ଅଟେ। ଆଜିର ଆଧୁନିକ ସମାଜରେ ଏହି ପବିତ୍ର ସୂତ୍ର ପ୍ରାଚୀନ ବୈଦିକ ରୀତିନୀତିକୁ ଦର୍ଶାଇବା ସହ ଏହାକୁ ଧାରଣ କରିଥିବା ବ୍ୟକ୍ତିର ବର୍ଣ୍ଣ ବା ଜାତିର ମଧ୍ୟ ସୂଚନା ଦେଇଥାଏ । ପଇତା ହେଉଛି ଭାରତୀୟ ହିନ୍ଦୁ ସଂସ୍କୃତିରେ ଧାରଣ କରାଯାଉଥିବା ଏକ ପବିତ୍ର ସୂତ୍ର । ଏହାକୁ ସାଧାରଣତଃ ହିନ୍ଦୁ ବ୍ରାହ୍ମଣମାନେ ଧାରଣ କରିଥାନ୍ତି । ଏହି ପଇତା ବା ଯଜ୍ଞୋପବିତକୁ ଧାରଣ କରିବା ପାଇଁ ବ୍ରତୋପନୟନ ନାମକ ଏକ ସଂସ୍କାରର ଆୟୋଜନ କରାଯାଏ । ବ୍ରାହ୍ମଣଙ୍କ ଛଡ଼ା କ୍ଷତ୍ରିୟ ଓ ବୈଶ୍ୟମାନେ ମଧ୍ୟ ପଇତା ଧାରଣ କରିଥାନ୍ତି । ବ୍ରାହ୍ମଣମାନଙ୍କ ପଇତା ସୂତାରେ ତିଆରି ହୋଇଥିବା ବେଳେ, କ୍ଷତ୍ରିୟମାନଙ୍କ ପଇତା ଛଣରେ ଓ ବୈଶ୍ୟମାନଙ୍କ ପଇତା ପଶମରେ ତିଆରି ହୋଇଥାଏ । ବ୍ରାହ୍ମଣମାନେ ଉପନୟନମ୍ ସଂସ୍କାର ବା ବ୍ରତୋପନୟନରେ ପଇତା ଧାରଣ କରିଥାନ୍ତି । ଏହି ସଂସ୍କାର ସାଧାରଣତଃ ୭ରୁ ୧୪ ବର୍ଷ ବୟସ ମଧ୍ୟରେ ହୋଇଥାଏ । ଯଦି କୌଣସି କାରଣରୁ ଏହି ବୟସ ସୀମା ମଧ୍ୟରେ ବ୍ରତଘର ହୋଇପାରି ନ ଥାଏ, ତେବେ ବିବାହ ପୂର୍ବରୁ ବ୍ରତଘର ସମ୍ପନ୍ନ କରିବାକୁ ପଡ଼େ । କେତେକ ପରିବାରରେ ମଧ୍ୟ ବିବାହ ସମୟରେ ବ୍ରତହେବାର ପ୍ରଥା ଅଛି । ବ୍ରତୋପନୟନ ଏକ ପ୍ରାଚୀନ ସଂସ୍କାର ଅଟେ । ଯେପର୍ଯ୍ୟନ୍ତ ଜଣେ ବ୍ରାହ୍ମଣ ବାଳକ ପଇତା ଧାରଣ କରି ନ ଥାଏ, ସେପର୍ଯ୍ୟନ୍ତ ତାକୁ ଦ୍ୱିଜ କୁହାଯାଇପାରେ ନାହିଁ । ଦ୍ୱିଜ, ଅର୍ଥାତ୍ ଦୁଇଥର ଜାତ । ଦୁଇଥର ଜାତ ବା ଜନ୍ମ ହୋଇଥିବା ପ୍ରାଣୀକୁ ସାଧାରଣତଃ ଦ୍ୱିଜ କୁହାଯାଏ । ଏହା ଏକ ସଂସ୍କୃତ ଶବ୍ଦ ଅଟେ । ପକ୍ଷୀଟିଏ ଯେତେବେଳେ ଅଣ୍ଡା ଦିଏ, ସେତେବେଳେ ପକ୍ଷୀ ଶାବକଟି ପ୍ରଥମଥର ଜନ୍ମ ହୋଇଥାଏ । ଅଣ୍ଡାଟିରୁ ଛୁଆ ଫୁଟିଲେ ଶାବକଟି ଦ୍ୱିତୀୟବାର ଜନ୍ମ ହୋଇଥାଏ । ଏହିପରି ଦୁଇଥର ଜନ୍ମ ହେଉଥିବାରୁ ପକ୍ଷୀମାନ ?ଙ୍କୁ ଦ୍ୱିଜ କୁହାଯାଏ । ସେହିପରି ବ୍ରାହ୍ମଣମାନ ?ଙ୍କୁ ମଧ୍ୟ ଦ୍ୱିଜ କୁହାଯାଏ । କୌଣସି ବ୍ରାହ୍ମଣ ପରିବାରରେ ବାଳକଟିଏ ଜନ୍ମଗ୍ରହଣ କଲେ, ବାଳକଟି ପ୍ରଥମଥର ପାଇଁ ବ୍ରାହ୍ମଣ ହୋଇ ଜନ୍ମହୋଇଥାଏ । ପରେ ସେହି ବ୍ରାହ୍ମଣ ବାଳକଟିର ବ୍ରତୋପନୟନ ହେଲେ ସେ ଦ୍ୱିତୀୟବାର ଜନ୍ମ ହୋଇଥାଏ । ଏହିପରି ବ୍ରାହ୍ମଣମାନେ ମଧ୍ୟ ଦୁଇଥର ଜନ୍ମ ହୋଇଥାନ୍ତି । ଯେଉଁ ବାଳକଟିର ବ୍ରତଘର ହେଉଥାଏ, ତାକୁ ବଟୁ ବା ଅଧ୍ୟୟନରତ ଛାତ୍ର କୁହାଯାଏ । ବ୍ରତୋପନୟନ ସଂସ୍କାରରେ ବ୍ରତ ହେଉଥିବା ବାଳକଟିକୁ ଗାୟତ୍ରୀ ମନ୍ତ୍ର ଶିକ୍ଷା ଦିଆଯାଏ ଏବଂ ବାଳକଟି ତିନି ଖିଅ ବିଶିଷ୍ଟ ଏକ ବ୍ରତୋପନୟନ ଧାରଣ କରିଥାଏ । ବ୍ରାହ୍ମଣଙ୍କ ବ୍ୟତୀତ ଏହି ଯଜ୍ଞୋପବିତ ବା ଜନେଓକୁ କ୍ଷତ୍ରିୟ ଓ ବୈଶ୍ୟମାନେ ମଧ୍ୟ ଧାରଣ କରିଥାନ୍ତି । ଯଦି କୌଣସି ବ୍ରାହ୍ମଣ ବାଳକ ବିଧିବଦ୍ଧ ଭାବରେ ବେଦ ଶିକ୍ଷା କରିବାକୁ ଚାହେଁ, ତେବେ ତାକୁ ୫ ବର୍ଷ ବୟସରୁ ହିଁ ପଇତା ଧାରଣ କରିବାକୁ ପଡ଼ିଥାଏ । ସେହିପରି ଯଦି କୌଣସି କ୍ଷତ୍ରିୟ ବାଳକ ବିଧିବଦ୍ଧ ଭାବରେ ଯୁଦ୍ଧବିଦ୍ୟା ଶିକ୍ଷା କରିବାକୁ ଚାହେଁ, ତେବେ ତାକୁ ୬ ବର୍ଷ ବୟସରୁ ପଇତା ଧାରଣ କରିବାକୁ ପଡ଼ିଥାଏ ଏବଂ ଯଦି କୌଣସି ବୈଶ୍ୟ ବାଳକ ବିଧିବଦ୍ଧ ଭାବରେ ବାଣିଜ୍ୟ ଶିକ୍ଷା କରିବାକୁ ଚାହେଁ, ତେବେ ତାକୁ ୮ ବର୍ଷ ବୟସରୁ ପଇତା ଧାରଣ କରିବାକୁ ପଡ଼ିଥାଏ । ବିବାହ ପରେ ତିନି ଖିଅ ବିଶିଷ୍ଟ ପଇତା ବଦଳରେ ବ୍ୟକ୍ତିଟିକୁ ଛଅ ଖିଅ ବିଶିଷ୍ଟ ପଇତା ଧାରଣ କରିବାକୁ ପଡ଼ିଥାଏ । ଏହି ଛଅ ଖିଅ ବିଶିଷ୍ଟ ପଇତା ବିବାହ ପରେ ତୁଲାଇବାକୁ ପଡୁଥିବା ଅତିରିକ୍ତ ଦାୟିତ୍ୱକୁ ଦର୍ଶାଇଥାଏ । ପଇତାର ତିନୋଟି ସୂତାକୁ ସତ୍ୟ, ରଜ ଏବଂ ତମ ର ପ୍ରତୀକ ମଧ୍ୟ କୁହାଯାଏ। କେହି କେହି ଏହାକୁ ଗାୟତ୍ରୀ ମନ୍ତ୍ରର ତିନୋଟି ସୋପାନର ପ୍ରତୀକ କହନ୍ତି। ଏହାକୁ ମଧ୍ୟ ମନୁଷ୍ୟର ତିନୋଟି ଆଶ୍ରମ ଯଥା - ବ୍ରହ୍ମଚର୍ଯ୍ୟ, ଗୃହସ୍ଥ ଓ ବାନପ୍ରସ୍ଥ ର ପ୍ରତୀକ ମଣନ୍ତି। ପାଇତାର ପ୍ରତ୍ୟେକ ସୂତ୍ରରେ ତିନୋଟି ଲେଖାଏଁ ପତଳା ସୂତା ଥାଏ। ଏହିପରି ସମୁଦାୟ ସୂତ୍ର ସଂଖ୍ୟା ନଅ । ଏହି ନଅ ସୂତ୍ରକୁ ମନୁଷ୍ୟର ନଅ ଦ୍ୱାର ବୋଲି କୁହାଯାଏ। ଗୋଟିଏ ପାଟି, ଦୁଇଟି ନାକ, ଦୁଇଟି ଆଖି, ଦୁଇଟି କାନ, ଗୋଟିଏ ମଳଦ୍ୱାର ଓ ଗୋଟିଏ ମୂତ୍ରଦ୍ୱାର ଏହିପରି ସମୁଦାୟ ନଅଟି ଦ୍ୱାର। ସେଥିପାଇଁ ଆମର ଏକ ତତ୍ତ୍ୱ ଯୁକ୍ତ ସରି ଭେଦ ଗୀତ ଟିଏ ଅଛି - ' କପିଳା ନାମରେ ଗାଇସେ, ତିନିମୁଖ-ଷଡ଼ ଲୋଚନ ଏକ ପାଦରେ ଉଭା ' କ୍ଷ ଆମେ ଜାଣିଛନ୍ତି ପାଇତାର ପାଞ୍ଚଟି ଗଣ୍ଠି ଅଛି । ପାଞ୍ଚଟି ଗଣ୍ଠି ଯାହା ବ୍ରହ୍ମ, ଧର୍ମ, ଅର୍ଥ, କାମ ଏବଂ ମୋକ୍ଷର ପ୍ରତୀକ ଅଟେ। ଏହା ମଧ୍ୟ ପାଞ୍ଚ ଇନ୍ଦ୍ରିୟ - ଚକ୍ଷୁ - କର୍ଣ୍ଣ - ନାସା - ଜିହ୍ୱା - ସ୍ପର୍ଶ ର ପ୍ରତୀକ। କେହି କେହି ଏହାକୁ ପଞ୍ଚ ତତ୍ତ୍ୱ - କ୍ଷୀତ - ଆପ - ତେଜ - ମରୁତ - ବ୍ୟୋମ ଅର୍ଥାତ ମାଟି - ପାଣି - ନିଆଁ - ପବନ - ଆକାଶ ବୋଲି କହନ୍ତି। ବୈଦିକ ଧର୍ମରେ, ପ୍ରତ୍ୟେକ ଆର୍ଯ୍ୟଙ୍କର କର୍ତ୍ତବ୍ୟ ହେଉଛି ପଇତା ପିନ୍ଧିବା ଏବଂ ଏହାର ନିୟମ ପାଳନ କରିବା। ପଇତାର ଦୈର୍ଘ୍ୟ ହେଉଛି ୯୬ ଆଙ୍ଗୁଠି। ଏହାର ଅର୍ଥ ହେଉଛି ପଇତା ଧାରକ ୩୨ ବିଦ୍ୟା ଓ ୬୪ କଳା ଶିଖିବାକୁ ଚେଷ୍ଟା କରିବା ଉଚିତ୍। ୩୨ ବିଦ୍ୟା ଯଥା ଚାରୋଟି ବେଦ, ଚାରି ଉପବେଦ, ଛଅ ଅଙ୍ଗ, ଛଅ ଦର୍ଶନ, ତିନୋଟି ସୂତ୍ର, ନଅ ଅରନ୍ୟକ କୁ ନେଇ ସମୁଦାୟ ୩୨ ଟି ବିଦ୍ୟା ଅଛି। ସେହିପରି ୬୪ ଟି କଳା ଯଥା ସ୍ଥାପତ୍ୟ, ରୋଷେଇ, ଚିତ୍ର, ସାହିତ୍ୟ କଳା, ହସ୍ତଶିଳ୍ପ, ଭାଷା, ମେସିନ୍ ତିଆରି, ସିଲେଇ, ଏମ୍ବ୍ରୋଡୋରୀ, ବୁଣାକାର, ହସ୍ତଶିଳ୍ପ, ଅଳଙ୍କାର ତିଆରି, କୃଷି ଜ୍ଞାନ ଇତ୍ୟାଦି ଇତ୍ୟାଦି ଶିଖିବା ଉଚିତ। ଏହାପରେ ଆସିବ ପଇତା ବ୍ୟବହାର କରିବାର ନିୟମ। ସେଗୁଡିକ ହେଲା - ବହିଷ୍କାର (ମଳତ୍ୟାଗ) ଏବଂ ପରିସ୍ରା କରିବା ପୂର୍ବରୁ ଡାହାଣ କାନରେ ଯଜ୍ଞୋପବିତ ଧାରଣ କରିବା ଉଚିତ। ହାତ ସଫା କରିବା ପରେ ଏହା ବାହାର କରାଯିବା ଉଚିତ । ଏହାର ଅର୍ଥ ହେଉଛି ପଇତା ସର୍ବଦା ଏପରି ଭାବେ ଅଣ୍ଟାରୁ ଉଚ୍ଚରେ ରହିବା ଉଚିତ ଯାହାଦ୍ୱାରା ଏହା ଅଶୁଦ୍ଧ ହେବ ନାହିଁ। ଯଦି ଉପ୍ୱିତର କୌଣସି ସୂତା ଛିଣ୍ଡି ଯାଏ କିମ୍ବା ଏହା ଛଅ ମାସରୁ ଅଧିକ ହୁଏ, ତେବେ ଏହାକୁ ବଦଳାଇ ଦେବା ଉଚିତ।

(କ୍ରମଶଃ)




## ଜାଣିଛି ସେ ଫେରିବନି

### ନଗେନ୍ଦ୍ର ନାଥ ପଟ୍ଟନାୟକ

ଭିନ୍ନ ଏକ ନାରୀ...
ନ ଦେଖିଲ ତ ଦେଖ ଭାଇ
ନାରୀର ଦୁଇଟି ରଙ୍ଗ
ଜଣେ ନାରୀ ସିନ୍ଦୁର ନେବା
ପ୍ରତିଶୋଧରେ ଓହ୍ଲାଇପଡ଼ିଲା
ରଣକ୍ଷେତ୍ରରେ ।
ବହାଲମପୁରରେ ଧସେଇ ପଶି
ଘନ ଘନ ଆକ୍ରମଣରେ
ନିପାତ୍ କଲା ଶତ୍ରୁ ସେନା
ଆତଙ୍କୀଙ୍କ କୁଡ଼କୁଡ଼ ପ୍ରାଣହୀନ
ନିସ୍ପନ୍ଦ ମୂର୍ଦ୍ଧାର ଗଣି ଗଣି
କ୍ଳାନ୍ତ ଶ୍ରାନ୍ତ ବିଚରା ପାକିସ୍ତାନ ।
ସେମିତି ଜଣେ ନାରୀ
ନିଜ ଦେଶରେ ସେ ଦେଶଦ୍ରୋହୀ
ସିନ୍ଦୂର ପୋଛୁଥିବା ନାରୀଙ୍କର
ସାଜିଥାଏ ସତର୍କ ପ୍ରହରୀ,
ବିରାଙ୍ଗନା ନାରୀର ଉଗ୍ରରୂପ ଦେଖି
ଛାତି ଚଉଡା ହେଉଥିବାବେଳେ
ଦେଶଦ୍ରୋହୀ ନାରୀର
ଅଲାଜୁକ କୁରୂପ ଦେଖି
ଲାଜ ସରମରେ ଜଡସଡ ମଥା
ଅବନତ ହୋଇଯାଏ
ଠିକ୍ ଯେମନ୍ତ ଲାଜକୁଳି ଲତାପରି ।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର
ଓସ୍କାର ସିଟି, ଲେନ୍ ନଂ ୯,
ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ,ଭୁବନେଶ୍ୱର
ମୋ:୯୪୩୮୩୩୨୧୩୮

## ବର୍ଷା ସ୍ମୃତି

### ସଞ୍ଜୟ ଖେମୁଣ୍ଡୁ



ଗଲାରାତି ଖୁବ ବର୍ଷା
ବିଜୁଳି ଓ ଘଡ଼ଘଡ଼ି, କରକାପାତ
ସାଥେ
ଅଚାନକ ଲାଇନ କଟା
ଘମାଘୋର ଅନ୍ଧକାର
ଝିଙ୍କାରୀର ଝିଂ ଝିଂ ଶବଦେ।

ଅମାନିଆ ମେଘ ଢାଳି ଦେଇଗଲା
ତାର ଯେତେ କୋହ ଓ ଅଭିମାନକୁ
ବର୍ଷାବୁନ୍ଦା କରି
ସେ ପଟେ ମୋ ପ୍ରେମିକା କହୁଥିଲା,
ବର୍ଷା ହେଲେ କାହିଁକି କେଜାଣେ ପ୍ରିୟ
ମୁଁ ଖୁବ ଅନ୍ୟମନସ୍କ ହୁଏ
ମୋ ଡାଏରୀରୁ ପଢୁ ପଢୁ ତୁମ
ହାତେ ଲେଖା ଯେତେସବୁ ଗଜଲ,
ସାଏରୀ।

ଅଥଚ ଯେତେ ଯେତେ
ବର୍ଷାହେଉଥିଲା
ସେତେ ସେତେ ସତେଜ ହେଉଥିଲା
ମୋ ପୁରୁଣା ଘାଆ ସବୁ
ଓଦା ହେଉଥିଲା ମାଟି,
ଅଥଚ ଗୋଟାପଣେ କୁହୁଳି
ଉଠୁଥିଲା ଛାତି,
ଆଉ ମୋ ଘର ଅଗଣା, ଦାଣ୍ଡ
ଦୂଆରକୁ
ମହକାଇ ଦେଉଥିଲା ସେ ଦିନର
ଅଧୁରା ପୀରତି।

ପୁରୁଣା ଚିତାପାରୀ, ମାଲକାନଗିରି
ମୋ: ୭୮୫୪୦୧୦୫୧୯

## ମେଘ

### ଧ୍ରୁବ ଚରଣ ଘିବେଲା

ଆକାଶ ଛାତିରେ
କେବେ ସୃଷ୍ଟି ହେଲେ କୋହ
ନିଏ କୋହ ମେଘ ରୂପ
ଆଉ ଆକାଶରେ ଭାସେ ମେଘ ।

ଆକାଶ କାନ୍ଦିଲେ
ସେ ମେଘ ତରଳେ
ତଳକୁ ଖସିଲେ
ବରଷା ଆସିଲା କୁହ ।

ସେମିତି
କା' ମନତଳର ଦୁଃଖ
ଛାତି ତଳେ ହେଲେ କୋହ
ଆଖିରେ ଭାସଇ ଲୁହ
ଆଖିରୁ ଖସିଲେ
ଭିଜେ ଗଣ୍ଡ ଦେଶ
ଝରଝର ଝରି ସେ ଲୁହ ।

ତେବେ ଦୁଃଖରୁ କୋହ
କୋହରୁ ମେଘ
ମେଘରୁ ବରଷା
କେବେ ପୁଣି ଝରେ
କାହାଠି ବର୍ଷା ଲୁହ ।

ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬








ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୬୬



ଡ. ସିନ୍ଧୁ ସେନ୍

ତାଙ୍କ ପଦଯୁଗଳରେ । ବେଳେବେଳେ ମୋତେ ଲାଗେ । କିଏ ଏହି ସୀତା ? ଦେବୀ ନା ମାନବୀ? ଏତେ ଅଦ୍ଭୁତ ଶକ୍ତି ଜଣେ ସାଧାରର ନାରୀ ଭିତରେ ଦେଖାଯିବା ସମ୍ଭବ ନୁହେଁ, ତେଣୁ ମୁଁ ଦୂରରୁ ସୀତାଙ୍କୁ ଦର୍ଶନ କରିଛି । ତାଙ୍କର ଭଲମନ୍ଦ ବୁଝୁଛି । ସେ କିନ୍ତୁ ମୋତେ ଠିକ୍ ବୁଝିବାକୁ ଚେଷ୍ଟାକରି ନାହାଁନ୍ତି। ମୋତେ ସେହି ରାକ୍ଷସ ଦୃଷ୍ଟିରେ ଦେଖି ଘୃଣା କରିଛନ୍ତି । କଟୂ ସମାଲୋଚନା କରିଛନ୍ତି । ସେସବୁ ଭାବିଲେ, ମୋତେ ଲାଗେ, ସୀତାଙ୍କ ଠାରେ ଏମିତି କିଛି ଅଲୌକିକ ଶକ୍ତି ରହିଛି, ଯେଉଁଥିପାଇଁ ତାଙ୍କୁ ଦେଖିଲା ପରଠାରୁ ..... ମୁଁ କାହିଁକି ଏମିତି ନିର୍ବଳ ହୋଇଯାଇଛି । ମୋ ଭିତରେ ସେହି ରାବଣତ୍ୱ ଆଉ ନାହିଁ । ଏଇ କ'ଣ ତେବେ ଦିଗ୍‌ବିଜୟୀ ରାବଣର ପରାଜୟର କାରଣ ? ମୁଁ କ'ଣ ତେବେ ଆଗକୁ ବିଜୟୀ ହୋଇ ପାରିବିନି । ସୀତାଦେବୀଙ୍କୁ ନେଇ ମୋ ମନରେ ରହସ୍ୟ କ୍ରମଶଃ ଘନୀଭୂତ ହେଉଥିଲା । ମୋ ସମ୍ମୁଖରେ ସେ ଭିନ୍ନଭିନ୍ନ ରୂପରେ ଆବିର୍ଭୂତା ହେଉଛନ୍ତି । ମୋତେ ଯେମିତି ଲାଗୁଥିଲା, ସୀତାଦେବୀ ଜଣେ ମାୟାବିନୀ ନାରୀ । ନହେଲେ ରାଜପ୍ରାସାଦ ଛାଡ଼ି ବନଚାରୀ ବେଶରେ ସ୍ୱାମୀ, ଦେବରଙ୍କ ସହ ଏମିତି କୁଚ୍ଛ୍ର ସାଧନାର ପଥ ବାଛି ନିଅନ୍ତେ କାହିଁକି ? ତାଙ୍କୁ ଯେତେ ଯେତେ ଦେଖୁଥିଲି, ମୋ ମନରେ ପୁଞ୍ଜିଭୂତ ଗର୍ବ, ଦର୍ପଣ, ଅହଂକାର ସବୁ ଯେମିତି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଯାଉଥିଲା । ମୋ ମନପକ୍ଷୀ ଯନ୍ତ୍ରଣାରେ ଛଟପଟ ହେଉଥିଲା । ବାସ୍ତବରେ ଯିଏ ନିଜକୁ ଚିହ୍ନିପାରେ ନାହିଁ, ତା ପାଇଁ ଆନନ୍ଦପ୍ରାପ୍ତି ସମ୍ଭବ ନୁହେଁ । ତାଛଡ଼ା ଯାହା ଭୁଲ୍, ତାକୁ ଜାଣି ମଧ୍ୟ ମୁଁ ତ ବାରମ୍ବାର ଭୁଲ୍ କରିଚାଲିଛି, ଭୁଲ୍‌କୁ ସଂଶୋଧନ କରିବା ଦୂରେ ଥାଉ । ମୋ ଭିତରେ ଅସତ୍ କାମନା, ଅସତ୍ ଚିନ୍ତା, ଆବୋରି ବସିଛି । ତାହାହିଁ ନିଜ ପ୍ରତି ଅତ୍ୟଧିକ ଆସକ୍ତିର ଏକମାତ୍ର କାରଣ । ବାସ୍ତବରେ ମୁଁ ନିଜେ ଖୁବ୍ ସ୍ୱାର୍ଥପର ପାଲଟି ଯାଇଥିଲି । ନିଜ ସ୍ୱାର୍ଥ ଛଡ଼ା ଆଉ କାହାରି କଥା ଚିନ୍ତା ମଧ୍ୟ କରି ନଥିଲି ।

ସେଦିନ ଥିଲା ଏକ ଆଳସ୍ୟ ଅପରାହ୍ଣ । ଭାରାକ୍ରାନ୍ତ ମନ ନେଇ କକ୍ଷ ମଧ୍ୟରେ ବିଚରଣ କରୁଥିଲି, ନାନା ଚିନ୍ତାରେ ବିଚଳିତ ହେଉଥିଲା ମୋ ତନୁମନ । କ'ଣ କରିବା ଉଚିତ କ'ଣ ଅନୁଚିତ, ଏସବୁ ନେଇ ମୁଁ ବ୍ୟସ୍ତବିବ୍ରତ ଥିଲି । ହଠାତ୍ ପରିଚାରିକା ପ୍ରବେଶ କରି ସମ୍ବାଦ ଦେଲା, ସେନାପତି ମୋତେ ଦର୍ଶନ କରିବାକୁ ଚାହାଁନ୍ତି । କିଛି ବୁଝିପାରୁ ନଥିଲି, କ'ଣ ପୁଣି ଆବଶ୍ୟକ ପଡ଼ିଲା ? ମୋ ପାଖରେ ଏମିତି କ'ଣ ଜରୁରି ବାର୍ତ୍ତା ଦେବାପାଇଁ ସେନାପତି ଚାହୁଁଥିଲେ । ମୁଁ ନିଜେ ତେଣୁ ତାଙ୍କୁ ଦେଖାଦେବା ପାଇଁ ବାହାରିଗଲି । ମହାରାଜା, ଅଶୋକବନରୁ ଏବେ ଏବେ ସମ୍ବାଦ ଆସିଛି । ସେଇ ଖବର ଦେବା ପାଇଁ ମୁଁ ଆସିଛି ଅଶୋକବନରୁ ପୁଣି କି ସମ୍ବାଦ ? ସୀତାଦେବୀଙ୍କର କିଛି ଆଉ ହୋଇନି ତ ? ମନ ମଧ୍ୟରେ ସଂଶୟ ଜାଗୁଥିଲି । ସୀତାଦେବୀଙ୍କ ସମ୍ପର୍କରେ କିଛି ଅଶୁଭ ଖବର ଆଉ ଶୁଣିବାକୁ ପଡ଼ିବନି ତ ? କ'ଣ ହୋଇଥିବ ସେ ସମ୍ବାଦଟି । ଏମିତି ନାନା ଦୁଃଶ୍ଚିନ୍ତା ମଧ୍ୟରେ ଉତ୍ସୁକ ନୟନରେ ଅନାଇ ରହିଲି ସେନାପତିଙ୍କୁ।

ମହାରାଜ, ଘୋର ବିପତ୍ତି, ଅଶୋକବନ ହୋଇଯାଇଛି ଧ୍ୱସ୍ତବିଧ୍ୱସ୍ତ । ଫଳପୁଷ୍ପର ସୁନ୍ଦର ସୁନ୍ଦର ବୃକ୍ଷମାନ ଧୂଳିସାତ୍ ହୋଇ ଭୂଇଁରେ ଲୋଟି ପଡ଼ିଛନ୍ତି । ଉଦ୍ୟାନ ରକ୍ଷକ ମାନେ ସମସ୍ତେ ମୃତ। ତେବେ ଦେବୀ ସୀତା ସୁରକ୍ଷିତ ଅଛନ୍ତି । ଆଉ ତାଙ୍କର ନିକଟତମ ରାକ୍ଷସୀ ଜୁଆଳି ମଧ୍ୟ ସୁରକ୍ଷିତ ଅଛନ୍ତି । ଏକା ନିଃଶ୍ୱାସରେ ଏସବୁ କଥା କହି ସେନାପତି ମହୋଦୟ ପୁନର୍ବାର କହିବାକୁ ଆରମ୍ଭ କଲେ । କହିଲେ, ଜାଣନ୍ତି ମହାରାଜ, ଏ ସବୁ କାମ ହୋଇଛି ଜଣେ ବାନର ଦ୍ୱାରା, ଆଶ୍ଚର୍ଯ୍ୟ ଜଣେ ବାନର ପୁଣି ଏମିତି କାଣ୍ଡ କରିପାରିଲା ଅଥଚ ଆମ ରାକ୍ଷସମାନେ ତା ସହ ଲଢ଼ିପାରିଲେ ନାହିଁ। ଏହା କେମିତି ସମ୍ଭବ।

ବୁଝିବାକୁ ଚେଷ୍ଟା କରନ୍ତୁ ରାଜନ୍, ବାନରଟିର ଚେହେରା ଯାହା, ସେ ତ ସାମାନ୍ୟ ବୋଲି ମନେହେଉନି । ତାକୁ ଆକ୍ରମଣ କରିବା ଏତେଟା ସହଜ ମଧ୍ୟ ନୁହେଁ । ବିଶାଳ ବପୁ, ପିଙ୍ଗଳ ନେତ୍ରଯୁକ୍ତ ବାନର ନିଶ୍ଚୟ ଜଣେ ସୀତାଦେବୀଙ୍କ ନିକଟ ଲୋକ, ନ ହେଲେ ତାଙ୍କର ତ କାହିଁ କିଛି କ୍ଷତି କରିନାହାନ୍ତି । ଭାବୁଥିଲି, ରାମଚନ୍ଦ୍ର ଲଙ୍କା ଯାତ୍ରା କରିବା ପାଇଁ ବାନର ସେନାର ସାହାଯ୍ୟ ନେଇଛନ୍ତି । ଇଏ ତେବେ ସେହି ବାନରଦଳ ମାନଙ୍କ ମଧ୍ୟରୁ କେହି ଜଣେ ହୋଇ ନଥିବେ ତ ? କିଛି ଅସମ୍ଭବ ମଧ୍ୟ ନୁହେଁ । ନହେଲେ ଗୋଟିଏ ବାନର ସହ ଲଢ଼ିବାକୁ ଯାଇ ଆମ ରାକ୍ଷସ ସେନା ହାରିଗଲେ କେମିତି ? ସତରେ କ'ଣ ଆମ ରାକ୍ଷସବାହିନୀ ପାଖରେ ପୂର୍ବର ସେ ବଳ, ଶକ୍ତି ନାହିଁ । ସେନାପତିଙ୍କ ମୁହଁରୁ ସବୁ ଶୁଣି ସାରିବା ପରେ ମୋତେ ଯେମିତି ଲାଗୁଥିଲା, ଖାଲି ରାକ୍ଷସସେନା ନୁହଁନ୍ତି, ମୁଁ ନିଜେ ମଧ୍ୟ ନିର୍ବଳ ହୋଇଯାଇଛି ଯେମିତି ? ସେନାପତି କହୁଥିଲେ, ରାକ୍ଷସବୀର ଜମ୍ବୁମାଳୀ ମଧ୍ୟ ସେହି ବାନରବୀରଙ୍କ ଠାରୁ ପରାସ୍ତ ହୋଇ ମୃତ୍ୟୁବରଣ କରନ୍ତି ।

ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦିଶୁଥିଲା । କିଏ ସେ ବାନର । ଆମ ରାକ୍ଷସସେନା ମାନଙ୍କୁ ଗୋଟି ଗୋଟି କରି ଶେଷ କରି ଦେଇଛନ୍ତି । ତାଙ୍କରି ପାଇଁ ଆମ ରାକ୍ଷସ ସେନାମାନଙ୍କ ସଂଖ୍ୟା କମି କମି ଗଲାଣି । ମୋ ମନରେ ପ୍ରଶ୍ନବାଚୀ ଉଠୁଥିଲା। ଏମିତିରେ ସେ ଯଦି ବେଶି ସମୟ ରହି ଏଠାରେ ତାଣ୍ଡବ କରେ, ତେବେ ତ ଆମ ରାକ୍ଷସସେନା ନିଶ୍ଚିହ୍ନ ହୋଇଯିବ । ତା ପରେ ତ ଶତ୍ରୁପକ୍ଷଙ୍କ ପକ୍ଷରେ ଲଙ୍କା ପ୍ରବେଶ କରିବା ସହଜ ହୋଇପଡ଼ିବ, ଭୟରେ ମୋ ଛାତିରେ କମ୍ପନ ଜାଗୁଥିଲା । ଏ ବାନର ତେବେ କୌଣସି ମାୟାବୀ ଦେବତା ନୁହେଁ ତ ? ଆମ ଗୁପ୍ତଚର ମାନେ କ୍ଷଣକୁ କ୍ଷଣ ସମ୍ବାଦ ଦେଉଥାନ୍ତି । ଏବେବି ସେ ବାନରର ଧ୍ୱଂସଲୀଳା ସମାପ୍ତ ହୋଇନି । ବରଂ ତୀବ୍ରରୁ ତୀବ୍ରତର ହୋଇ ଉଠୁଛି ପ୍ରଳୟ ତାଣ୍ଡବ, ସାରା ବନଭୂମି ଏବେ ଧ୍ୱସ୍ତବିଧ୍ୱସ୍ତ । ତାରି ସାଥିରେ ଲଢ଼ିବାକୁ ଯାଇ ପୁତ୍ର ଅକ୍ଷ କୁମାର ମଧ୍ୟ ନିହତ ହୋଇଛନ୍ତି, ହାୟରେ ଦୁର୍ଭାଗ୍ୟ, ଏଇଆ ଦେଖିବାକୁ କ'ଣ ମୁଁ ଏବେବି ଜୀବିତ ଅଛି । ପୁତ୍ରର ମୃତ୍ୟୁ ଖବର ମନ୍ଦୋଦରୀ କେମିତି ପାଇଲେ କେଜାଣି, ସେ ତ ଲୁହ ଡବଡବ ଆଖିରେ ଧାଇଁ ଆସି ମୋ ବକ୍ଷରେ ଲୋଟିଗଲେ। ଦୁହେଁ ଅନେକ ସମୟ ଧରି ପୁତ୍ରଶୋକରେ ଆଖିରୁ ଲୁହ ଝରାଇ ପରସ୍ପରକୁ କେବଳ ସାନ୍ତ୍ୱନା ଦେଲୁ। ବାରମ୍ବାର ସମ୍ବାଦମାନ ଆମ ପାଖକୁ ଆସୁଥାଏ । ମୁଁ ମଧ୍ୟ ଉତ୍କଣ୍ଠାର ସହ ସେସବୁ ଶୁଣିବା ପାଇଁ ଉତ୍ସୁକ ହୋଇ ଉଠୁଥିଲି । ଶୁଣିଲି, ଅକ୍ଷକୁମାରଙ୍କ ମୃତ୍ୟୁପରେ ଇନ୍ଦ୍ରଜିତ୍ ସ୍ୱଇଚ୍ଛାରେ ସେ ବାନର ସହ ଲଢ଼ିବାକୁ ଯାଇଛି । ଇନ୍ଦ୍ରଜିତ ନାମ ଶୁଣି ମନ୍ଦୋଦରୀ ଚମକି ଉଠିଲେ । ଗୋଟିଏ ପୁତ୍ର ଶୋକ ନ ସରୁଣୁ ପୁଣି ଇନ୍ଦ୍ରଜିତ ନାମ ଶୁଣି ଚମକି ପଡ଼ିବା ସ୍ୱାଭାବିକ । ମୋର କିନ୍ତୁ ଇନ୍ଦ୍ରଜିତ ଉପରେ ସଂପୂର୍ଣ୍ଣ ଭରସା ଥିଲା । ମନ୍ଦୋଦରୀଙ୍କୁ ବୁଝାଇବାକୁ କହିଲି, ବ୍ୟସ୍ତ ହୁଅନି ରାଣୀ, ଇନ୍ଦ୍ରଜିତ ଉପରେ ଭରସା ରଖ, ତାର ବୀରତ୍ୱ ଉପରେ ମୋର ଆସ୍ଥା ରହିଛି । ତୁମେ ମଧ୍ୟ ଜଣେ ବୀରପୁତ୍ରର ଜନନୀ। ତେଣୁ ଅପେକ୍ଷା କର । ହୁଏତ ଇନ୍ଦ୍ରଜିତ କିଛି ଶୁଭ ସମ୍ବାଦ ନେଇ ନିଶ୍ଚୟ ଫେରିବ । ସତକୁ ସତ ଇନ୍ଦ୍ରଜିତ ଅନ୍ୟମାନଙ୍କ ପରି ବାନର ଠାରେ ପରାଜିତ ନହୋଇ ଜିତିବାର ଶପଥ ନେଇ ତାଙ୍କ କାର୍ଯ୍ୟରେ ଲାଗି ପଡ଼ିଛନ୍ତି ।

ଉପସ୍ଥିତ ସେନାବାହିନୀ, ମୁଖ୍ୟ ସେନାପତି, ମହାମନ୍ତ୍ରୀ ସମସ୍ତଙ୍କ ମୁହଁରେ ଚାପା ଗୁଞ୍ଜନ । ବାନର ଆସିଲା କେଉଁ ବାଟ ଦେଇ ? ଲଙ୍କାଗଡ଼ର ଚାରିପଟେ ତ ସମୁଦ୍ର । ତାଛଡ଼ା ପୂର୍ବରୁ ତ ଲଙ୍କାଗଡ଼ର ସୀମା ଚାରିପଟୁ ବନ୍ଦ କରି ଦିଆଯାଇଛି । ପୁଣି ଚାରିପଟେ ରାକ୍ଷସ ସେନା ଦଳ ମଧ୍ୟ ଜଗି ରହିଛନ୍ତି । ଏହା ସତ୍ତ୍ୱେ ବାନରଟି କେଉଁ ଗୁପ୍ତ ଛିଦ୍ର ଦେଇ ପ୍ରବେଶ କରିଛି, ସମସ୍ତେ କେବଳ ନିଜ ନିଜ ମଧ୍ୟରେ ଯୁକ୍ତିତର୍କ କରୁଥିଲେ । ଲଙ୍କାର ସୁରକ୍ଷା ବଳୟ କ'ଣ ତେବେ ହୁଗୁଳା ହୋଇଗଲାଣି, ମୁଁ ନିଜେ ମଧ୍ୟ ଭାବି ପାରୁ ନଥିଲି, ଏମିତି ସବୁ ଅଘଟଣ ଘଟିଲା କେମିତି ? ମହାମନ୍ତ୍ରୀ ଏସବୁ ଘଟଣା ପାଇଁ ନିଜକୁ ଦାୟୀ କରି ତାଙ୍କ ପଦବିରୁ ଓହରି ଯିବାକୁ ଚାହୁଁଥିଲେ । କିନ୍ତୁ ମୁଁ ଜାଣିଥିଲି, କାହାକୁ ପଦଚ୍ୟୁତ କରିଦେଲେ ସମସ୍ୟାର ସମାଧାନ ହୁଏନି । ବରଂ ଆଗକୁ ସମସ୍ୟା ଯେମିତି ଅଧିକ ଜଟିଳ ନ ହେବ, ସେ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ତେଣୁ କାଳବିଳମ୍ବ ନ କରି ମହାମନ୍ତ୍ରୀଙ୍କୁ ଏକ ଜରୁରି କାଳୀନ ସଭା ଡକାଇବା ପାଇଁ କହିଲି ।

ମନେ ପଡ଼ି ଯାଉଥିଲା, ବାପାଙ୍କ ଠାରୁ ଶିଖିଥିବା କଥା । ବାପା କହୁଥିଲେ ଶିକ୍ଷାର କେବେବି ଶେଷ ନାହିଁ । ତାଛଡ଼ା ସବୁ ଶିକ୍ଷା ଠାରୁ ଆତ୍ମଶିକ୍ଷା ହେଉଛି ବଡ଼ଶିକ୍ଷା, ନିଜର ଆଭିଜାତ୍ୟ ଉପରେ ପ୍ରତିଷ୍ଠିତ ହେବା ବଡ଼କଥା ନୁହେଁ । ନିଜ ଉପରେ ଆସ୍ଥା, ବିଶ୍ୱାସ ଓ ଭରସା ରଖିବା ହେଉଛି ଆତ୍ମିକ ଶିକ୍ଷାର ଅଂଗ ବିଶେଷ । ତେଣୁ ଆତ୍ମିକ ଶିକ୍ଷାର ଅର୍ଥ ହେଉଛି ମାନବିକତା ଉପରେ ଗୁରୁତ୍ୱ ଦେବା । ତେଣୁ ଆଚାର ଓ ବିଚାରର ମୂଲ୍ୟବୋଧ ହେଉଛି ମାନବିକତା । ମାନବିକତାର ଫଳଶ୍ରୁତି ହେଉଛି ଆତ୍ମସନ୍ତୋଷ ଓ ଆତ୍ମଶାନ୍ତି । ତେଣୁ ଅନ୍ୟମାନଙ୍କ ପାଇଁ ତଥା ଦେଶ, ଜାତି ପାଇଁ ଭଲଚିନ୍ତା ଓ ଭଲକାର୍ଯ୍ୟର ଉପଚାର କରିବା ଉଚିତ୍ ବ୍ୟକ୍ତିର ଜୀବନ କେବଳ ତାର ବ୍ୟକ୍ତିଗତ ଜୀବନ ନୁହେଁ । ଆମ ଜୀବନର ଏକାଧିକ ଦିଗ ରହିଛି । ବିଶେଷକରି ସାମାଜିକ ଓ ରାଷ୍ଟ୍ରୀୟ ଦିଗ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

## ଅଭାବ

### ଝରଣା ବାରିକ

ଧନ ସମ୍ପଦରେ ଭରପୁର
ମୋ ଘର ଦ୍ୱାର
ବ୍ୟାଙ୍କ ବାଲାନ୍ସ ଅମାପ
ବସି ଖାଇଲେ ଜୀବନ ସରିଯିବ
ସାଇତି ରଖିଥିବା
ସମ୍ପତ୍ତି ରୁ କାଣିଚାଏ
ସରିଥିବ କି ନାହିଁ ଜାଣେନା।

ତିନି ମହଲା ଛାତଘର ଟିଏ
ମୁଣ୍ଡ ଟେକି ଠିଆ ହେଇଛି ଗାଁ ମଝିରେ
ଦୂରରୁ ଦେଖୁଥିବା ଲୋକ ମାନେ
ଭାବନ୍ତି କି ସୁନ୍ଦର ଘର
ଭାରି ବଡ଼ ଲୋକ ଏମାନେ
ଅଭାବ କଣ ଏମାନଙ୍କୁ ଛୁଇଁ ଥିବ !

ଭାରି ଖୁସିରେ ଅଛନ୍ତି ବୁଢ଼ା ବୁଢ଼ୀ ଦୁହେଁ
ସବୁବେଳେ ହସ ଖୁସିରେ ଦିନ ବିତୁଥିବ।

କିଏ ଦେଖିଛି
ଆମ ଭିତରେ ଥିବା ଅଭାବକୁ

ଅଭାବ ଅଛି ନାଁ
ଧନର ନୁହେଁ ମନର
ଅଭାବ ଅଛି ନାଁ
ସମ୍ପତ୍ତି ର ନୁହେଁ ସମ୍ପର୍କର
ଅଭାବ ଅଛି ନାଁ
ବ୍ୟାଙ୍କ ବାଲାନସ ନୁହେଁ
ପରିବାର ସଦସ୍ୟ ମାନଙ୍କର

ଯୋଉ ଅଭାବ କି ପୁରଣ ହେବା ଅସମ୍ଭବ
କୁଢ କୁଢ ଧନ ସମ୍ପତ୍ତିର ମୂଲ୍ୟ ଦେଇ।

ସମଲ, ତାଳଚେର, ଅନୁଗୋଳ
(ମୋ) ୯୫୫୬୮୪୬୯୩୨

## ମାଆ ପାଇଁ ପଦେ

### ହରପ୍ରିୟା ସାହୁ

ମା ବୋଲି ଯେଉଁ ଅମୂଲ୍ୟ ଶବଦ
ଆହା କି ସୁଆଦ ସତେ
ମା ସ୍ନେହ ଡାକରେ ଅଛି କି କୁହୁକ
ସୁଧା ବର୍ଷେ କର୍ଣ୍ଣ ପଥେ !!

କୋଳେ ମୁଣ୍ଡ ରଖି ଦଣ୍ଡେ ଶୋଇଗଲେ
ମିଳଇ ସରଗ ସୁଖ
ମା କୋଳକୁ ତ ସମାନ ନହେବ
ଇନ୍ଦ୍ର ରାଜାଙ୍କ ପଲଙ୍କ !!

ମା'ର ବିକଳ୍ପ କଳ୍ପନା କରିବା
କେବଳ ଅଜ୍ଞାନ ପଣ
ଏମିତି ସନ୍ତାନ ନାହିଁ କେ ଜଗତେ
ଶୁଝିଛି ମା'ର ଋଣ !!

ଦେହ ମୁଣ୍ଡ ହେଲେ ନଖାଇ ନ ପିଇ
ପାଶେ ଜଗି ବସିଥାଏ
ଗୋଡ଼ ଦିଏ ଘଷି ମୁଣ୍ଡକୁ ଆଉଁସି
ଦିଅଁଙ୍କୁ ମାନାସୁ ଥାଏ !!

ତୋରାଣି କଂସାକ ପିଇ ଢକ ଢକ
ସନ୍ତାନକୁ ଦିଏ ଦାନା
ନୂଆ ଖଣ୍ଡେ ଥିଲେ ସନ୍ତାନକୁ ଦେଇ
ନିଜେ ପିନ୍ଧେ ଛିଣ୍ଡା କନା !!

ନୁଖୁରା ମୁଣ୍ଡରେ ନିଜେ ଥାଉ ପଛେ
ସନ୍ତାନ ମୁଣ୍ଡରେ ତେଲ
ନିଜେ ଥାଉ ପଛେ ଦୁଃଖ ଯନ୍ତ୍ରଣାରେ
ସନ୍ତାନକୁ କରେ ଗେଲ !!

ମା'ର ପଣତ ଶ୍ରୀମନ୍ଦିର ନେତ
ସନ୍ତାନ ନିମନ୍ତେ ଢାଲ



ମା'ର ପଣତେ ଯେ ମୁହଁ ପୋଛିଛି
ସେ ଏକା ଜାଣେ ତା ମୂଲ !!

ମା ହାତ ରନ୍ଧା ତୁଚ୍ଛ ଭାତ ଗୁଣ୍ଡା
ଲାଗଇ ଅମୃତ ସମ
ମା ଶୂନ୍ୟସ୍ଥାନ କରିବ ପୂରଣ
ସଂସାରେ ନୁହେଁ କେ କ୍ଷମ !!

ଜଗତସିଂହପୁର, ଓଡ଼ିଶା

## ବିବାହ ବନ୍ଧନ

### କବିତା ମେହେର

ବିବାହ ବନ୍ଧନ ସାତ ଜନମକୁ
ଅଭୁଲା ସ୍ମୃତିଟେ ପରା
ସଂପର୍କ ଆମର ମଜବୁତ ହେଉ
ସୁଖ ଶାନ୍ତି ସ୍ନେହ ଭରା।

ପତି ପତ୍ନୀ ଭଳି ମଧୁର ସଂପର୍କ
ଦୁନିଆରେ କିଛି ନାହିଁ
ମନ ହରଷରେ ପବିତ୍ର ପ୍ରେମରେ
ଜୀବନ କଟିବା ପାଇଁ।

ଦୁନିଆର ଯେତେ ଖୁସି ସବୁ ଅଛି
ମିଳିଯାଉ ଆମ ପାଇଁ
ବିପଦେ ଆପଦେ ଆମ୍ଭେ ଦୁହିଁଙ୍କର
ରହିଥାଉ ଛାଇ ହୋଇ।

ସଦା ସରବଦା ହସ ଫୁଟୁଥାଉ
ମୁଖ ମଣ୍ଡଳରେ ଆମ
ଭଲ ପାଉଥାଉ ସାରା ଜୀବନଟା
ଯେଭଳି ପ୍ରଥମ ପ୍ରେମ।

ଲକ୍ଷ୍ମୀ ନାରାୟଣ ଯୋଡି ଆମ ହେଉ
ଏତିକି ମୋହର ପ୍ରାର୍ଥନା
ବିବାହ ବନ୍ଧନ ସାର୍ଥକ ହୋଇବ
ପ୍ରେମ ହୋଇବନି ଊଣା ।

ପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା
ଏତିକି ମିନତି ମୋର
ଦାମ୍ପତ୍ୟ ଜୀବନ ହେଉ ଆମ ପାଇଁ
ସୁଖ ଶାନ୍ତି ସଦ୍‌ଭାବର ।

କଂସିଲ୍, ବଙ୍ଗୋମୁଣ୍ଡା
ଜିଲ୍ଲା- ବଲାଙ୍ଗିର



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୯୨ ॥

ସେଥିପାଇଁ ସେ ବ୍ରହ୍ମାଙ୍କ ଠାରେ ନିଜର ଧ୍ୟାନ ରଖି ତପସ୍ୟା କରିବାରେ ଲାଗିଲେ। କଠୋର ସାଧନା ବଳରେ ସହସ୍ର ବର୍ଷପରେ (୧୦ ବର୍ଷ ପରେ) ସେ ନିଜ ସାଧନାରେ ସଫଳତା ଲାଭ କଲେ। ଏପରି ସାଧନା ବଳରେ ସେହି ସମୟରେ ବ୍ରହ୍ମ ସାଧନା କରି ବ୍ରହ୍ମା ପଦ ଲାଭ କରି ଥିବା ପିତାମହ ତାଙ୍କ ନିକଟରେ ଉପସ୍ଥିତ ହୋଇ ଗଲେ। କଠୋର ଶ୍ରମ ବଳରେ ତାଙ୍କର ବାଂଛିତ ବାସନାର ସିଦ୍ଧି ଲାଭ ହେଲା। ବର୍ତ୍ତମାନ ମଧ୍ୟ ଏହି ବିଜ୍ଞାନ କାର୍ଯ୍ୟକାରୀ ହେଉଅଛି। ବ୍ରହ୍ମା ତାଙ୍କୁ ତାଙ୍କ ତପସ୍ୟାର କାରଣ ପଚାରିଲେ। 'ମୋତେ ଅମର ବର ପ୍ରଦାନ କରନ୍ତୁ।' ହିରଣ୍ୟକଶିପୁ ଉତ୍ତର ଦେଲେ, 'ବ୍ରହ୍ମା ଚିନ୍ତା କଲେ ଯେ, ଆର୍ଯ୍ୟ ମାନଙ୍କର ବିବର୍ତ୍ତନ ବାଦ ହେଉଛି ବିଶ୍ୱ ପ୍ରତି ଏକ ବିଶେଷ ଅବଦାନ। ବ୍ରହ୍ମ ଅଣୁରୁ ଜଡ, ଜଡରୁ ଜୀବ କୋଷ ସୃଷ୍ଟି ହେବା ପରଠାରୁ ଏହା ମନ୍ଥନ ଦ୍ୱାରା ବିଭାଜିତ ପାଳିତ ଓ ମିଶ୍ରିତ ହୋଇ ଉତ୍ତରୋତ୍ତର ଦାନବ, ମାନବ, ଦେବତା ଆଦି ତାରକାଠାରୁ ପୃଥିବୀରେ ଜୀବ ସୃଷ୍ଟି କରି ଚାଲିଛି ଏବଂ ଏହି ବିବର୍ତ୍ତନ ଏବେ ମଧ୍ୟ ଶେଷ ହୋଇନାହିଁ। ପର୍ଯ୍ୟାୟକ୍ରମେ ମାଛ ( ରତିକ୍ରିୟା କରିଥିବା ପ୍ରଥମ ଜଳଚର ପ୍ରାଣୀ) କଚ୍ଛପ, ଉଭୟଚର ପ୍ରାଣୀ,ବରାହ, ପଶୁ ଆଦି ପରେ ଦାନବ ( ଡାଇନୋସର ପରି ସରୀସୃପ ପରେ ପ୍ରଳୟ)ରୁ ପୁଣି ଜୀବଠାରୁ ବିବର୍ତ୍ତି ତ ମାନବ ଓ ସର୍ବୋତ୍ତମ ଦେବତା ପର୍ଯ୍ୟନ୍ତ ବିବର୍ତ୍ତିତ ହୋଇ ଦିନେ ଈଶ୍ୱର ପର୍ଯ୍ୟନ୍ତ ବିବର୍ତ୍ତିତ ହେବ !!

'ଏହି ପର୍ଯ୍ୟନ୍ତ ଅମର ହେବାର ଜ୍ଞାନ କୌଣସି ଅସୁରଙ୍କୁ ଦିଆ ଯାଇ ନାହିଁ। ଅନ୍ୟ ବର ମାଗ ।' ବ୍ରହ୍ମା ଉତ୍ତର ଦେଲେ।

ହିରଣ୍ୟକଶିପୁ ନିଜର ବୁଦ୍ଧି ବଳରେ ଅମର ହେବାରେ ସହା ୟତା କରିବା ପାଇଁ ଯେଉଁ କୌଶଳ ମାନ ଚିନ୍ତା କରିଥିଲେ, ତାହାର ବିଜ୍ଞାନ ପଦ୍ଧତି ମାନ ପ୍ରଶ୍ନ କଲେ।

କୁହାଯାଇଛି ଯେ, ସେତେବେଳେର ପ୍ରାକୃତିକ ପରିବେଶ ଏପରି ଥିଲାଯେ, ଜୀବ, କୋଷ ଗୁଡିକ ଆପେଆପେ ବିନା ବିଜ୍ଞାନରେ ପ୍ରାକୃତିକ ଭାବେ ପରିପୃଷ୍ଟ ଓ ବିକଶିତ ହୋଇ ନୂତନ କୋଷମାନ ଗଠନ କରୁଥିଲେ । ଏହି ଜୀବକୋଷ ଗୁଡିକ ବିଭାଜିତ ହୋଇ, ପାଳିତ ହୋଇ ଓ କଶ୍ୟପ ପ୍ରଜାପତିଙ୍କ ସହ ମିଶ୍ରିତ ହୋଇ ଜୀବମାନଙ୍କୁ ସୃଷ୍ଟି କରିପାରୁଥିଲା। ଏହିଭଳି ମନୁଷ୍ୟ ମାନଙ୍କ ସୃଷ୍ଟି ପରେ ଦକ୍ଷ ପ୍ରଜାପତି ( ଏହି ପ୍ରଜାପତି ନବଧା ପ୍ରଜାପତିଙ୍କ ଅନ୍ତର୍ଗତ ଏବଂ ଅଣ୍ଡ ସହ ସଂପର୍କିତ, ଯାହା ପ୍ରଥମେ ପୁରୁଷ ଜୀବ, ପରୁଷଠାରୁ ନାରୀ ବିବର୍ତ୍ତିତ ହେଲା।) ସମୟ ପର୍ଯ୍ୟନ୍ତ ଜୀବମାନେ ବ୍ରହ୍ମ ଅଣୁରୁ ସୃଷ୍ଟି ହେଉଥିଲେ। ଏଥିପାଇଁ ଭାରତୀୟ ମାନେ ଅର୍ଦ୍ଧ ନାରୀଶ୍ୱର ମୂର୍ତ୍ତିର କଳ୍ପନା କରିଥିଲେ। କ୍ରମେ ପ୍ରାକୃତିକ ପରି ବେଶର ପରିବର୍ତ୍ତନ ହେବା ଫଳରେ ବିନା ବିଜ୍ଞାନରେ ଏଭଳି ନୂତନ ସୃଷ୍ଟି କରିବା କଷ୍ଟସାଧ୍ୟ ହୋଇ ପଡ଼ିଲା ଏବଂ ମିଥୁନ କ୍ରିୟା ଦ୍ୱାରା ନିର୍ଦ୍ଦିଷ୍ଟ ସୃଷ୍ଟି ହେଲା। ପରେ ନିଜେ ବ୍ରହ୍ମା ନିଜ ବିଜ୍ଞାନ ବଳରେ ସ୍ୱୟଂଭୂବ ଶତରୁପା, ସପ୍ତ ବା ଦଶଋଷି ସୃଷ୍ଟି କଲେ। ପୁଣି ଦକ୍ଷ ପ୍ରଜାପତି ଏହି ପଦ୍ଧତିରେ ବିଭିନ୍ନ ଜାତିର ନାରୀ ମାନଙ୍କୁ ବିଭାଜନ କରି ପାଳନ କଲେ ଓ କଶ୍ୟପ ତଥା ଅନ୍ୟ ପ୍ରଜାପତିଙ୍କ ସହ ମିଳିତ କଲେ। ଆଦିତ୍ୟଙ୍କ ପରେ ଚନ୍ଦ୍ରଙ୍କ ପ୍ରାଧାନ୍ୟ କ୍ରମେ କ୍ଷୟ ହେଲା। ଏହି ବିବର୍ତ୍ତନରେ ଓଡ଼ିଆମାନଂକ ବିଷୁବ ସଂକ୍ରାନ୍ତିରେ ଜନ୍ମିତ ମାରୁତି ବାସ୍ତବରେ ଆଦିମ ମାନବ ବା ନୃବାନର ମାନଂକ ପ୍ରତିଭୂ ଥିଲେ। ଏମାନେ ମାଂସଭୋଜୀ ନଥିଲେ। ହିରଣ୍ୟକଶିପୁ ପରି ଆଦିମ ଜାତି ମାନେ, ଯେଉଁମାନେ ନିର୍ବିଚାର ଭାବେ ଜୀବ ହତ୍ୟା, ମାନବ ହତ୍ୟା, ମାନବ ବଳି ଦେଉଥିଲେ ବା ମାନବ ମାଂସ ଭୋଜନ କରୁଥିଲେ । ଏହିପରି ସଭ୍ୟତା କେବେ ଦୀର୍ଘ ସ୍ଥାୟୀ ହୋଇପାରି ନଥିଲା। ପୁଣି ସେହି ମାନବ ଜାତିର ବିବର୍ତ୍ତନ ହୋଇଥିଲ। ଏହି ବିବର୍ତ୍ତନ ଏହି ପର୍ଯ୍ୟନ୍ତ ଅସାଧାରଣ ସଭ୍ୟ ଦେବତାମାନଙ୍କ ପର୍ଯ୍ୟନ୍ତ । ମାନବ ଜାତିର ମଙ୍ଗଳ ପାଇଁ ସେମାନେ ଏହି ଯୁଗର ଶେଷ ପର୍ଯ୍ୟନ୍ତ ଅମର ବର ପାଇବା ପାଇଁ ଉପଯୁକ୍ତ ଥିଲେ। ତେଣୁ ବ୍ରହ୍ମା ଅମରବର ବ୍ୟତୀତ ସେ ଇଚ୍ଛା କରୁଥିବା ଅନ୍ୟ ବରମାନଙ୍କୁ 'ତଥାସ୍ତୁ' କରିଦେଲେ ବା ଏହାର ପ୍ରତିରକ୍ଷାର ଉପାୟ ବତାଇ ଦେଲେ। ମନ୍ଦର ପର୍ବତର ନିକାଞ୍ଚନ ଗୁହା ମଧ୍ୟରେ ରହି ସେ ନିଜ ଦେହକୁ ଏକ ଅତ୍ୟନ୍ତ ଶକ୍ତିଶାଳୀ ଯୁବକ ହିରଣ୍ୟକଶିପୁରେ ପରିଣତ କରିବାର ଉପାୟ ସୃଷ୍ଟିକଲେ। (ସେ ଦେହର ଜୀବକୋଷ ଗୁଡ଼ିକ ସତେଜ ରଖିବା ପାଇଁ ଏପରି ଏକ ଔଷଧ ବାହାର କରିଥିଲେ ଯେ ସେଥିରୁ ସୃଷ୍ଟି ହୋଇଥିବା ହିରଣ୍ୟକଶିପୁ ସମ୍ପୂର୍ଣ୍ଣ ରୋଗ, ବ୍ୟାଧୀ ହୀନ, ଜରା ହୀନ, ଶୀତ ତାପ ନିୟନ୍ତ୍ରିତ, ଘର ଏବଂ ବାହାରର ପରିବେଶରେ ସମସ୍ତ କ୍ଷତିକାରକ ଉପାଦାନ ମାନଙ୍କର ଏକ ପ୍ରତିରକ୍ଷୀ ହୋଇଗଲା। ସେ ଦୀର୍ଘ ଦିନ ପରୀକ୍ଷା କରି ଏକ ଏଭଳି ମହୌଷଧି ପ୍ରସ୍ତୁତ କଲେ, (ଯେପରି ଏବେ ଇସ୍ରାଏଲ,ଏବଂ ଏହା ପୂର୍ବରୁ ମଧ୍ୟ ଏହିପରି ଔଷଧ ଉଦ୍ଭାବନ କରା ଯାଇଛି, ଯାହା ସେବନ କଲେ ବୟସ କିଛି ବର୍ଷ ପଛକୁ ଫେରିଯାଏ ! ଯାହାକୁ ସେବନ କଲେ ତାଙ୍କର ଶରୀର ଏକ ଶକ୍ତିଶାଳୀ ଯୁବକ ଶରୀରରେ ପରିଣତ ହୋଇଯିବ। ଏହି ଔଷଧର ସେବନ କଲେ, ଦେହରୁ ବିଷର ପ୍ରଭାବ ଏବଂ ବ୍ୟାଧି ମଧ୍ୟ ଦୂରୀଭୂତ ହୋଇ ଯିବ। ଏହାପରେ ସେ ଆର୍ଯ୍ୟ ଓ ଦେବତାମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବିଭିନ୍ନ ଭିନ୍ନ ଧାତୁର ଆୟୁଧ, ବିଭିନ୍ନ ଭିନ୍ନ ମୃତ୍ୟୁ କାରକଶକ୍ତି, ଯଥା ଜଳ, ଅଗ୍ନି, ବଜ୍ର ବିଦ୍ୟୁତ୍ , ବାରୁଦ ଆଦିକୁ ପରୀକ୍ଷା କରି ନିଜର ଶରୀର ପାଇଁ ତାର ପ୍ରତିରୋଧ ଶକ୍ତି ଥିବା ଏକ ନୂତନ ପୋଷାକ ତିଆରି କଲେ। ଏହି ପୋଷାକ ପିନ୍ଧିଲେ, ଯୋଦ୍ଧାର ଯୁଦ୍ଧ କରିବାର ଶକ୍ତି ମଧ୍ୟ ବଢ଼ିଯାଉ ଥିଲା। (ଏବେ ରୁଷିଆ ତରଫରୁ ଯୁଦ୍ଧରେ ଏହିଭଳି ପୋଷାକ ବ୍ୟବହାର କରା ଯାଉଛି।) କୌଣସି ଶସ୍ତ୍ରର ଆଘାତ ତାଙ୍କ ଦେହରେ ବାଜିଲେ ଚୂର୍ଣ୍ଣ ହୋଇଯାଇ ପାରୁଥିଲା। ଯେପରି ସେ କୌଣସି ଅସ୍ତ୍ରରେ ବା ଶସ୍ତ୍ରରେ ମରି ପାରିବେ ନାହିଁ ବା କ୍ଷତ ମଧ୍ୟ ସୃଷ୍ଟି ହୋଇ ପାରିବ ନାହିଁ। ଏପରି ଭାବରେ ବହୁବର୍ଷ କାଳ ଗବେଷଣା କରି ସେ ଏକ ମୃତ୍ୟୁ ବିଜୟୀ ହିରଣ୍ୟ କଶ୍ୟପଙ୍କ ଶରୀର ପାଇଁ ସୁରକ୍ଷା ଆବରଣର ପ୍ରସ୍ତୁତ କଲେ। ତାଙ୍କର ଏହି କଠୋର ସିଦ୍ଧି ଓ ଉଦ୍ଭାବନ ଦେଖି ସ୍ୱୟଂ ବ୍ରହ୍ମା ସନ୍ତୁଷ୍ଟ ହୋଇ ତାଙ୍କ ନିକଟକୁ ଆସି ଆଶିର୍ବାଦ ଦେଲେ। ସେ ବୈଜ୍ଞାନିକ ଭାବରେ ପିତା କଶ୍ୟପ ପ୍ରଜାପତିଙ୍କଠାରୁ ମଧ୍ୟ ଆଗରେ ଥିଲେ । ତାଙ୍କର ଉଦ୍ଭାବନ ଦେଖି ସମଗ୍ର ଆର୍ଯ୍ୟାବର୍ତ୍ତ ଓ ପୃଥିବୀ ରେ ଚାଞ୍ଚଲ୍ୟ ଓ ଆତଙ୍କ ଖେଳିଗଲା। ସ୍ୱୟଂ ବ୍ରହ୍ମାପୁତ୍ର ବେଦାଚାର୍ଯ୍ୟ ମାନେ ମଧ୍ୟ ତାଙ୍କ ନିକଟକୁ ଆସି ପୃଥିବୀର ଅଦ୍ୱିତୀୟ ବୈଜ୍ଞାନିକ ବା ସାଧକ ରୂପେ ତାଙ୍କୁ ଧନ୍ୟ ଧନ୍ୟ କରି ପ୍ରଶଂସା କରିବାରେ ଲାଗିଲେ। ନିଜର ଜୀର୍ଣ୍ଣ, ଶୀର୍ଣ୍ଣ, ଶ୍ରମକ୍ଳାନ୍ତ, ଜରାଗ୍ରସ୍ତ ଶରୀର ସାମ୍ନାରେ ଔଷଧ ସେବନ ଦ୍ୱାରା ପ୍ରାପ୍ତ ହୋଇଥିବା ନିଜର ଏହି ଅମୃତ ଅବୟବକୁ ଠିଆ କରାଇ ଦେଲେ ହିରଣ୍ୟ କଶିପୁ। ଇତି ମଧ୍ୟରେ ଏକଶତ ବର୍ଷ (ସେତେବେଳ ଏକ ବର୍ଷ ବା ଦଶ ବର୍ଷ।) ଗବେଷଣାରେ ବ୍ୟୟିତ ହୋଇଛି। ତଥାପି ସେ ଧୈର୍ଯ୍ୟ ହରାଇ ନାହାନ୍ତି। ନିଜ ପ୍ରଚେଷ୍ଟାରେ ଦୃଢ଼ ସଂକଳ୍ପ ଓ ଅଟଳ ବିଶ୍ୱାସ ରଖି ସେ ତାଙ୍କର ଭ୍ରାତୃହନ୍ତା ମାନଙ୍କ ସାମ୍ନାରେ ଏକ ଅଦ୍ଭୁତ ସୃଷ୍ଟିକୁ ଉପସ୍ଥାପିତ କରିପାରିଛନ୍ତି !

'ହେ ଭ୍ରାତା,ଏହିଁ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ଓ ମହାକାଶକୁ ତନ୍ନ ତନ୍ନ ଭାବେ ପରୀକ୍ଷା କରି ମୁଁ ମୋର ଏହି ଶରୀରକୁ ସମସ୍ତ ଶତ୍ରୁମାନଙ୍କ ପାଇଁ ଏକ ପ୍ରତିରକ୍ଷୀ ହିରଣ୍ୟ କଶ୍ୟପ ରୂପେ ସୃଷ୍ଟି କରିଛି, ଯିଏକି ଆପଣଙ୍କ ପରି ଶତ୍ରୁ ଦେବତା ମାନଙ୍କର ହସ୍ତରେ କଦାପି ମୃତ୍ୟୁକୁ ସ୍ୱୀକାର କରିପାରିବ ନାହିଁ ! ସୁଦର୍ଶନ ଚକ୍ର ବା ଇନ୍ଦ୍ରାସ୍ତ୍ର ମୋର କୌଣସି କ୍ଷତି କରି ପାରିବ ନାହିଁ। ହେ ବ୍ରହ୍ମା, ହେ ପ୍ରଜାପତି ବ୍ରହ୍ମା, ହେ ପ୍ରପିତାମହ ବ୍ରହ୍ମା, ଦେଖନ୍ତୁ, ଆପଣଙ୍କ ବ୍ରହ୍ମ ଶକ୍ତିର ଉପଯୋଗ ରେ ମୁଁ କିପରି ଯୁଗଜୟୀ, କାଳଜୟୀ ହୋଇ ପାରିଛି। ଏବେ ପୃଥିବୀର କୌଣସି ମାନବ ବା ପଶୁଦ୍ୱାରା , ଦିନରେ ବା ରାତ୍ରରେ ଘରେ ବା ବାହାରେ, କୌଣସି ଅସ୍ତ୍ରରେ ବା ଶସ୍ତ୍ରରେ, ସର୍ପର ବିଷ ବା ଆକାଶର ବଜ୍ରରେ, କାହାର ବଳ ବା କଳ ପ୍ରୟୋଗରେ ମୋର ଆଉ ମୃତ୍ୟୁ ହୋଇପାରିବ ନାହିଁ। ଅର୍ଥାତ ମୁଁ ବର୍ତ୍ତମାନ ଏହି ତ୍ରିଭୁବନର ଅପରାଜେୟ ଅଧୀଶ୍ୱର ଅଟେ। ଏଥିପାଇଁ ତ୍ରିଭୁବନର ସମସ୍ତ ଶତ୍ରୁ ଶକ୍ତି ମାନଙ୍କୁ ଦଶ ବା ଏକ ବର୍ଷ କାଳ ପରୀକ୍ଷା, ନିରୀକ୍ଷା କରି ମୁଁଏହି ଶରୀରକୁ ସୃଷ୍ଟି କରିଛି। ସେ ନୂତନ ଦେହରେ ଅଟ୍ଟହାସ୍ୟ କରିବାରେ ଲାଗିଲେ। କାହିଁ ହିରଣ୍ୟ କଶିପୁଙ୍କର ସେହି କୀଟ, ବଲ୍ମିକ ଚରି ଯାଇଥିବା, ଅସ୍ଥି କଙ୍କାଳ ସାର, କ୍ଷୁଧା ତୃଷା ହୀନ, ରୋଗ, ଜରା ଜର୍ଜ୍ଜରିତ, ପକ୍ୱକେଶ, ଲୋଳିତ, ଶ୍ଳଥ ଚର୍ମ, ଅନାୟତ ଶୁଷ୍କ ସ୍ନାୟୁ ଭରା ଶତାୟୁ ବୃଦ୍ଧର ଦେହ ? ଏ ଯେ ବଜ୍ରଠାରୁ କଠିନ, ତପ୍ତ ସୁବର୍ଣ୍ଣ ପରି ଜ୍ୟୋତିର୍ମୟ, ଯୁବତୀ ମନ ବିମୋହକ, ସମ୍ପୂର୍ଣ୍ଣ ଶକ୍ତିମାନ ନବ ଯୁବକ ହିରଣ୍ୟ କଶ୍ୟପ !! ପ୍ରଶ୍ନ ଉଠେ ବ୍ରହ୍ମା ତାଙ୍କୁ ଦେଇଥିବା ବର ଯଦି କାର୍ଯ୍ୟକାରୀ ହୋଇଥିଲା, ଏଠି ଔଷଧ ବା ପୋଷାକ ତିଆରି କାହିଁକି ?(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ବିଶ୍ୱ ସିଜୋଫ୍ରେନିଆ ସଚେତନତା ଦିବସ ପାଳନ ଅବସରରେ ଇସ୍ପାତ ଜେନେରାଲ ହସ୍ପିଟାଲରେ କାର୍ଯ୍ୟକ୍ରମ ଆୟୋଜିତ



ସେଲ, ୨୮/୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇ ଜି ଏଚ) ର ମାନସିକ ରୋଗ ବିଭାଗ ଦ୍ୱାରା ମଇ ୨୪ ତାରିଖ ରେ ବିଶ୍ୱ ସିଜୋଫ୍ରେନିଆ ସଚେତନତା ଦିବସ ଅବସରରେ ସିଜୋଫ୍ରେନିଆ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ଚିତ୍ରକଳା ଥେରପି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାନସିକ ରୋଗ ୱାର୍ଡରେ ଆୟୋଜିତ ହୋଇଥିଲା ଯେଉଁଥିରେ ବରିଷ୍ଠ ପରାମର୍ଶଦାତା ତଥା ମାନସିକ ରୋଗ ବିଭାଗର ମୁଖ୍ୟ ଡକ୍ଟର ଦେବାଶିଷ ମହନ୍ତ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡକ୍ଟର ସଞ୍ଜୟ କୁମାର ଆଚାର୍ଯ୍ୟ, କ୍ଲିନିକାଲ୍ ମନସ୍ତତ୍ତ୍ୱବିତ୍ ସୁଶ୍ରୀ ସନ୍ଧ୍ୟାରାଣୀ ଦାଶ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ ଉକ୍ତ ବିଭାଗର ଉତ୍ସର୍ଗୀକୃତ ଇର୍ଣ୍ଟନ ଛାତ୍ରଛାତ୍ରୀ ମଧ୍ୟ ସହାୟତା କରିଥିଲେ।

ସୃଜନଶୀଳ ଚାରୁକଳା ମାଧ୍ୟମରେ ରୋଗୀଙ୍କ ମଧ୍ୟରେ ମାନସିକ ଏବଂ ଭାବପ୍ରବଣ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ଥିଲା । ମାନସିକ ରୋଗୀଙ୍କ ଆତ୍ମ ଭାବନା ପ୍ରକାଶକୁ ଉତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଅଧିବେଶନ ରୋଗୀଙ୍କୁ ସେମାନଙ୍କର ଚିନ୍ତାଧାରା ଏବଂ ଭାବପ୍ରବଣତାକୁ ଅନ୍ୱେଷଣ କରିବା ପାଇଁ ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରିଥିଲା । ଆତ୍ମ-ସଚେତନତାକୁ ବୃଦ୍ଧି କରିବା, ମାନସିକ ଅବସାଦକୁ ହ୍ରାସ କରିବା ଏବଂ କଳାତ୍ମକ ଶୈଳୀ ର ଚିକିତ୍ସା ଶକ୍ତି ମାଧ୍ୟମରେ ଆରୋଗ୍ୟକୁ ପ୍ରୋତ୍ସାହିତ କରିବା ଏହି ଅଧିବେଶନ ର ଲକ୍ଷ୍ୟ ଥିଲା ।

ଏହି ଅବସରରେ ବିଭିନ୍ନ ପ୍ରକାରର ଅନ୍ତର୍ଭୁକ୍ତିମୂଳକ ଏବଂ ଯୋଗାଯୋଗ ଭିତ୍ତିକ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା ଯାହା ଯତ୍ନ ପ୍ରଦାନକାରୀ ଏବଂ ରୋଗୀଙ୍କ ମଧ୍ୟରେ ଏକ ଦୃଢ଼ ଚିକିତ୍ସାଗତ ବୁଝାମଣାକୁ ସୁଗମ କରିଥିଲା । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କ ସ୍ମରଣ ଶକ୍ତିକୁ ପୁନର୍ଜୀବିତ କରିବା ଏବଂ ସୃଜନଶୀଳ ଭାବରେ ନିଜକୁ ପ୍ରକାଶ କରିବା ପାଇଁ ସହାୟକ ହୋଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ସିଜୋଫ୍ରେନିଆ ରୋଗ ସହିତ ଜଡିତ ସାମାଜିକ ଭ୍ରମ ଏବଂ ଭୁଲ ଧାରଣାକୁ ଭାଙ୍ଗିବାରେ ଅର୍ଥପୂର୍ଣ୍ଣ ଭାବେ ସହାୟକ ହୋଇଥିଲା ।

## ନୂତନ ବିଡିଓଙ୍କୁ ବିଜେପି ଜଣାଇଲା ଶୁଭେଚ୍ଛା

ଭଦ୍ରକ, ୨୮/୫ (ନି.ପ୍ର): ଏହି ଜିଲାର ବନ୍ତରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ଗୋଷ୍ଠି ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତଙ୍କୁ ଆଜି ବନ୍ତ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଦଳର ଭଣ୍ଡାରିପୋଖରୀ ବିଧାନସଭା ନେତା ଡ.ସୁଧାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ବନ୍ତ ମଣ୍ଡଳ ସଭାପତି ସନ୍ତୋଷ ନାୟକ, ,ବରଡେଶ୍ୱର ମଣ୍ଡଳ ସଭାପତି ଇଂ.ପ୍ରମୋଦ ଜେନା,ମହତାବ ମଣ୍ଡଳ ସଭାପତି ଅମୂଲ୍ୟ ରତ୍ନ ନନ୍ଦ, ବରିଷ୍ଠ କର୍ମୀ କମଳାକାନ୍ତ ସାହୁ, ସୁଧିର ନାୟକ, ଆନନ୍ଦ ଚନ୍ଦ୍ର ଓଝା, ତୋଡଗାଁ ସରପ ମାନସ ପହି, ପୂର୍ବତନ ସରପଂଚ କୃପାସିନ୍ଧୁ ସେଠୀ, ମନୋଜ ବିଶ୍ୱାଳ, ଭାଗିରଥି ସେଠୀ, ଗୋପାଳ କୃଷ୍ଣ ଦାଶ,ଶଙ୍କର୍ଷଣ ଜେନା, ଲକ୍ଷ୍ମିଧର କର, ବସନ୍ତ ବିଶ୍ୱାଳ, ମଦନ କଟୁଆଳ, ହେମନ୍ତ ମଲ୍ଲିକ,ରମେଶ ପହି ପ୍ରମୁଖ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ ।

# ସମ୍ବଲପୁର ଜିଲ୍ଲା ବର୍ଷିୟାନ କ୍ରୀଡା ସଂଘର ଫୁଟବଲ ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୨୮/୫ (ନି.ପ୍ର): ସମ୍ବଲପୁର ବର୍ଷିୟାନ କ୍ରୀଡା ସଂଘ ଆନୁକୂଲ୍ୟରେ ସିଂହପାଲି ଖେଳ ପଡିଆ ରେ ଚାଲିଥିବା ୧୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଫୁଟବଲ ଖେଳାଳିମାନଙ୍କ ପ୍ରଶିକ୍ଷଣ ଶିବିର ଗତକାଲି ଉଦଯାପିତ ହୋଇଛି। ସଭାପତି ଗୋକୁଳ ଚନ୍ଦ୍ର ଦର୍ଜୀଙ୍କ ଅଧକ୍ଷତାରେ ହୋଇଥିବା ଉଦଯାପନୀ ସଭାରେ ଶ୍ୟାମ ମେଟାଲିକ୍ସ ନିର୍ଦ୍ଦେଶକ ଦେବ କୁମାର ତିୱାରୀ ଓ ମହାନଗର ନିଗମ କମିଶନର ବେଦ ଭୂଷଣ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ କହିଲେ ପ୍ରଶିକ୍ଷଣ ଶିବିରରେ ୧୨୭ ଖେଳାଳି ଅଂଶ ଗ୍ରହଣ କରିଥିଲେ। ସେ ଏହି ୧୬ ଦିନ ପ୍ରଶିକ୍ଷଣ ଶିବିରର ବିବରଣୀ ପ୍ରଦାନ କରିଥିଲେ। ଶିବିରରେ ପ୍ରଶିକ୍ଷକ ସୁରେଶ ଓରାମ, ଅଜୟ ବେହେରା, ସନ୍ତୋଷ ବିଶ୍ୱାଳ, ମନୋଜ ଭୋଇ, ଯୋଗେଶ୍ୱର ଓରାମ, ବିଭୂତି ମିର୍ଦ୍ଧା ଓ ପ୍ରଶାନ୍ତ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

ଉଦଯାପନୀ ସଭାର ମୁଖ୍ୟଅତିଥି ଜିଲାପାଳ ବୋନ୍ଦର ଜିଲା ବର୍ଷିୟାନ କ୍ରୀଡା ସଂଘର ଉଦ୍ୟମକୁ ପ୍ରଶଂସା କରି ଅନ୍ୟ ସଂସ୍ଥାଗୁଡିକ ସମ୍ବଲପୁରରେ ଫୁଟବଲ ଖେଳର ଉନ୍ନତି ପାଇଁ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରଶାସନ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଦେବା ସହିତ ଉନ୍ନତମାନର ଖେଳ ପଡିଆ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରକୁ ସଂଘର ସମସ୍ତ ସଦସ୍ୟ ପରିଚାଳନାରେ ସହାୟତା କରିଥିବା ବେଳେ ଶେଷରେ ଲକ୍ଷ୍ମଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟିର ବୈଠକ

ସମ୍ବଲପୁର, ୨୮/୫ (ନି.ପ୍ର):- ଚଳିତ ବର୍ଷର ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ଚୂଡାନ୍ତ ବୈଠକ ଆରଣ୍ୟକ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଯାତ୍ରାର ସଫଳ ଆୟୋଜନ ସକାଶେ ରୂପରେଖ ନିର୍ଣ୍ଣୟ କରାଯାଇଛି। ବୈଠକରେ ୧୫୦ ରୁ ଅଧିକ ସଦସ୍ୟ ଯୋଗଦାନ କରି ନିଜ ନିଜର ମତାମତ ଦେଇଥିଲେ। ଅତିଥି ଓ କଳାକାର ମାନଙ୍କର ସମସ୍ତ ପ୍ରକାର ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଯାତ୍ରା ଆରମ୍ଭ ସମୟ ଉପରେ ମଧ୍ୟ ଆଲୋଚନା ପରେ ସଦସ୍ୟ ମାନଙ୍କୁ ଦାୟିତ୍ୱ ବଂଟନ କରାଯାଇଥିଲା। ଯାତ୍ରା କୁ ଶାନ୍ତିଶୃଙ୍ଖଳା ସହ ଆୟୋଜନ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା। ଏଥିରେ ଯାତ୍ରା କମିଟୀ ର ସଭାପତି ସରୋଜ ଦଳପତ, ଉପ ସଭାପତି ସୁଶାନ୍ତ ପୁରୋହିତ, ସମ୍ପାଦକ ସଞ୍ଜୟ ମିଶ୍ର, କୋଷାଧକ୍ଷ ମନୋଜ ମିଶ୍ର,ବରିଷ୍ଠ ସଦସ୍ୟ ଅନୁପ ପାଢ଼ୀ, ପ୍ରାଣ ରଞ୍ଜନ ପଣ୍ଡା ଙ୍କ ସମେତ ସମସ୍ତ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ

ଧର୍ମଶାଳା, ୨୮/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାର ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମକର୍ତା ଚୟନରେ ଅନୁଷ୍ଠାନର ସଂଖ୍ୟାଧିକ ସଦସ୍ୟ ଉପସ୍ଥିତ ରହି କର୍ମକର୍ତା ଚୟନ କରିଥିଲେ । ସର୍ବସମ୍ମତିକ୍ରମେ ଅନୁଷ୍ଠାନର ସଭାପତି ଭାବେ ଡ. ରମାକାନ୍ତ ଜେନା ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଡ. ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଭାବେ ସଂଗ୍ରାମ ଜେନା ଓ ହୃଷୀକେଶ ସାମଲ, ସାଧାରଣ ସଂପାଦକ ଭାବେ ଡକ୍ଟର ଇନ୍ଦୁପ୍ରଭା ସାମଲ, ସଂଗଠନ ସଂପାଦକ ଭାବେ ପ୍ରତାପରୁଦ୍ର ପଣ୍ଡା, ସହ ସଂପାଦକ ଭାବେ ଗଣେଶ୍ୱର ବେହେରା ଓ କୋଷାଧକ୍ଷ ଭାବେ ଦୀନବଂଧୁ କର ନିର୍ବାଚିତ ହୋଇଛନ୍ତି ।

ADMISSION OPEN
BAISINGA I.T.I
: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536

ନାମ ଲେଖା ଚାଲୁଅଛି
SAI SADHANA
ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର
୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)
ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)
ସାଇ ସାଧନା + ୩ ସାଇନ୍ସ
Hons : Phy., Chem., Math., Comp. Sc, Bot, Zool
ରେସିଡେନସିଆଲ / ଡେ ବୋର୍ଡ଼ିଂ
ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
(+୨ ବିଜ୍ଞାନ ଓ କଳା)
Contact : 9437294587, 9438317887

# ସେଲ୍, ରାଉରକେଲା ଇସ୍ପାତ କାରଖାନାର 'ଏ ବି ପି ୨୦୨୫ -୨୬ ଆର୍ଥିକ ତଥ୍ୟ ପୁସ୍ତିକା' ଉନ୍ମୋଚିତ



ରାଉରକେଲା, ୨୮/୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମଇ ୨୬ ତାରିଖରେ ଦିନ ' ଏବିପି ୨୦୨୫ -୨୬ ଆର୍ଥିକ ତଥ୍ୟ ପୁସ୍ତିକା' ର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସେଲ ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ରୂପେ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଆର ଏସ ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଉପସ୍ଥିତ ଥିଲେ।

ଏହି ଅବସରରେ ଏଚ ଆର ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏ କେ ବେହୁରିଆ, କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ, ଏବଂ ବିତ୍ତ ଓ ଲେଖା ବିଭାଗ ସି ଜି ଏମ୍ ଶ୍ରୀ ଆର ଦାସଗୁପ୍ତା ଙ୍କ ସମେତ ବିତ୍ତ ଓ ଲେଖା ବିଭାଗ ର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ନିଜର ଅଭିଭାଷଣରେ, ଶ୍ରୀ ବର୍ମା ଏହି ପୁସ୍ତିକା ବିସ୍ତୃତ ଭାବେ ପ୍ରସ୍ତୁତ କରିବା ପାଇଁ ବିତ୍ତ ଓ ଲେଖା ବିଭାଗ ର ଖର୍ଚ୍ଚ ଏବଂ ବଜେଟ୍ ସେକ୍ସନ ର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କାରଖାନାର ସମସ୍ତ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣରେ ଦୃଢ଼ ଆର୍ଥିକ ତଥ୍ୟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଏବଂ ବଜେଟ୍ ର ଜି ଏମ୍ ଶ୍ରୀ ବି କେ ସିଂହ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେ ଆର ଏସ ପି ର ସାମଗ୍ରିକ ଭାବେ ଏକ ପ୍ରସ୍ତୁତ ହିସାବ ପ୍ରଦାନକାରୀ ପୁସ୍ତିକାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ।

ଉଲ୍ଲେଖ ଯୋଗ୍ୟ ଯେ, 'ହାଣ୍ଡବୁକ୍ ଅନ୍ ଫାଇନାନ୍ସିଆଲ୍ ଡାଟା ଏ ବି ପି ୨୦୨୫-୨୬' ଯାହା ରାଉରକେଲା ଇସ୍ପାତ କାରଖାନା ଏବଂ ଓଡ଼ିଶା ଖଣି ସମୂହର ବାର୍ଷିକ ବ୍ୟବସାୟ ଯୋଜନା (ଏ ବି ପି ) ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନାକୁ ସଂଗୃହିତ କରିଛି। ଏହା ଏକ ମୂଲ୍ୟବାନ ସମ୍ବଳ ହେବ, ଯାହା ଆର ଏସ ପି ରେ ଦକ୍ଷ ଏବଂ ପ୍ରଭାବଶାଳୀ ଆର୍ଥିକ ପରିଚାଳନାରେ ସହାୟତା କରିବ।

## ପାଣି ମିଟର ଚୋରି ଅଭିଯୋଗରେ ୨ଗିରଫ

ଖୋର୍ଦ୍ଧା, ୨୮/୫ (ନି.ପ୍ର): ପାଣି ମିଟର ଚୋରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ବେଗୁନିଆ ଥାନା ବୋରିକ ନୂଆ ଗାଁ ର ସନ୍ତୋଷ ବେହେରା ଓ ଖୋର୍ଦ୍ଧା ସାମନ୍ତରାପୁରର ଶିବ ବେହେରା। ପୋଲିସ ସୂଚନା ମୁତାବକ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ତଳସାହି ଓ ଡାକ୍ତର ସାହିର ବିଭିନ୍ନ ହିତାଧିକାରୀଙ୍କ ଦୁଆରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ମିଟର ସଂଯୋଗ କରାଯାଇଥିଲା। ହେଲେ ଦୁଇ ଦିନ ଚୋରି ହୋଇଯାଇଥିଲା। ଏନେଇ ହିତାଧିକାରୀ ସତ୍ୟ ନାରାୟଣ ଶତପଥି ଖୋର୍ଦ୍ଧା ଆଦର୍ଶ ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ପୋଲିସ ଦୁଇ ଜଣକୁ ଗିରଫ କରିଛି।

## ସୋନପୁରରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ସୁବର୍ଣ୍ଣପୁର, ୨୮/୫ (ନି.ପ୍ର): ଅପରେସନ୍ ସିନ୍ଦୂରର ସଫଳତା କୁ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସହ ସୃଷ୍ଟି କରିବା ସହ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଜି ସୁବର୍ଣ୍ଣପୁର ବିଜେପି ନଗର ମଣ୍ଡଳ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରେ ତ୍ରିରଙ୍ଗା ଯାତ୍ରା ଶୁଭାରମ୍ଭ ହୋଇଛି । ଏହି ଶୋଭାଯାତ୍ରା ସହର ପରିକାମ କରି ଲୋକଙ୍କ ମଧ୍ୟରେ ଦେଶପ୍ରେମ ବାର୍ତା ପହଚାଇଥିଲା । ଏଥିରେ ମୁଖ୍ୟ ଅତିଥୁ ଭାବେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ସୁନ୍ଦରଗଡ଼, ୨୮/୫ (ନି.ପ୍ର): ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲାର ପ୍ରଭାରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଆଜି ସ୍ଥାନୀୟ ବିକାଶ ଭବନ ଠାରେ ଜିଲ୍ଲା ରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରାଉରକେଲା ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ର ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ବଣାଇ ବନଖଣ୍ଡ ଅଧିକାରୀ ଲଳିତ ପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲାଇ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ, ଆଇ ଏ ଏସ ଶିକ୍ଷାନ୍ୱୀଶ ଫାବୀ ରସିଦ, ଜିଲ୍ଲା ଯୋଜନା ବିଭାଗ ର ସହାୟକ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ତିର୍କି ପ୍ରମୁଖ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଜିଲ୍ଲାପାଳ ମହାଜନ ନିକଟରେ ହୋଇଥିବା ଜିଲ୍ଲାର ବିଭିନ୍ନ ସଫଳତା ତଥା ଉପଲବ୍ଧି ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମାନ୍ୟବର ମନ୍ତ୍ରୀ ପୂଜାରୀ କହିଥିଲେ ସୁନ୍ଦରଗଡ଼ ଜିଲ୍ଲାରେ ନାରୀ ସଶକ୍ତିକରଣ ରେ ଆଗୁଆ ରହିଛି। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ବିଶେଷ ଉନ୍ନତି ସାଧିତ ହୋଇଛି। । ଜିଲ୍ଲାରେ ବିକାଶ ଧାରାକୁ ଆହୁରି ଆଗେଇ ନେବାର ଆବଶ୍ୟକତା ରହିଛି । ଆଧୁନିକ ସୁନ୍ଦରଗଡ଼ ଗଢ଼ିବା ଉପରେ ଆଲୋକପାତ କରିଥିଲେ। ଜନସାଧାରଣମାନେ ପ୍ରଶାସନ ପାଖକୁ ଆସିବା ପରିବର୍ତେ ପ୍ରଶାସନ ପ୍ରତିଟି ଜନସାଧାରଣଙ୍କ ନିକଟରେ ପହଂଚି ସମସ୍ତ ସରକାରୀ ଯୋଜନା, କାର୍ଯ୍ୟକ୍ରମ ଆଦି କିଭଳି ପହଂଚି ପାରିବ ଏବଂ ସମସ୍ତେ କିଭଳି ଯୋଜନା ଗୁଡିକରେ ସାମିଲ କରିପାରିବା ତାହା ଉପରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତିଭୂମି, ଡାକ୍ତର ଏବଂ ଅଣ ଡାକ୍ତର ମାନଙ୍କ ଅବସ୍ଥିତି, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ବୋୟ ବନ୍ଦନା ଯୋଜନା ଆଦି ଅନ୍ତର୍ଗତ ସ୍ୱାସ୍ଥ୍ୟ କାର୍ଡ ବଂଟନ ଆଦି ଉପରେ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ଚାଲୁଥିବା ସ୍ୱାସ୍ଥ୍ୟ ଭିତିଭୂମି ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେହିଭଳି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ର ରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପଂଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଆନ୍ତୋଦୟ ଗୃହ ଯୋଜନା , ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପି ଏମ ଜନମନ୍ ଅନ୍ତର୍ଗତ ଜିଲ୍ଲାରେ ଗୃହ ନିର୍ମାଣ ଉପରେ ଉପସ୍ଥାପନ କରାଯାଇଥିଲା। ସେହିଭଳି ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ପକ୍ଷରୁ ଏବଂ ୱାଟକୋ ର ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ମେଗା ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ସୋଲାର ପ୍ରକଳ୍ପ ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ସମୀକ୍ଷା କରାଯାଇଥିଲା ଏବଂ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପାଇପ ଜଳ ଯୋଗାଣ ନିମନ୍ତେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ।

# ପ୍ରେସ କାଉନସିଲ ଅଫ ଇଣ୍ଡିଆର ନାଁ ବ୍ୟବହାରକୁ ବାରଣ

ରାଉରକେଲା, ୨୮/୫ (ନି.ପ୍ର): ପ୍ରେସ କାଉନସିଲ ଅଫ ଇଣ୍ଡିଆ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଏକ ବୈଧାନିକ ଅଙ୍ଗ। ଯାହାକି ପ୍ରେସ କାଉନସିଲ ଆକ୍ଟ ୧୯୭୮ ଅନୁଯାୟୀ ଗଠିତ। ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରେସ ର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଏବଂ ଭାରତରେ ସମ୍ବାଦପତ୍ର ଓ ସମ୍ବାଦ ସଂସ୍ଥା ମାନଙ୍କର ମାନଦଣ୍ଡକୁ ରକ୍ଷା କରିବା। ନୂଆଦିଲ୍ଲୀ ସ୍ଥିତ ସୂଚନା ଭବନ, ସି. ଜି .ଓ. କମ୍ପ୍ଲେକ୍ସ, ଲୋଧି ରୋଡ ଠାରେ ପ୍ରେସ କାଉନସିଲ ର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ଶାଖା ନାହିଁ କିମ୍ବା ଏହି ନାମରେ ନାମିତ କୌଣସି ପ୍ରାଧିକୃତ ଅଙ୍ଗ ଅନ୍ୟ କୌଣସି ସ୍ଥାନରେ କାର୍ଯ୍ୟ କରେ ନାହିଁ। ମାତ୍ର ସମ୍ପ୍ରତି ପ୍ରେସ କାଉନସିଲ ଶବ୍ଦଟି ଅନ୍ୟ ପ୍ରେସ ସଂଗଠନ ମାନଙ୍କ ଦ୍ୱାରା ବ୍ୟବହୃତ ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଯାହାଦ୍ୱାରା ଯେ କେବଳ ପ୍ରେସ କାଉନସିଲ ଅଫ ଇଣ୍ଡିଆ ର ଅସ୍ତିତ୍ୱ ଓ ପ୍ରତିଷ୍ଠା ର ମର୍ଯ୍ୟାଦା ହାନି ହେଉଛି ତାହା ନୁହେଁ, ବରଂ ଏହାର ବୈଶିଷ୍ଟ୍ୟପୂର୍ଣ୍ଣ ନାମ ଓ ଅଦ୍ୱିତୀୟ ଶକ୍ତି ଉପରେ ପ୍ରଭାବ ପକାଉଛି । ଏଣୁ ଆଇନଗତ ବ୍ୟାପାର ବିଭାଗ ସ୍ପଷ୍ଟ ମତ ଦେଇଛନ୍ତି ଯେ, କେନ୍ଦ୍ର ସରକାରଙ୍କର ବିନା ଅନୁମତିରେ ଏହି ଶବ୍ଦ କୁ ବ୍ୟବହାର କରିବା ସଂପୂର୍ଣ୍ଣ ଆଇନ ବିରୁଦ୍ଧ, ଯାହାକି ପ୍ରତୀକ ଓ ନାମର ଅନୁଚିତ୍ ବ୍ୟବହାର ନିବାରଣ ନିୟମ ୧୯୫୦ ଅନୁସାରେ ଅବୈଧ ଅଟେ। ଏହି ପରିପ୍ରେକ୍ଷୀରେ କୌଣସି ସ୍ଥାନୀୟ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ସଂଗଠନ ମାନଂକ ପ୍ରତି ପ୍ରେସ କାଉନସିଲ କିମ୍ବା ଏହାର ହିନ୍ଦୀ ଅନୁବାଦ 'ଭାରତୀୟ ପ୍ରେସ ପରିଷଦ, ନାମରେ ନିବନ୍ଧନ ବା ବ୍ୟବହାରକୁ ସର୍ବଦା ବାରଣ କରାଯାଇଛି। ଏହାର ଉଲଂଘନରେ ଆଇନ ଅନୁଯାୟୀ ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି।

# ରୋଗୀମାନଙ୍କୁ ଫଳ ବାଣ୍ଟିଲେ ଟୀକା ଭାଇ



ବାସୁଦେବପୁର, ୨୮/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ଅଞ୍ଚଳର ଜଣେ ପ୍ରିୟ ମଣିଷ ଓ ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ଜେନା ଓରଫ ଟୀକା ଭାଇ ଅନେକ ରୋଗୀ ମାନଙ୍କୁ ଫଳ ବଣ୍ଟନ କରି ରୋଗୀ ମାନଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ଭଦ୍ରକ ଜିଲ୍ଲା ବ୍ୟତୀତ ଓଡିଶାର ବିଭିନ୍ନ ଜିଲ୍ଲାରେ ଟୀକା ଭାଇ ଦୁଃଖୀ ଗରିବ ଲୋକଙ୍କୁ ଆର୍ଥିକ ସାହାଯ୍ୟ ସହଯୋଗ କରିବା ସହିତ ଅନେକ ଅସହାୟ ଲୋକ ମାନଙ୍କୁ ଫଳ ବଣ୍ଟନ କରନ୍ତି ଓ ସେମାନଙ୍କ ଦୁଃଖ ଓ ବିପଦ ସମୟରେ ପହଞ୍ଚି ସାହାଯ୍ୟ ସହଯୋଗ ଯୋଗାଇ ଦେଇଥାନ୍ତି। ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ଘାତ ପ୍ରତିଘାତ ଝଡ ଝଂଜା ମଧ୍ୟରେ ଟୀକା ଭାଇ ବାଟ ଚାଲିଲେ ମଧ୍ୟ ସେ ଏହି ସମାଜସେବାରେ ଆନନ୍ଦ ଅନୁଭବ କରନ୍ତି। କୌଣସି ସରକାରୀ ସାହାଯ୍ୟ ସେ ଚାହାଁନ୍ତି ନାହିଁ। ତଥାପି ତାଙ୍କର ସମାଜସେବା କାର୍ଯ୍ୟ ଜାରି ରହିଛି। ବାସୁଦେବପୁର ବ୍ଲକ ର ବିଭିନ୍ନ ପଞ୍ଚାୟତରେ ସେ ଖୁବ୍ ପରିଚିତ ଏହି ସେବା ମୂଳକ କାର୍ଯ୍ୟ ପାଇଁ। ବାସୁଦେବପୁର ସରକାରୀ ଡାକ୍ତର ଖାନା ରେ ରୋଗୀ ମାନଙ୍କୁ ଟୀକା ଭାଇ ଫଳ ବଣ୍ଟନ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇ ପାରିଛନ୍ତି। ଏଥି ପାଇଁ ସମସ୍ତେ ଟୀକା ଭାଇଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି।

# ଜେସିବି ଡ୍ରାଇଭରଙ୍କ ସନ୍ଦେହ ଜନକ ମୃତ୍ୟୁ: ଝୁଲନ୍ତା ଅବସ୍ଥାରେ ଭଡା ଘରୁ ଶବ ଉଦ୍ଧାର

ବାଲିଆପାଳ , ୨୮/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ପନ୍ତେଇ ଫେରିଘାଟରେ ନିର୍ମାଣଧୀନ ସୁବର୍ଣ୍ଣରେଖା ବ୍ରିଜର ଶ୍ରମିକ ଭାବେ ନିୟୋଜିତ ହୋଇଥିବା ଜଣେ ଜେସିବି ଡ୍ରାଇଭରଙ୍କର ସୋମବାର ରାତିରେ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଛି।ଝୁଲନ୍ତା ଅବସ୍ଥାରେ ଭଡାଘରୁ ମୃତଦେହ ଉଦ୍ଧାର କରାଯାଇଛି।ମୃତ ଡ୍ରାଇଭର ଜଣକ ହେଲେ ଅନୁଗୁଳ ଜିଲ୍ଲାର ଶଙ୍କର ସାହୁଙ୍କର ୨୦ ବର୍ଷର ପୁଅ ସୁବ୍ରତ ସାହୁ ବୋଲି ଜଣା ପଡିଛି। ସେ ବାଲିଆପାଳ ଏବଂ ଭୋଗରାଇ ବ୍ଲକ କୁ ସଂଯୋଗ କରିବା ପାଇଁ ଏଲ ଏଣ୍ଡ ଟି କମ୍ପାନୀ ପକ୍ଷରୁ ନିର୍ମାଣ ହେଉଥିବା ବ୍ରିଜ କାମରେ ଚେନ ଜେସିବି ଡ୍ରାଇଭର ଭାବେ ନିୟୁଜିତ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ ସୁବ୍ରତ ପ୍ରତିଦିନ ପରି ସୋମବାର ସନ୍ଧ୍ୟାରେ କାମ ସାରି ରୋମକୁ ଫେରିଥିଲେ। ମାତ୍ର ଅନ୍ୟ ସାଥୀ ଶ୍ରମିକ ଜଣକ ବିଳମ୍ବରେ ମାର୍କେଟରୁ ଫରିବା ନେଇ ରୋମକୁ ଫେରି ବାଉଣ୍ଡରୀ ଗେଟ ଖୋଲିବାକୁ ଡ଼ାକି ଥିଲେ ମାତ୍ର ସୁବ୍ରତ କୌଣସି ଉତ୍ତର ନଦେବାରୁ ସେ ଗେଟ ଡେଇଁ ଯାଇ ଘରଭିତରେ ସୁବ୍ରତର ମୃତ ଦେହ ଝୁଲୁଥିବାର ଦେଖି ଡରରେ ସେଠାରୁ ପାଳଇ ଆସି ସ୍ଥାନୀୟ ଲୋକଙ୍କୁ କହିଥିଲେ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।ଖବର ପାଇ ଘଟଣା ସ୍ଥଳରେ ଭୋଗରାଇ ପୋଲିସ ପହଁଚି ମୃତ ଦେହ ଜବତ କରି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିବା ବେଳେ ସୁବ୍ରତଙ୍କ ସମ୍ପର୍କୀୟ ମାମୁଁ କୁମୁଦ ବେହେରା, ପିଉସା ବିଜନ ଦାସଙ୍କ ସହିତ ଭାଇ ତପନ ସାହୁ ଅନୁଗୁଳରୁ ଆସି ଘଟଣା ସ୍ଥଳରେ ପହଞ୍ଚି ସୁବ୍ରତକୁ ହତ୍ୟା କରଯାଇଥିବା ନେଇ ଅଭିଯୋଗ କରିଛନ୍ତି। ତେବେ ପୋଲିସର ତଦନ୍ତ ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣା ପଡ଼ିବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।ଏବାବଦରେ ଏଲ ଏଣ୍ଡ ଟି କମ୍ପାନୀର ଆଇଆର ଏଡମିନ ଏଣ୍ଡ ମ୍ୟାନେଜର ତାପସ ପଣ୍ଡା କହନ୍ତି ମୃତ ଯୁବକ ଜଣକ କାମ କରୁଥିବା ଏକ୍ସଟ୍ରାଭେଟର ଆମ କମ୍ପାନୀର ନୁହେଁ କିମ୍ବା ସେ ଆମ ପାଖରେ କାମ କରୁ ନଥିଲା। ଏହି ଏକ୍ସଟ୍ରାଭେଟର ଜଣେ ଭେଣ୍ଡଙ୍କର। ସେ ଭଡ଼ା ସୂତ୍ରରେ ଆମ କମ୍ପାନୀରେ କାମ କରନ୍ତି।

# ଜୁନ ୧୫ ସୁଦ୍ଧା ଓଭରବ୍ରିଜର ଆଲୋକୀକରଣ ନ ହେଲେ ବରିଷ୍ଠ ନାଗରିକ ମଞ୍ଚର ଆନ୍ଦୋଳନ ଚେତାବନୀ



ଜଳେଶ୍ୱର, ୨୮/୫ (ନି.ପ୍ର): ନୂଆ ବଜାର ରେଳ ଓଭରବ୍ରିଜ ଲୋକାର୍ପିତ ହେବାର ବର୍ଷାଧିକ କାଳ ବିତିଯାଇ ଥିଲେ ମଧ୍ଯ ଏଯାବତ ପୋଲ ଆଲୋକୀକରଣ ନ ହୋଇ ଚରମ ଅବ୍ୟବସ୍ଥତା ମଧ୍ୟରେ ଯାତାୟତ ହେବା ବାସ୍ତବିକ ଘୋର ପରିତାପର ବିଷୟ।ରାତ୍ରିର ଅନ୍ଧକାରରେ ଦୀର୍ଘ ପୋଲ ଉପରେ ବାରମ୍ବାର ଦୁର୍ଘଟଣା ସହ ବହୁ ଅସାମାଜିକ କାର୍ଯ୍ୟ ଘଟୁଥିଲେ ମଧ୍ୟ ଏକ ଜନମଙ୍ଗଳକାରୀ ସରକାରଙ୍କ ଆଲୋକୀକରଣ ନିମେନ୍ତ ଘୋର ଉଦାସୀନତା ଦୁର୍ଭାଗ୍ୟଜନକ। ଉକ୍ତ ପୋଲକୁ ଯଥାଶୀଘ୍ର ଆଲୋକୀକରଣ କରିବା ନିମେନ୍ତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବାରମ୍ବାର ଦାବିପତ୍ର ପ୍ରଦାନ କରିବା ସହ ଧାରଣ-ଧର୍ମଘଟ କରିବା ଫଳରେ ଟେଣ୍ଡର ପ୍ରକ୍ରିୟାକରଣ ଶେଷ ହୋଇଛି ବୋଲି ବାଲେଶ୍ୱର ପୂର୍ତ୍ତ ବିଭାଗର ମୁଖ୍ଯ ଯନ୍ତ୍ରୀ ଶ୍ରୀଯୁକ୍ତ ପିନାକ ପ୍ରସାଦ ସ୍ୱାଇଁ ବରିଷ୍ଠ ନାଗରିକ ମଞ୍ଚକୁ ଦୁଇ ମାସ ପୂର୍ବରୁ ଅବଗତ କରି ଥିଲେ ମଧ୍ଯ ଏଯାବତ କାର୍ଯ୍ଯ ଆରମ୍ଭ ହୋଇ ନ ପାରିବା ଘୋର ନୈରାଶ୍ଯ ସୃଷ୍ଟି କରିଛି।କର୍ତ୍ତୃପକ୍ଷଙ୍କର ଏତାଦୃଶ ଚରମ ଅବହେଳାକୁ ଗୁରୁତ୍ୱର ସହ ବିଚାର କରି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଡକ୍ଟର ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଉଛି।ଜୁନ ମାସ ୧୫ ତାରିଖ ସୁଦ୍ଧା ଅର୍ଥାତ୍ ରଜ ପର୍ବ ପୂର୍ବରୁ ଆଲୋକ ବ୍ୟବସ୍ଥା ନ ହେଲେ ଜୁନ ୧୫ ତାରିଖ ପରେ ମଞ୍ଚ ପକ୍ଷରୁ ଗଣ- ଆନ୍ଦୋଳନ କରାଯିବାର ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି।ମଞ୍ଚର ଉକ୍ତ ନିଷ୍ପତ୍ତି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚରମ ଚେତାବନୀ ସହ ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଛି। ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବୈଠକରେ ସମ୍ପାଦକ ଡଃ ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସିତାଂଶୁ ରଞ୍ଜନ ସେନାପତି, ଶିକ୍ଷାବିତ ଜିତାରାମ ଦେ, ସୁନିଲ କୁମାର ନାୟକ, ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ବରିଷ୍ଠ ସଦସ୍ଯ ସୁବ୍ରତ ବେରା, ସିଦ୍ଧେଶ୍ୱର ତ୍ରିପାଠୀ, ବିକାଶ କୁମାର ଧର, ଅବଦୁଲ ସମ୍ମତ ଖାଁ, ବିଶିଷ୍ଟ ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀ, ଅଜିତ କୁମାର ଦାସ, ରବିନ୍ଦ୍ର କୁମାର ବାରିକ ଓ ଜ୍ଞାନେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖଇରା ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା

ଖଇରା, ୨୮/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଦିନ ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସୋର ସଙ୍କୁଳର ୧୨ଟି ବିଦ୍ୟାଳୟରୁ ୭୨ଜଣ ଛାତ୍ରୀଛାତ୍ର ମାନେ ଭାଗ ନେଇଥିଲେ । କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅଧ୍ୟାପକ ବନମାଳୀ ବାରିକ,ସଂକୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ,ସହସଂଯୋଜକ ଖଗେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରତି ବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷ, ଉପାଧକ୍ଷ, ସେନାପତି, ଉପସେନାପତି, ମନ୍ତ୍ରୀ, ଉପମନ୍ତ୍ରୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି,ମିତା ପାତ୍ର,ବାସନ୍ତୀ ମହାପାତ୍ର, କବିତା ପାଣିଗ୍ରାହୀ ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ବଳରାମ ଲେଙ୍କା, ପ୍ରଭାକର ଓଝା, ଶୁକଦେବ ପରିଡା, ପଙ୍କଜ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।


## ନିଯୁକ୍ତି ବିଜ୍ଞାପନ

**OFFICE OF THE PRINCIPAL-CUM-SECRETARY**

**BASUDEV SANSKRIT MAHAVIDYALAYA**
**AT/PO- TOTAPADA,VIA- ANLA**
**DIST-MAYURBHANJ,PIN-757056**

ବିଜ୍ଞାପନ ସଂଖ୍ୟା-୬୯୨ Date- ୨୮.୦୫.୨୦୨୫

ଅଧକ୍ଷ /ସଂପାଦକ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ, ତୋଟାପଡା, ଭାୟା- ଅଁଳା, ଜିଲ୍ଲା- ମୟୂରଭଞ୍ଜ Contractual ଆଧାରରେ ନିମ୍ନଲିଖତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

| କ୍ରମିକ ନଂ | ପଦବୀ | ପଦବୀ ସଂଖ୍ୟା | ଶିକ୍ଷାଗତ ଯୋଗ୍ୟତା |
|---|---|---|---|
| ୧. | (Data Entry Operator ) | ୦୧ | PGDCA ସହ ସର୍ବନିମ୍ନ ଯୁକ୍ତ ଦୁଇ (+୨ ) |

ଇଚ୍ଛୁକ ପ୍ରାର୍ଥୀମାନେ ଶିକ୍ଷାଗତ ଯୋଗ୍ୟତା, ପ୍ରମାଣପତ୍ର ସହ ତା-୦୪.୦୬.୨୦୨୫ ରିଖ ପୂର୍ବରୁ ଆବେଦନ କରିବା ଆବଶ୍ୟକ । ସାକ୍ଷାତକାର ସମୟରେ ଶିକ୍ଷାଗତ ଯୋଗ୍ୟତାର ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବା ବିଧେୟ । ଅନୁଷ୍ଠାନ କୌଣସି ଗସ୍ତ ଖର୍ଚ୍ଚ ବହନ କରିବ ନାହିଁ ।

ଅଧ୍ୟକ୍ଷ/ ସମ୍ପାଦକ
**ଅରୁଣ କୁମାର ମହାପାତ୍ର**
ବାସୁଦେବପୁର ସଂସ୍କୃତ ମହାବିଦ୍ୟାଳୟ
ତୋଟାପଡା, ମୟୁରଭଞ୍ଜ



**OFFICE OF THE PRINCIPAL-CUM-SECRETARY**
**BASUDEV SANSKRIT MOHAVIDYALAYA**
**TOTAPADA,ANLA, MAYURBHANJ, 757056, MOB-9438794846**

## ADVERTISEMENT

**AD. NO-691** **Date-28.05.2025**

**INVITATION FOR TENDER**

Sealed quotations are invited from reputed firms / suppliers/ authorized dealers having valid GST registration and PAN/TIN for supply and installation of IT equipment's at the college premises as per Ref No-202469785168k Govt. of Odisha. Dept. of Higher Education dt.05.03.2025. Interested entities are requested to submit their quotations to the undersigned on or before 04.06.2025 at 5pm positively. The quotation will be opened on 05.06.2025 in the college office at 10am.

**Principal- cum- Secretary**
**Basudev Sanskrit Mohavidyalaya**
**Totapada, Mayurbhanj**


# ପାଣିରେ ବୁଡି ପାଞ୍ଚ ବର୍ଷର ଶିଶୁକନ୍ୟା ମୃତ

ବସ୍ତା।୨୮.୫(ନିପ୍ର) ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଖୁଣ୍ଟା ଗ୍ରାମରେ ପାଣିରେ ବୁଡି ୫ ବର୍ଷର ଶିଶୁ କନ୍ୟାର ମୃତ୍ୟୁ। ପିଲାଟି ଘର ପାଖରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ପାଖରେ ଥିବା ପୋଖରୀରେ ପଡ଼ି ବୁଡ଼ି ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ବସ୍ତା ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବେଧଡକ ଭାବେ ଚାଲିଛି ବାଲି ଉତ୍ତୋଳନ: ଆତଙ୍କିତ ପାଳପଡା ଗ୍ରାମବାସୀ



ବାଲିଆପାଳ , ୨୮/୫ (ନି.ପ୍ର): ଦୀର୍ଘ ଦିନରୁ ବାଲିଆପାଳ ବ୍ଲକରେ ଥିବା ନିଖିରା ପଞ୍ଚାୟତ ପାଳପଡା ର ବିଭିନ୍ନ ସ୍ଥାନରେ କିଛି ଅସାଧୁ ବାଲି ମାଫିଆ ଅବାଧରେ ଚୋରା ବାଲି ଉତ୍ତୋଳନ କରିଆସିଛନ୍ତି। ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଉତ୍ତୋଳନ ହେବାରୁ ପାଳପଡା ବନ୍ଧ ପାର୍ଶ୍ୱରେ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ଯାହା ଫଳରେ ଭୟଭୀତ ଅବସ୍ଥାରେ ଗ୍ରାମବାସୀ । ଏହି ବେଆଇନ ବାଲି ଉତ୍ତୋଳନ ବିରୋଧ ରେ ବାରମ୍ବାର ଗ୍ରାମବାସୀ ପ୍ରଶାସନ କୁ ଜଣାଇଲେ ମଧ କୌଣସି ସୁଫଳ ମିଳିନଥିବା ରୁ ଗ୍ରାମବାସୀ ଅସୋନ୍ତୋଷ ପ୍ରକାଶ କରିଛନ୍ତି। ବାଲିଆପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି, ମାଟି ଚୋରା ଚାଲାଣ ହେଉଥିବା ବେଳେ ବାଲିଆପାଳ ରେ ଥିବା ଲଘୁ ଖଣିଜ ଅଧିକାରୀ ହାତ ବାନ୍ଧି ବସିଛନ୍ତି। ବୁଧବାର ଗ୍ରାମରେ କିଛି ସଚେତନ ନାଗରିକ ବାଲି ଉତ୍ତୋଳନ କୁ ବିରୋଧକରି ଟ୍ରାକ୍ଟର ଅଟକାଇବା ସହିତ ପୋଲିସ କୁ ଖବର ଦେଇଥିଲେ। ମାତ୍ର ପୋଲିସ ବିଳମ୍ବରେ ପହଞ୍ଚିବା ସହିତ ଦେଖି ନଦେଖିଲା ପରି ପଳାଇ ଆସିବାର ଗ୍ରାମବାସୀ ଚନ୍ଦ୍ରକାନ୍ତ ଦାସ, ଭଗବାନ ଦାସ, ସୁଶାନ୍ତ ଗିରି, ସନ୍ତୋଷ ଦାସ ଅଧିକାରୀ, ଦେବେନ୍ଦ୍ର ଦାସ, ଗୈରାଙ୍ଗ ଦାସ ନିରଞ୍ଜନ ଦାସ ଅଧିକାରୀ ପ୍ରମୁଖ ଅଭିଯୋଗ କରିଛନ୍ତି। ପୋଲିସ ସରକାରଙ୍କ ରାଜସ୍ୱ କଥା ଚିନ୍ତା ନକରି କେବଳ ନିଜର ପକେଟ୍ ଗରମ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କମଲ ହାସନଙ୍କ ...

'ଅଭିନେତା ଶିବରାଜକୁମାର ଅନ୍ୟ ଏକ ରାଜ୍ୟରେ ରହୁଥିବା ମୋ ପରିବାର... ଆପଣଙ୍କ ଭାଷା ତାମିଲରୁ ଜନ୍ମ ହୋଇଛି। ତେଣୁ, ଆପଣ ସେହି ଧାଡ଼ିରେ ଅନ୍ତର୍ଭୁକ୍ତ।'ସାଂସ୍କୃତିକ ଏକତାର ପ୍ରତୀକ ଭାବରେ ଉଦ୍ଦିଷ୍ଟ ଏହି ମୁହୂର୍ତ୍ତଟି ବରଂ ତୀବ୍ର ବିରୋଧ ସୃଷ୍ଟି କରିଥିଲା। କିଛି ଘଣ୍ଟା ମଧ୍ୟରେ, ଏକ କନ୍ନଡ ସମର୍ଥକ ସଂଗଠନ, କର୍ଣ୍ଣାଟକ ରକ୍ଷଣା ବେଦିକେ, ହାସନଙ୍କୁ କନ୍ନଡ ଭାଷାକୁ ଛୋଟ କରିବା ଏବଂ ତାଙ୍କ ବିରୁଦ୍ଧରେ ତଥା ତାଙ୍କ ଆଗାମୀ ଚଳଚ୍ଚିତ୍ର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଥିଲା। କେଆରଭି ନେତା ପ୍ରବୀଣ ଶେଟ୍ଟୀ ଏକ ଭିଡିଓ ବୟାନରେ କହିଛନ୍ତି, "କମଲ ହାସନ କହିଛନ୍ତି ଯେ ତାମିଲ କନ୍ନଡ ଠାରୁ ଭଲ... ଆମେ କମଲଙ୍କୁ ଚେତାବନୀ ଦେଉଛୁ – ଆପଣ କର୍ଣ୍ଣାଟକରେ ବ୍ୟବସାୟ କରିବାକୁ ଚାହୁଁଛନ୍ତି କି ? ତେବେ କନ୍ନଡକୁ ଅପମାନିତ କରିବା ବନ୍ଦ କରନ୍ତୁ।" ସେ ଆହୁରି କହିଛନ୍ତି, "ଆଜି ଆପଣ ରାଜ୍ୟରେ ଥିଲେ ଏବଂ ପଳାଇଲେ। ଆମେ ଆପଣଙ୍କ ମୁହଁରେ କଳା ରଙ୍ଗ ଲଗାଇବାକୁ ପ୍ରସ୍ତୁତ ଥିଲୁ। ଯଦି ଆପଣ କର୍ଣ୍ଣାଟକ ଏବଂ କନ୍ନଡିଗାମାନଙ୍କ ବିରୁଦ୍ଧରେ କହିବା ଜାରି ରଖନ୍ତି, ତେବେ ବିରୋଧ ପ୍ରଦର୍ଶନ ହେବ। ଆପଣଙ୍କ ଚଳଚ୍ଚିତ୍ର ବ୍ୟାନ୍ ହେବ।" ଶେଟ୍ଟୀ ଅଭିଯୋଗ କରିଛନ୍ତି ଯେ ହାସନ ମୁକାବିଲା ଏଡ଼ାଇବା ପାଇଁ ସମୟ ପୂର୍ବରୁ କର୍ଣ୍ଣାଟକ ଛାଡିଛନ୍ତି ଏବଂ କହିଛନ୍ତି ଯେ ଚଳଚ୍ଚିତ୍ର ପ୍ରମୋସନ ଆଞ୍ଚଳିକ ଗର୍ବର ମୂଲ୍ୟରେ ଆସିପାରିବ ନାହିଁ। ସେ କହିଛନ୍ତି, "ଆପଣ ଏଠାରେ ଆପଣଙ୍କ ଚଳଚ୍ଚିତ୍ର ଦେଖାଇବାକୁ ଚାହୁଁଛନ୍ତି, କିନ୍ତୁ ଆମକୁ ଅପମାନିତ କରୁଛନ୍ତି ? ଏହା ଗ୍ରହଣୀୟ ନୁହେଁ।" ଏହି ବିରୋଧ ଖୁବ୍ ଶୀଘ୍ର ରାଜନୈତିକ ରୂପ ନେଇଥିଲା। କର୍ଣ୍ଣାଟକ ବିଜେପି ରାଜ୍ୟ ସଭାପତି ବି. ୱାଇ. ବିଜୟେନ୍ଦ୍ର ଏହି ମନ୍ତବ୍ୟକୁ 'ଅହଂକାରର ଶୀର୍ଷ' ବୋଲି କହିଛନ୍ତି। ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି, "କଳାକାରମାନେ ସମସ୍ତ ଭାଷାକୁ ସମ୍ମାନ ଦେବାର ସଂସ୍କୃତିକୁ ଗ୍ରହଣ କରିବା ଉଚିତ୍।" "ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ କମଲ ହାସନ, ଯିଏ କନ୍ନଡ ସମେତ ଅନେକ ଭାରତୀୟ ଭାଷାରେ କାମ କରିଛନ୍ତି, ବର୍ତ୍ତମାନ କନ୍ନଡକୁ ଅପମାନିତ କରିଛନ୍ତି।" ଏହି ବିବାଦ ସେବେଠାରୁ ବଢ଼ିବାରେ ଲାଗିଛି। ହାସନଙ୍କ ଚଳଚ୍ଚିତ୍ର ବିରୁଦ୍ଧରେ ବର୍ଜନ ଡାକରା କନ୍ନଡ ସୋସିଆଲ ମିଡିଆ ଚ୍ୟାନେଲରେ ବ୍ୟାପିଛି, ଏବଂ କର୍ଣ୍ଣାଟକର ବିଭିନ୍ନ ଅଞ୍ଚଳର ଥିଏଟର ମାଲିକମାନେ ହାସନ କ୍ଷମା ନମାଗିବା ପର୍ଯ୍ୟନ୍ତ ମଣିରତ୍ନମଙ୍କ ନିର୍ଦ୍ଦେଶିତ 'ଠଗ୍ ଲାଇଫ୍' ପ୍ରଦର୍ଶନ ନକରିବାକୁ ଗୋଷ୍ଠୀମାନଙ୍କ ଠାରୁ ଚାପର ସୂଚନା ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହି ବିବାଦ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କନ୍ନଡ ଭାଷାର ଏକ ବହୁତ ଲମ୍ବା ଇତିହାସ ଅଛି, ଏବଂ ହାସନ ଏହା ବିଷୟରେ ଅଜ୍ଞ ଅଛନ୍ତି। ସିଦ୍ଧରମୈୟା ସାମ୍ବାଦିକମାନଙ୍କୁ କହିଛନ୍ତି, "କନ୍ନଡ ଭାଷାର ଏକ ବହୁତ ଲମ୍ବା ଇତିହାସ ଅଛି... ସେ (କମଲ ହାସନ) ଜାଣନ୍ତି ନାହିଁ।"

### ଏପ୍ରିଲରେ ଶିଳ୍ପ ଉତ୍ପାଦନ...

୨୦୨୪ ପରଠାରୁ ଏହାର ସବୁଠାରୁ ଖରାପ ପ୍ରଦର୍ଶନ। ତେବେ, ଉତ୍ପାଦନ କ୍ଷେତ୍ରରେ ୩.୪% ଅଭିବୃଦ୍ଧି ଦେଖାଯାଇଛି, ଯାହା ତିନି ମାସର ସର୍ବୋଚ୍ଚ ସ୍ତର। ବିଦ୍ୟୁତ୍ କ୍ଷେତ୍ରରେ ଅଭିବୃଦ୍ଧି ଏପ୍ରିଲରେ ୧.୧%କୁ ଧୀମା ହୋଇଛି, ଯାହା ଅଗଷ୍ଟ ୨୦୨୪ ପରଠାରୁ ମଧ୍ୟ ସର୍ବନିମ୍ନ। ସେହିପରି, ପ୍ରାଥମିକ ସାମଗ୍ରୀ ବର୍ଗ ଏପ୍ରିଲରେ ୦.୪% ସଙ୍କୁଚିତ ହୋଇଛି, ଯାହା ଆଠ ମାସର ସର୍ବନିମ୍ନ। ଉଲ୍ଲେଖନୀୟ ଭାବରେ, ପୁଞ୍ଜିଗତ ସାମଗ୍ରୀ କ୍ଷେତ୍ରରେ ଏପ୍ରିଲ୍ ୨୦୨୫ରେ ୨୦.୩% ର ଅତ୍ୟନ୍ତ ଶକ୍ତିଶାଳୀ ଅଭିବୃଦ୍ଧି ଦେଖାଯାଇଛି, ଯଦିଓ ଗତ ବର୍ଷ ଏପ୍ରିଲରେ ଏହା ୨.୮୧% ର ଏକ ନିମ୍ନ ଆଧାର ଉପରେ ଥିଲା। ସ୍ଥାୟୀ ଉପଭୋକ୍ତା ସାମଗ୍ରୀ ବିଭାଗରେ ଅଭିବୃଦ୍ଧି ୬.୪%କୁ ତ୍ୱରାନ୍ୱିତ ହୋଇଛି, ଯାହା ତିନି ମାସର ସର୍ବୋଚ୍ଚ ସ୍ତର। ଅଟୋ କ୍ଷେତ୍ର ମଧ୍ୟ ୧୫.୪% ଅଭିବୃଦ୍ଧି ସହିତ ଉତ୍ପାଦନର ଏକ ପ୍ରମୁଖ ଚାଳକ ଥିଲା। ତେବେ, ଅଣ-ସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ ଏପ୍ରିଲ୍ ୨୦୨୫ରେ ୧.୭% ସଙ୍କୁଚନ ଦେଖାଯାଇଛି, ଯାହା କ୍ରମାଗତ ତୃତୀୟ ତ୍ରୈମାସିକ ସଙ୍କୁଚନ। ବାସ୍ତବରେ, ଗତ ପାଞ୍ଚ ମାସ ମଧ୍ୟରୁ ଚାରି ମାସରେ ଏହି କ୍ଷେତ୍ର ସଙ୍କୁଚିତ ହୋଇଛି।

### ରାଜ୍ୟରେ ପୁଣି ଡରାଇଲାଣି ...

ହୋଇଥିବା ବେଳେ ଜଣେ ଖୋର୍ଦ୍ଧା ଜଟଣୀ ଅଞ୍ଚଳର। ନୂଆ କୋଭିଡ୍ ପଜିଟିଭ୍‌ଙ୍କ ମଧ୍ୟରୁ ୩ ଜଣ ପୁରୁଷ ଓ ଜଣେ ମହିଳା । ଏ ସମସ୍ତ କରୋନା ଆକ୍ରାନ୍ତ ୨୦ରୁ ୩୫ ବର୍ଷ ବୟସ ମଧ୍ୟରେ, ଅର୍ଥାତ୍ ଯୁବଗୋଷ୍ଠୀ । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କୌଣସି ସ୍ଥାନରେ ଅସ୍ୱାଭାବିକ ବୃଦ୍ଧି ଦେଖାଯାଇନି। ଏବେ ରାଜ୍ୟରେ ଦେଖାଦେଉଥିବା କୋଭିଡ୍ ଭାରିଆଣ୍ଟ ଘାତକ ନୁହେଁ । ତେଣୁ ବ୍ୟସ୍ତ କିମ୍ବା ଭୟଭୀତ ହେବାର କାରଣ ନାହିଁ। ଏମିତିକି କୋଭିଡକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ନୂଆ ଗାଇଡ୍ ଲାଇନ୍ ଆସିନି।

### ୧୫ ଦିନ ଆଗୁଆ ...

ଏଥର ସଅଳ ଆସିଛି । ଏହା ପୂର୍ବରୁ ୧୯୯୯ରେ ମେ' ୨୮ ରେ, ଏବଂ ୨୦୦୯ରେ ମେ' ୨୫ରେ ଓଡ଼ିଶା ଛୁଇଁଥିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ସେପଟେ ଏଥର ମୌସୁମୀ ଋତୁରେ ୧୦୬ ପ୍ରତିଶତ ଅର୍ଥାତ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ଆକଳନ କରାଯାଇଥିବାରୁ, ଚାଷ କାମ ପାଇଁ ଏହା ବେଶ୍ ଉପାଦେୟ ହେବ । ଅନ୍ୟପଟେ ରାଜ୍ୟର ଅଧିକାଂଶ ସ୍ଥାନରେ ଜାରି ରହିଛି ଲଘୁଚାପ ଜନିତ ବର୍ଷା । ବଙ୍ଗୋପସାଗରରେ ୱେଲମାର୍କଡ୍ ବା ସ୍ପଷ୍ଟଚିହ୍ନିତ ଲଘୁଚାପ ବଳ ଗୋଟାଉଥିବା ବେଳେ ପୁରୀ, କୋଣାର୍କ, ସୋନପୁର ଆଦି ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଜମି ବର୍ଷା ପାଣି ରହିଛି । ଖଡ଼ିଆଳରେ ପାଣିରେ ବୁଡିଛି ପାଚିଲା ଧାନ, ଆଉ ପାଣି ଭିତରୁ ଧାନ କାଟୁଛି ଚାଷୀ । ବୌଦ୍ଧ କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ପୋଲ ଉପରେ ଚାଲୁଛି ୪ ଫୁଟର ପାଣି, ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି।

### ଆଜୀବନ ଜେଲରେ ...

ପୁଞ୍ଜିଲାଲ ମେହେର ପ୍ରତିଶୋଧ ନେବାକୁ ଏଭଳି ଅମାନବୀୟ କାଣ୍ଡ କରିଥିଲା । ଏବେ କୋର୍ଟଙ୍କ ରାୟ ପ୍ରକାଶ ପରେ ସାମ୍ନାକୁ ଆସିଛି ସେହି ଚର୍ଚ୍ଚିତ ଚିଠି । ନିଜକୁ ଚାଲାକ ଭାବି ଯେଉଁ ଚିଠି ଏସପିଙ୍କ ନିକଟକୁ ଲେଖିଥିଲା, ସେହି ଚିଠି ତାକୁ ଫସାଇ ଦେଇଥିଲା । କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରିଥିଲା । ସେତେବେଳେ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କ ହାତରେ ଚିଠି ଲାଗିବା ପରେ ସାମ୍ନାକୁ ଆସିଛି ପୁଞ୍ଜିଲାଲର ଅସଲ ଚେହେରା ।

### ଶଶି ଥରୁରଙ୍କୁ 'ବିଜେପିର...

ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାର ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟର ଶ୍ରେୟ ନେଉଛନ୍ତି। ଶ୍ରୀ ରାଜ କହିଛନ୍ତି, "କଂଗ୍ରେସ ସାଂସଦ ଶଶି ଥରୁର ବିଜେପିର ସୁପର ମୁଖପାତ୍ର, ଏବଂ ବିଜେପି ନେତାମାନେ ଯାହା କହୁନାହାଁନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସରକାରଙ୍କ ସପକ୍ଷରେ ଶଶି ଥରୁର ତାହା କରୁଛନ୍ତି। ସେ (ଥରୁର) ଜାଣିଛନ୍ତି କି ପୂର୍ବ ସରକାରମାନେ କ'ଣ କରୁଥିଲେ ? ସେମାନେ (କେନ୍ଦ୍ର ସରକାର) ଭାରତୀୟ ସଶସ୍ତ୍ର ବାହିନୀର ଶ୍ରେୟ ନେଉଛନ୍ତି। ଶଶି ଥରୁର ବିଜେପିର ପ୍ରଚାର ଷ୍ଟଣ୍ଟର ମୁଖପାତ୍ର ପାଲଟିଛନ୍ତି।" ଶ୍ରୀ ଥରୁର, ଯିଏ ଏକ ବିଶ୍ୱସ୍ତରୀୟ ସମ୍ପର୍କ କାର୍ଯ୍ୟକ୍ରମରେ ଏକ ବହୁଦଳୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି, ନିକଟରେ ପାନାମାରେ କହିଥିଲେ ଯେ ଭାରତ ନିକଟ ବର୍ଷଗୁଡ଼ିକରେ ନିଜର ପଦ୍ଧତି ବଦଳାଇଛି, ଏବଂ ଆତଙ୍କବାଦୀମାନେ ମଧ୍ୟ ଅନୁଭବ କରିଛନ୍ତି ଯେ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ। ତାଙ୍କ ଅଭିଭାଷଣରେ କଂଗ୍ରେସ ସାଂସଦ କହିଛନ୍ତି, "ନିକଟ ବର୍ଷଗୁଡ଼ିକରେ ଯାହା ବଦଳିଛି ତାହା ହେଉଛି ଆତଙ୍କବାଦୀମାନେ ମଧ୍ୟ ଅନୁଭବ କରିଛନ୍ତି ଯେ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ; ସେଥିରେ କୌଣସି ସନ୍ଦେହ ନାହିଁ। ଯେତେବେଳେ ପ୍ରଥମ ଥର ପାଇଁ ଭାରତ ଏକ ଆତଙ୍କବାଦୀ ଆଡ୍ଡା, ଏକ ଲଞ୍ଚ ପ୍ୟାଡ୍ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିବା ପାଇଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ନିୟନ୍ତ୍ରଣ ରେଖାକୁ ଅତିକ୍ରମ କରିଥିଲା – ସେପ୍ଟେମ୍ବର ୨୦୧୫ରେ ଉରି ଆକ୍ରମଣ। ତାହା ପୂର୍ବରୁ ଆମେ କେବେ କରିନଥିଲୁ।

### ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ...

ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ମାମଲାର ତଦନ୍ତ କରୁଥିବା ଜଣାପଡ଼ିବା ପରେ, ଜଷ୍ଟିସ କାନ୍ତ ଜାଣିବାକୁ ଚାହିଁଥିଲେ ଯେ ଦଳ ପୋଷ୍ଟଗୁଡ଼ିକର ବିଷୟବସ୍ତୁ ଯାଞ୍ଚ କରିଛି କି ନାହିଁ। ଖଣ୍ଡପୀଠ ରାଜ୍ୟ ପାଇଁ ହାଜର ହୋଇଥିବା ଆଇନଜୀବୀଙ୍କୁ ତଦନ୍ତ ସମାପ୍ତ ହେବା ପରେ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ତେବେ, ସିବଲ ଆଶଙ୍କା ପ୍ରକାଶ କରିଥିଲେ ଯେ ପୋଲିସ ଅନ୍ୟାନ୍ୟ ବିଷୟରେ ମଧ୍ୟ ତଦନ୍ତ ଆରମ୍ଭ କରିପାରେ। ଅଦାଲତ ତା'ପରେ ନିର୍ଦ୍ଦେଶ ଦେଇଥିଲେ ଯେ ଏସଆଇଟି ତଦନ୍ତ କେବଳ ଆବେଦନର ବିଷୟବସ୍ତୁ ଥିବା ଦୁଇଟି ପ୍ରଥମ ସୂଚନା ରିପୋର୍ଟର ବିଷୟବସ୍ତୁ ମଧ୍ୟରେ ସୀମିତ ରହିବ ଏବଂ ରିପୋର୍ଟ ପ୍ରଥମେ ଅଦାଲତରେ ଦାଖଲ କରାଯିବ। ଅଦାଲତ ହରିୟାଣା ରାଜ୍ୟ ଆଇନଜୀବୀଙ୍କୁ ମଧ୍ୟ ପଚାରିଥିଲେ ଯେ ଗିରଫଦାରୀକୁ ବିଚାରକୁ ନେଇଥିବା ମାନବ ଅଧିକାର ଆୟୋଗକୁ ରାଜ୍ୟ ଏପର୍ଯ୍ୟନ୍ତ ଜବାବ ଦେଇଛି କି ନାହିଁ। ଜଷ୍ଟିସ କାନ୍ତ ପଚାରିଥିଲେ, "ଆମେ ପଢ଼ିଛୁ ଯେ ମାନବ ଅଧିକାର ଆୟୋଗ ଏଫଆଇଆର ପଞ୍ଜୀକରଣର ଢଙ୍ଗକୁ ବିଚାରକୁ ନେଇଛି। ଆପଣ ଜବାବ ଦେଇଛନ୍ତି କି ?" ଏବଂ ଆଇନଜୀବୀଙ୍କୁ କହିଥିଲେ, "ଆପଣ ଆମକୁ ସେ ବିଷୟରେ ମଧ୍ୟ କୁହନ୍ତୁ।" ଅପରେସନ ସିନ୍ଦୂର ଉପରେ ତାଙ୍କର ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଦୁଇଟି ଏଫଆଇଆର ପରେ ମେ ୧୮ ତାରିଖରେ ମହମୁଦାବାଦଙ୍କୁ ଗିରଫ କରାଯାଇଥିଲା, ଯାହା ଭାରତୀୟ ସଶସ୍ତ୍ର ବାହିନୀର ମହିଳା ଅଧିକାରୀମାନଙ୍କୁ ଅପମାନିତ କରିଥିବା ଅଭିଯୋଗ ହୋଇଥିଲା। ମେ ୨୧ ତାରିଖରେ, ସର୍ବୋଚ୍ଚ ଅଦାଲତ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ କିନ୍ତୁ ଏଫଆଇଆର ସମ୍ବନ୍ଧୀୟ ତଦନ୍ତ ଉପରେ ରୋକ ଲଗାଇବାକୁ ମନା କରିଦେଇଥିଲେ।

### ଅଞ୍ଜଳି ପଣ୍ଡାଙ୍କ...

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସମ୍ମାନନୀୟ ଅତିଥ୍ୟ ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜର ପ୍ରତିଛବି ସମ୍ବଳିତ ଏହି ପୁସ୍ତକ ପାଠକଙ୍କ ମନକୁ ବେଶ ଛୁଇଁବ ବୋଲି ଆଶା ପ୍ରକାଶ କରିଥିଲେ । ଗଳ୍ପଗ୍ରନ୍ଥ 'ସୁବର୍ଣ୍ଣା'ର ରଚୟିତା ଅଞ୍ଜଳି ପଣ୍ଡା ନିଜର ଲେଖକୀୟ ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅକ୍ଷାଂଶ ପ୍ରକାଶନୀର ମୁଖ୍ୟ ଡ. ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ମତ ରଖିଥିବାବେଳେ ପ୍ରାରମ୍ଭରେ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ କବି ଦୀପକୁ ବୋଷ ପ୍ରାକ କଥନ ରଖୁଥିଲେ । ଉପସ୍ଥିତ ଅତିଥି ଓ ବିଶିଷ୍ଟ ବ୍ୟକ୍ତି ସୁଧାସିନ୍ଧୁ ପଣ୍ଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଇତିଶ୍ରୀ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସାରସ୍ୱତ ସାଧକ, କବି, ଗାଳ୍ପିକ, ଲେଖକ, 'ସମାଜସେବୀ ଏଥିରେ ଯୋଗଦେଇଥିଲେ। ଶ୍ରୀ ପଣ୍ଡାଙ୍କ ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ପରିବାର ସଦସ୍ୟ ପରିଚାଳନା କରିଥିଲେ ।

### ଟ୍ରମ୍ପଙ୍କ କାନାଡାକୁ ...

କଠୋର ଆଭିମୁଖ୍ୟ ମାଧ୍ୟମରେ କାନାଡାରେ ନିକଟରେ ଅନୁଷ୍ଠିତ ନିର୍ବାଚନରେ ଜିତିଥିଲେ। କିନ୍ତୁ ଗତ ସପ୍ତାହରେ କାର୍ନି ଏହି କାର୍ଯ୍ୟକ୍ରମର ଅଂଶ ହେବାକୁ ଏବଂ କାନାଡା ପାଇଁ 'ଗୋଲଡେନ୍ ଡୋମ୍' ସୁରକ୍ଷିତ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। କାନାଡାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଥିଲା ଯେ ମାର୍କ କାର୍ନି ଏବଂ ତାଙ୍କ ମନ୍ତ୍ରୀମାନେ ଆମେରିକା ସହିତ ଏକ ନୂତନ ନିରାପତ୍ତା ଏବଂ ଅର୍ଥନୈତିକ ସମ୍ପର୍କ ବିଷୟରେ ଆଲୋଚନା କରୁଛନ୍ତି।

ଗୁରୁବାର, ମଇ ୨୯, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ

ଉଦଳା , ୨୮/୫ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଢ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ଅଣ୍ଡିଆଟିକିରା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦାସରଥି ମୁର୍ମୁଙ୍କର ୧୩ ବର୍ଷ ବୟସର କନ୍ୟା 'ମାଳତି' ପାଠ ପଢ଼ାରେ ଡୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ 'ମାଳତି' ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ପରେ ୬ଷ୍ଠ ଶ୍ରେଣିରେ ନାମ ଲେଖାଇବାକୁ ଯିବାରୁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । 'ମାଳତି' ଆଧାର କାର୍ଡ଼ ଦେଖାଇ ନପାରିବାରୁ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକ ଠୋକ ମନା କରି ଶିକ୍ଷକ ବିଦା କରିଦେଲେ । ଫଳରେ ଅନ୍ୟ କୌଣସି ଉପାୟ ନପାଇ ଆଜକୁ ଦୁଇ ବର୍ଷ ହେବ 'ମାଳତି' ପାଠ ପଢ଼ାରେ ଢ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ସେହିପରି ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତା ମୂଳକ ନୁହେଁ ବୋଲି ସରକାର ନିୟମିତ ଢ଼ୋଲ ପିଟୁଛନ୍ତି । ଅଥଚ 'ମାଳତି'ଙ୍କ ପରି ଆଧାର କାର୍ଡ଼ ପାଇଁ ପାଠ ପଢ଼ାରେ ଢ଼ୋରି ବାନ୍ଧୁଥିବା ବହୁ ସଂଖ୍ୟାରେ ପିଲା ପ୍ରତିଦିନ ଦେଖିବାକୁ ମିଳୁଛନ୍ତି । ସେହିପରି ପରିବାରକୁ ମିଳିଥିବା ରାସନ



କାର୍ଡ଼ରେ 'ମାଳତି'ଙ୍କ ନାମ ଯୋଡ଼ାଯାଇ ପାରୁନଥିବାରୁ ସେ ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଆଦିବାସି ପିଲାମାନେ ପାଠ ପଢ଼ିବା ପାଇଁ ଏହି ଭଳି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା କାହିଁକି ଚୁପ ମାରି ବସିଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି । ବିଭାଗିୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବର୍ଜ୍ୟ ବସ୍ତୁର ସୁପରିଚାଳନା ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୨୮/୫ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ, ପୁଣ୍ୟଶ୍ଳୋକ ରଥଙ୍କ ତତ୍ତ୍ୱାବଧାନରେ ବର୍ଯ୍ୟବସ୍ତୁର ସୁପରିଚାଳନା ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ପୁରୁଣାବଜାର ନଙ୍ଗାମହଲାସ୍ଥିତ ଫେଲୋସିପ୍, ଶିଶୁ ଯତ୍ନଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମର ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ବିଭିନ୍ନ ବସ୍ତୁ ଯାହାକି ଆମେ ବାହାରେ ଫିଙ୍ଗିଦେଇଥାଉ ଅଥବା ପୋଡ଼ି ଦେଇଥାଉ ମାତ୍ର ସେହି ବର୍ଯ୍ୟବସ୍ତୁରୁ ବହୁତ ଗୁଡ଼ିଏ ସୁନ୍ଦର ପଦାର୍ଥ ଆମେ ତିଆରି କରି ପୁନଃ ଚକ୍ରିକରଣ ପ୍ରକ୍ରିୟା ମାଧ୍ୟମରେ ଆମେ ସେହିସବୁ ବର୍ଯ୍ୟବସ୍ତୁର ସୁପରିଚାଳନା





କରିପାରିବା। ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ଏଲ୍.ଏ.ଡି଼ସ୍.ଏସ୍. ସହାୟକ, ଭଦ୍ରକ,ଏସ୍.ଏମ୍. ଫାରୁକ୍, ସଂପାଦକ, ଫେଲୋସିପ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ନିର୍ଦ୍ଦେଶକ, ଫେଲୋସିପ୍, ଭଦ୍ରକ, ତାପସ କୁମାର ସାମଲ, କାର୍ଯ୍ୟକାରୀ ଅଧିକାରୀ, ଭଦ୍ରକ ମ୍ୟୁନିସ୍‌ପାଲିଟି, ଆଶିଷ କୁମାର ମହାପାତ୍ର, ବିଷ୍ଣୁପ୍ରସାଦ ବେହେରା, ବିକ୍ରମ ବଳ, ସାନିଟେସନ୍ ଅଧିକାରୀ ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର କର୍ମଚାରୀଗଣ ଏବଂ ପି.ଏଲ୍.ଭି. ଅର୍ଣ୍ଣପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳୀ ବେହେରା, ସସ୍ମିତା ବାରିକ୍, ଉର୍ମିଳା ପଣ୍ଡା, ମଧୁସ୍ମିତା ମଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାମାନେ ପୁରୁଣା ବର୍ଯ୍ୟବସ୍ତୁରୁ ବହୁତ ସୁନ୍ଦର ଜିନିଷମାନ ଯଥା ବିଞ୍ଚଣା, ଫୁଲଦାନି, ତୋରଣ ଭଳି ଜିନିଷ ତିଆରି କରିଛନ୍ତି ଯାହାକି ଅତ୍ୟନ୍ତ ଉତ୍ସାହ ଜନକ କାର୍ଯ୍ୟ ଯାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଶେଷରେ ଫେଲୋସିପ୍‌ରେ ଥିବା ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା।

# ନୀଳଗିରି ରଥଯାତ୍ରା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ପ୍ରତାପ ଷଡଙ୍ଗୀ



ନୀଳଗିରି , ୨୮/୫ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ପାଇଁ ରାଜ୍ୟ ଆଇନ, ଅବକାରୀ ଏବଂ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ପାଣ୍ଠି ଯୋଗାଇ ଦେବାକୁ ଚିଠିଲେଖି ଅନୁରୋଧ କରିଛନ୍ତି ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ରାଜ୍ୟର ତୃତୀୟ ସର୍ବବୃହତ ନୀଳଗିରି ଜଗନ୍ନାଥଙ୍କ ରଥଯାତ୍ରାକୁ ସରସସୁନ୍ଦର କରିବା ସହିତ ଏହାର ସୁପରିଚାଳନା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଏନେଇ ମନ୍ତ୍ରୀଙ୍କୁ ଗତ ମଇ୨୪ତାରିଖ ଚିଠି ଲେଖିଥିବା ଜଣାଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ନୀଳଗିରି ରଥଯାତ୍ରା ମହାଧୁମଧାମରେ ପାଳନ ହେଉଥିବା ବେଳେ ଏହାକୁ ସୁରୁଖୁରୁରେ ପାଳନକରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ବାଲେଶ୍ୱର ସାଂସଦ ମନ୍ତ୍ରୀଙ୍କୁ ଚିଠିଲେଖି ପାଣ୍ଠିଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ପୃଥକ ପୃଥକ ଦୁଇଟି ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ

ବସ୍ତା, ୨୮/୫ (ନି.ପ୍ର): ୬୦ ନଂ ଜାତୀୟ ରାଜପଥ ଦଣ୍ଡିକା ନିକଟରେ ବାଇକ ଧକ୍କା ରେ ମହିଳା ମୃତ। ମହିଳା ଜଣକ ବସରୁ ଓହ୍ଲାଇ ରାସ୍ତା ପାର ହେଉଥିବା ସମୟରେ ଧକ୍କା ଦେଇଥିଲା ବାଇକ। ଘଟଣା ସ୍ଥଳରେ ମହିଳା ଜଣକ ଗୁରୁବାର ହୋଇ ପଡ଼ିଥିଲେ। ରାଜପଥ ପେଟ୍ରୋଲିଂ ଭ୍ୟାନ ପହଞ୍ଚି ବସ୍ତା ଡ଼ାକ୍ତରଖାନାରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ରାସଗୋବିନ୍ଦପୁର ଥାନା ରାଜଘାଟ ଗାଁ ଅମର୍ଦା ରାସ୍ତା ରେ ବାଇକ ଦୂର୍ଘଟଣା ରେ ଯୁବକ ମୃତ। ମୃତକ ଜଣକ ସିଂଲା ଥାନା ପଳସିହି ଗ୍ରାମର ରବିନ୍ଦ୍ର ପତି। ସେ ବାରିପଦାରୁ ଭଣଜାର ବ୍ରତଘର ସାରି ଫେରୁଥିବା ବେଳେ ଘଟିଥିଲା ଦୁର୍ଘଟଣା।

# ବରପଦା ଓ ଅଣ୍ଡାଇଲୋରେ ଯୋଗ ସଙ୍ଗମ-୨୦୨୫ ପ୍ରସ୍ତୁତି

ଖଇରା, ୨୮/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ଜୋନ ଅଧୀନ ବରପଦା ଗ୍ରାମରେ ଓ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ଆଗାମୀ ଜୁନ ୨୧ ତାରିଖ ଯୋଗ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବରପଦା ଆୟୁର୍ବେଦିକ ଡାକ୍ତରଖାନା ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ ବୈଠକରେ "ଯୋଗ ସଙ୍ଗମ-୨୦୨୫" ପାଳନ ପାଇଁ ୨୫ଦିନିଆ ଯୋଗ ପୁର୍ବାଭ୍ୟାସ ଉପରେ ଆଲୋଚନା କରାଯାଇଥିଲା । ଡାକ୍ତର ଦୁର୍ଗେସ ନନ୍ଦିନୀ ବାସ୍କେ ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଯୁବ,ଛାତ୍ରଛାତ୍ରୀ, ଆଶା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଏଥିସହ ଔଷଧୀୟ ବୃକ୍ଷ ପ୍ରଦାନ ସହ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ସେହିଭଳି ସାରଡାଙ୍ଗ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ସୁଶ୍ରୀ ସଙ୍ଗିତା ମାହାନ୍ତ ଓ ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଉପସ୍ଥିତିରେ ୨୫ ଦିନିଆ ଯୋଗ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇ ଯାଇଛି । ରୋଗ ଅନୁସାରେ ଯୋଗ ପ୍ରଶିକ୍ଷଣ, ଶୁଦ୍ଧ ଆହାର, ସମ୍ମନ୍ଦିତ ବିଚାର ମାଧ୍ୟମରେ କିଭଳି ଶାରିରୀକ, ମାନସିକ ଓ ଆତ୍ମିକ ଶାନ୍ତି ମିଳି ପାରିବ ସେ ସମ୍ପର୍କରେ ଯୋଗ ଗୁରୁ ପାଣିଗ୍ରାହୀ ଆବଶ୍ୟକ ପରାମର୍ଶ ଦେଇଥିଲେ । ଆଶା କର୍ମୀ ବୈଜୟନ୍ତୀ ନାୟକ, ଅଙ୍ଗନୱାଡି କର୍ମୀ କମଳିନୀ ସାମଲ ଙ୍କ ତତ୍ୱାବଧାନରେ ଏହି ବୈଠକ ସମ୍ପର୍ଣ୍ଣ ହୋଇଥିଲା ।



# ହୃଦଘାତରେ ଅବସରପ୍ରାପ୍ତ ଅମିନଙ୍କ ଅକାଳ ବିୟୋଗ

ନୀଳଗିରି, ୨୮/୫ (ନି.ପ୍ର): ଜଡିଦା ପଞ୍ଚାୟତ ଜଦିଡା ଗାଁ ଜୈନିକ ଅବସରପ୍ରାପ୍ତ ଅମିନଙ୍କ ହୃଦଘାତରେ ଅକାଳ ବିୟୋଗ ହୋଇଯାଇଛି ।ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଧିନସ୍ଥ ଜଡିଦା ଗ୍ରାମର କାର୍ତ୍ତିକ ଚନ୍ଦ୍ର ରାଉତ(୭୭) ଙ୍କର ମଙ୍ଗଳବାର ରାତିରେ ହଠାତ ଛାତିଯନ୍ତ୍ରଣା ହେବାରୁ ପରିବାର ଲୋକେ ପ୍ରଥମେ ବାଲେଶ୍ୱର ଡାକ୍ତରଖାନାକୁ ନେଇଥିଲେ ।ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଆଜି ସକାଳ ୮.୩୦ମିନିଟ ସମୟରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା। ଅପରାହ୍ନ ୧ଘଟିକା ସମୟରେ ମରଶରୀର ପୋଡାଶୁଳ ବଜାରରେ ପହଁଚିବା ପରେ ଏକ ଶୋଭାଯାତ୍ରାରେ ଗାଁ ମଶାଣି ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିବା ବେଳେ ପୁତୁରା ରବୀନ୍ଦ୍ର ରାଉତ ମୁଖାଗ୍ନି ଦେଇଛନ୍ତି। ଶ୍ରୀ ରାଉତ ରାଜସ୍ୱ ବିଭାଗରେ ଅମିନ ଭାବେ ଚାକରିକରି ଅବସର ନେଇଥିଲେ। ସେ ଜଣେ ମିଷ୍ଟଭାସି, ମେଳାପୀ, ପରଉପକାରୀ, ବନ୍ଧୁବର୍ଷଳ ଥିଲେ। ତାଙ୍କ ମୃତ୍ୟୁ ରେ ପରିବାର, ବନ୍ଧୁ ବାନ୍ଧବ ସହିତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉତ୍କଳ ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ଶାଖା ତଥା ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ଗଣ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା , ୨୮/୫ (ନି.ପ୍ର): ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ଭ୍ରଷ୍ଟାଚାରୀ ଦୁର୍ନୀତିଖୋର ଙ୍କ ଦୌରାତ୍ମ୍ୟା ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଥର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଅମାନୁଷିକ ଭାବେ ମାଡ ମାରିବା ଘଟଣା ନଜିର ରହିଥିବା ବେଳେ ପୁଣି ଆଉ ଏକ ଘଟଣା ସାରା ଓଡ଼ିଶାରେ ଚହଳ ଖେଳାଇଦେଇଛି। ପୁଣି ଥରେ ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥୋପାଲ୍ଲୀରେ ବଡ଼ ଖବର ଗଣମାଧ୍ୟମର ପ୍ରତିନିଧ ବିଜୟ ପ୍ରଧାନଙ୍କୁ ଗୋଡ଼ ହାତ ବାନ୍ଧି ବର୍ବରଚିତ ଆକ୍ରମଣ କରିବା ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା ନେଇ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ଉତ୍ତେଜନା ଦେଖା ଦେଇଛି। ଜଣେ ବରିଷ୍ଠ ସାମ୍ବାଦିକ ଙ୍କୁ ହାତ ଗୋଡ ବାନ୍ଧି ଅମାନୁଷିକ ଭାବେ ମୁହଁକୁ ଗୋଇଁଠା ମାରିବ ଦୃଶ୍ୟ ଅତି ନିନ୍ଦନୀୟ ଏନେଇ ସାମ୍ବାଦିକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାର ତିନି ଦିନ ବିତିଯିବା ପରେ ମଧ ମୂଖ୍ୟ ଅଭିଯୁକ୍ତ ଠିକାଦାର ଲଜେନ୍ଦ୍ର ବଜେଇଙ୍କୁ ବଲାଙ୍ଗୀର ପୁଲିସ ଧରିବାରେ ସକ୍ଷମ ହୋଇନାହିଁ । ଏହି ପରିପ୍ରେକ୍ଷୀରେ ଆଜି ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତଥା ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ଗଣ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଗଲାଥିଲା। ଏହି ଦାବିପତ୍ରରେ ବିଶେଷ କରି ମୂଖ୍ୟ ଆସାମୀକୁ ଗିରଫ କରାଯିବା ସହ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣ ଘଟଣା ପରୀପ୍ରେକ୍ଷୀରେ ତଥା ମୁକ୍ତ ସାମ୍ବାଦିକତାକୁ ସୁରକ୍ଷା ଦେବାର ପ୍ରତିବଦ୍ଧତା ସ୍ୱରୂପ ରାଜ୍ୟରେ 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ ନେଇ ଦାବି କରିଥିଲେ କାର୍ଯ୍ୟରତ ମୟୂରଭଞ୍ଜ ସାମ୍ବାଦିକ। ଏହି କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ପଟ୍ଟନାୟକ, ମୋନଜ ପଣ୍ଡା, ଅକ୍ଷୟ ଅଗ୍ରୱାଲ, ସୁକାନ୍ତ ସାହୁ, ଶ୍ରୀକାନ୍ତ ସାହୁ, ଲକି ଜେନା, ସୁକାନ୍ତ ଜିୟୁ, କବି ବିଷ୍ଣୁ ଶତପଥୀ, ରାଧାଶ୍ୟାମ ପ୍ରଧାନ ବିଶ୍ୱଜିତ୍ ମହାନ୍ତି, ରୁପମ ସ୍ୱାଇଁ, ଅବିନାଶ ମହାନ୍ତି, ତପନ ଦଣ୍ଡପାଟ, ଚିତ୍ତରଂଜନ ବେହେରା, ଦଳଗୋବିନ୍ଦ ନାଏକ, ସଞ୍ଜୟ କୁମାର ବାରିକ, ଦୀପକ ମୁଦୁଲି, ଭକ୍ତିରଂଜନ ପଣ୍ଡା ସମେତ ଜିଲ୍ଲାର କୋଣ ଅନୁକୋଣରେ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।



# ବିନା ସୂଚନା ଫଳକରେ ଚାଲିଛି ୩୦ କୋଟିର ରାସ୍ତା କାମ

ବାଲିଆପାଳ, ୨୮/୫ (ନି.ପ୍ର): ଗ୍ରାମାଞ୍ଚଳର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା। କିନ୍ତୁ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାର ଓ ଯନ୍ତ୍ରୀ ହେଉଛନ୍ତି ମାଲାମାଲ। ଏମିତି ଏକଘଟଣା ପରିଲକ୍ଷିତ ହେଉଛି ଲଙ୍ଗଳେଶ୍ୱର ଠାରୁ କଷାଫଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ। ଏଇ ରାସ୍ତା ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାପରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୩୦କୋଟି ଟଙ୍କା। ପାଞ୍ଚ କିଲୋମିଟର କଂକ୍ରିଟ ଓ ୧୦କିଲୋମିଟର ପିଚୁ ସହିତ ଓସାରିଆ ଦୁଇ ଟିକିଆ ରାସ୍ତା ନିର୍ମାଣ ହେବ। ପ୍ରାୟ ଏକ ବର୍ଷ ହେବ ରାସ୍ତା କାମ ଆରମ୍ଭ ହୋଇ ଚାଲିଥିଲେ ହେଁ ଏଯାଏ ସୂଚନା ଫଳକ ଲାଗିନାହିଁ। ରାସ୍ତାର ଦୁଇ ପାଖରେ ଲୁଣି ମାଟି ପଡୁଥିବା ବେଳେ ମଲା ପଥର ମେଟାଲ ସହିତ କାର୍ଯ୍ୟ ନିମ୍ନ ମାନର ହେଉଛି। ଦୀର୍ଘ ଏକ ବର୍ଷ ଧରି ମନ୍ଥର ଗତିରେ କାର୍ଯ୍ୟ ଚାଲୁଥିବାରୁ ଯାତାୟତରେ ଲୋକେ ବହୁତ ହଇରାଣ ହରକତ ହେଉଛନ୍ତି। ପ୍ରତିଦିନ ରାସ୍ତାରେ ଧୂଳି ଏତେ ଜୋରରେ ଉଡୁଛି ଯେ ଯିବା ଆସିବା ଲୋକ ସହିତ ରାସ୍ତା ପାଖ ଲୋକ ଅସ୍ତବ୍ୟସ୍ତ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଲଙ୍ଗଳେଶ୍ୱର ଠାରୁ ଗଞ୍ଜା ପର୍ଯ୍ୟନ୍ତ ଡ୍ରେନ କାମଟି ସବୁଠୁ ନିମ୍ନ ମାନର ହେଉଛି। ଡ୍ରେନ ସାଇଟରେ ବାଲି ନ ପକେଇ ମାଟି ପଡୁଛି ଯାହାକି ରାସ୍ତା କିଛିଦିନ ପରେ ଦବିଯିବାର ସମ୍ଭାବନା ରହିଛି। ଡ୍ରେନର ସାଇଜ ଠିକ ହେଉ ନାହିଁ କାର୍ଯ୍ୟ ଦେଖିବା ପାଇଁ ସରକାରୀ ଅଫିସର କେହି ଆସୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମିସ୍ତ୍ରୀ ଲେବର ସେମାନେ ତାଙ୍କ ମନ ଇଚ୍ଛା କାମ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏଯାଏଁ କିଛି ସୁଫଳ ମିଳୁ ନାହିଁ ବୋଲି ଅଭିଯୋଗ ହୋଇଛି। ଫରଚ୍ୟୁନ ଗ୍ରୁପ ୪%ଲେସରେ କାର୍ଯ୍ୟ ନେଇ ବାଲିଆପାଳର ଅନ୍ୟ ଜଣେ ପାସି ଠିକାଦାରକୁ କାର୍ଯ୍ୟଭାର ଦେଇଥିବାର ଜଣାପଡିଛି। ଲୋକଙ୍କୁ ଅନ୍ଧାରରେ ରଖି ଯନ୍ତ୍ରୀ ଓ ଠିକାଦାର ମନମୁଖୀ କାର୍ଯ୍ୟ ଚଳାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଖୁବଶୀଘ୍ର କାର୍ଯ୍ୟର ସୂଚନା ଫଳକ ନ ଲଗାଇଲେ ଅଞ୍ଚଳ ବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ସାହୁଙ୍କୁ ଏ ବିଷୟରେ ପଚାରିବାରୁ କାର୍ଯ୍ୟଠିକ ଚାଲିଛି ମାନ ହ୍ରାସ କରାଯାଉନାହିଁ ବୋଲି ସେ କହିଛନ୍ତି।



# ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



## ୰ ବିଦ୍ୟୁତଲତା ସାହୁ

ଆବିର୍ଭାବ: ୧୧/୧୧/୧୯୪୪
ତିରୋଧାନ: ୦୮/୦୬/୨୦୨୪
ଗନ୍ଧର୍ବସାହୁ ଲେନ୍, କଲ୍ୟାଣୀନଗର, କଟକ-୧୩

ଚାହୁଁ ଚାହୁଁ ଆମ ଜୀବନର ଏକ ବର୍ଷ ବିତିଗଲାଣି ତୁମ ବିନା । ତୁମେ ଥିଲ ଆମ ସମସ୍ତଙ୍କର ଆଦର୍ଶ ଓ ପ୍ରେରଣା। ତୁମ ଅଫୁରନ୍ତ ସ୍ନେହ, ପ୍ରେମ, ମମତାରେ ତୁମେ ଆମକୁ ବାନ୍ଧି ରଖିଥିଲ ଶେଷଯାଏ । ଆଜି ତୁମ ଅବର୍ତ୍ତମାନରେ ଆମେ ସବୁ ଦିଶା ଶୂନ୍ୟ । ତମେ ସେଇ ଦିବ୍ୟାଲୋକରେ ଥାଇ ଆମକୁ ଆଶୀର୍ବାଦ କର । ତୁମ ଆଦର୍ଶରେ ଆମକୁ ଅନୁପ୍ରାଣିତ କର। ତୁମ ଆତ୍ମା ମୋକ୍ଷ ଲାଭ କରୁ, ତୁମେ ଦିବ୍ୟତ୍ୱ ପ୍ରାପ୍ତ କର ।

ଆଶୀର୍ବାଦ ପ୍ରାର୍ଥନାରେ : ଲକ୍ଷ୍ମୀଧର, ଶୈଳବାଳା, ବାସନ୍ତୀ (ଦିଅର ଓ ଯା')
ଶ୍ରୁତି, ପ୍ରୀତମ୍ , ଦେବଦତ୍ତ, ସୌମ୍ୟରଞ୍ଜନ, ସ୍ନେହା, ସ୍ମୃତିରଞ୍ଜନ, କିଶନ, ଅନିନ୍ଦ୍ୟ,
ଆଦିତ୍ୟ, ରୀତିକା, ଶ୍ରୀୟଂଶ (ନାତି, ନାତୁଣୀ, ନାତୁଣୀଜ୍ୱାଇଁ ଓ ନାତୁଣୀବୋହୂ)
ଚିକୁ ଓ ଶୀତୁ (ଅଣନାତୁଣୀ)
ଓ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida